CMYK

* Vol.- 46, Issue No. 90
* Tuesday, 30 June 2026
* ମଙ୍ଗଳବାର, ୩୦ ଜୁନ ୨୦୨୬
* Bhubaneswar
* Price: Rs. 2.00, Page: 8
* R.N.I. Regd. No. 34063/81
* Postal Regd. No. BN/79/18-20
* Online Portal: www.dinalipi.com
* Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି

THE DINALIPI

https://www.facebook.com/dinalipilive
www.youtube.com/@dinalipilive
https://www.dinalipi.com
https://www.dinalipiepaper.com
https://www.dinalipi.in
twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com



ପୁରୀରେ ମହାପ୍ରଭୁଙ୍କ ଦୁର୍ଲ୍ଲଭ ଗଜାନନ ବେଶ ।



ବଡ଼ଦାଣ୍ଡରେ ଶ୍ରଦ୍ଧାଳୁଙ୍କ ଗହଳଚହଳ । (ଫଟୋ-ଦିନଲିପି)

### ଶ୍ରୀକ୍ଷେତ୍ରରେ ସ୍ନାନଯାତ୍ରା ସମ୍ପନ୍ନ

# ଗଜାନନ ବେଶରେ ମହାପ୍ରଭୁ

## ✸ ଭାବ ବିହ୍ୱଳ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ✸ ଦର୍ଶନ ପରେ ରାଜ୍ୟବାସୀଙ୍କ ମଙ୍ଗଳ କାମନା କଲେ ମୁଖ୍ୟମନ୍ତ୍ରୀ

ପୁରୀ,୨୯।୬(ନିପ୍ର): ପ୍ରତିଦିନ ରତ୍ନ ସିଂହାସନରେ ବିମ୍ବସ୍ନାନ କରୁଥିବା ମହାପ୍ରଭୁ ଆଜି ଜ୍ୟେଷ୍ଠ ଶୁକ୍ଲ ପକ୍ଷ ଦେବ ସ୍ନାନ ପୂର୍ଣ୍ଣମା ତିଥିରେ ପ୍ରତ୍ୟକ୍ଷ ସ୍ନାନ କରିଛନ୍ତି । ଖରା ଓ ମେଘୁଆ ପାଗର ଲୁଚକାଳି ଚାଲିଥିଲା। ସ୍ନାନ ବେଦୀରେ ଦିବ୍ୟ ସ୍ନାନ ପରେ ଗଜାନନ ବେଶ ଦେଖି ଭାବ ବିହ୍ୱଳ ହୋଇ ପଡ଼ିଥିଲେ ଭକ୍ତ । ଲୋକାରଣ୍ୟ ହୋଇଥିଲା ଶ୍ରୀକ୍ଷେତ୍ର। ମାର୍କେଟ ଛକ ଠାରୁ ସ୍ୱତନ୍ତ୍ର ବ୍ୟାରିକେଡ଼ରେ ଆସି ସ୍ନାନ ବେଦୀରେ ଦିବ୍ୟ ସ୍ନାନ ଓ ଗଜାନନ ବେଶ ଦେଖି ଭାବ ବିଭୋର ହୋଇଥିଲେ ଅଗଣିତ ଶ୍ରଦ୍ଧାଳୁ। ସ୍ନାନ ବେଦୀରେ ପହଣ୍ଡି ଓ ମଙ୍ଗଳ ଆଳତି ଦର୍ଶନ କରି ଓଡ଼ିଶାବାସୀଙ୍କ ମଙ୍ଗଳ କାମନା କରିଥିଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଲକ୍ଷାଧିକ ଭକ୍ତଙ୍କ ଭିଡକୁ ଦୃଷ୍ଟିରେ ରଖି ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା ଓ ନୀତିରେ ଉତ୍ତମ ସମନ୍ୱୟ ଯୋଗୁଁ ସୌହାର୍ଦ୍ଦ୍ୟପୂର୍ଣ୍ଣ ପରିବେଶରେ ପୂର୍ଣ୍ଣମା ନୀତି ସମାପନ ହୋଇଥିଲା। ଭୋର୍ ୫ ଟା ୫ମିନିଟ୍‌ରେ ମଙ୍ଗଳାର୍ପଣ ହେବାପରେ ୫ଟା ୧୫ମିନିଟ୍‌ରେ ଆରମ୍ଭ ହୋଇଥିଲା ସ୍ନାନ ବେଦୀକୁ ଧାଡ଼ି ପହଣ୍ଡି। ପ୍ରଥମେ ଚକ୍ରରାଜ ସୁଦର୍ଶନ, ପରେ ଶ୍ରୀବଳଭଦ୍ର , ଦେବୀ ସୁଭଦ୍ରା ଓ ଶେଷରେ କୋଟିକୋଟି ଓଡ଼ିଆଙ୍କ ମଉଡମଣି ମହାପ୍ରଭୁ ଜଗନ୍ନାଥ ସ୍ନାନ ବେଦୀକୁ ପହଣ୍ଡି ବିଜେ କରିଥିଲେ। ୧୦୮ ଗରା ସୁବାସିତ ଜଳକୁ ଆଣି ପୂଜାର୍ଚ୍ଚନା ପରେ ଶ୍ରୀଜିଉମାନଙ୍କ ହୋଇଥିଲା ଜଳ ଲାଗି । ଅପରାହ୍ନରେ ଗଜପତିଙ୍କ ଦ୍ୱାରା ଛେରା ପହଁରା ସରିବା ପରେ ସନ୍ଧ୍ୟା ୫ ଟା ବେଳକୁ ହୋଇଥିଲା ହାତୀ ବେଶ ବା ଗଜାନନ ବେଶ। ବେଶ ଦର୍ଶନ



କରିବାକୁ ଶ୍ରୀକ୍ଷେତ୍ରରେ ଦେଖିବାକୁ ମିଳିଥିଲା ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଭିଡ । ଭିଡ ନିୟନ୍ତ୍ରଣ ଓ ସୁରକ୍ଷା ଶୃଙ୍ଖଳା ଉପରେ ଗୁରୁତ୍ୱ ଦେଇଥିଲା ପୋଲିସ। ସେପଟେ ସ୍ନାନଯାତ୍ରାରେ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ପ୍ରବଳ ଖରା ଓ ଗୁଳୁଗୁଳିରୁ ରକ୍ଷା ପାଇଁ ଛାମୁଣ୍ଡିଆର ବ୍ୟବସ୍ଥା ସହିତ ଭକ୍ତଙ୍କ ପାଇଁ ପାନୀୟ ଜଳ ଏବଂ ଅଗ୍ନିଶମ ବିଭାଗ ପକ୍ଷରୁ ଜଳ ସିଞ୍ଚନ ବ୍ୟବସ୍ଥା ହୋଇଥିଲା।ଶାନ୍ତି ଶୃଙ୍ଖଳା ରକ୍ଷା ଏବଂ ସୁରକ୍ଷା ପାଇଁ ୭୯ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇ ଥିଲା। ଶ୍ରୀମନ୍ଦିର ଭିତରେ, ବାହାରେ ଏବଂ ବଡ଼ଦାଣ୍ଡରେ ସିସିଟିଭିଇ କ୍ୟାମେରା ଲଗାଯାଇ କଣ୍ଟ୍ରୋଲ ରୁମ୍ ମାଧ୍ୟମରେ ସମଗ୍ର ଅଞ୍ଚଳକୁ ନଜରରେ ରଖାଯାଇଥିଲା।

# ସଂଶୋଧିତ ପୁସ୍ତକ ଯୋଗାଇ ଦିଆଯିବ

ଭୁବନେଶ୍ୱର, ୨୯।୬: ପ୍ରତ୍ୟାହାର ହେବନାହିଁ ତ୍ରୁଟିପୂର୍ଣ୍ଣ ବହି । ରାଜ୍ୟର ବିଦ୍ୟାଳୟଗୁଡ଼ିକୁ ସଂଶୋଧିତ ପୁସ୍ତକ ଯୋଗାଇ ଦିଆଯିବ। ବହି ତ୍ରୁଟି ନେଇ ତଦନ୍ତ କରି ଅବହେଳା କରିଥିବା ଅଧିକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି ମୁଖ୍ୟମନ୍ତ୍ରୀ । ବର୍ତ୍ତମାନ ବିଦ୍ୟାଳୟ ଗୁଡ଼ିକରେ ଠିକ୍ ଭାବେ ପଢ଼ା ଯିବା ନେଇ ସଂଶୋଧିତ ବହି ବ୍ୟବହାର କରାଯିବ । ଏହି ସଂଶୋଧିତ ବହି ଡିଇଓ କିମ୍ବା ସ୍କୁଲ ପ୍ରଧାନ ଶିକ୍ଷକଙ୍କ ଜରିଆରେ ଦିଆଯିବ । ତଦନ୍ତ ରିପୋର୍ଟ ଅନୁସାରେ ଅଧିକ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସୂଚନା ଦେଇଛନ୍ତି, ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ । 'ଶିକ୍ଷାର୍ଥୀଙ୍କ ପାଠପଢ଼ାରେ



ଯେପରି କୌଣସି ବାଧା ନଆସିବ, ସେଥିପ୍ରତି ସରକାର ଗୁରୁତ୍ୱ ଦେଇଛନ୍ତି । ସେଥିପାଇଁ ସଂଶୋଧିତ ପାଠ୍ୟପୁସ୍ତକ ବିଦ୍ୟାଳୟଗୁଡ଼ିକୁ ପଠାଯିବା ସହିତ ଆଗାମୀ ପାଠ ପଢ଼ାରେ ସେହି ପୁସ୍ତକ ବ୍ୟବହାର କରାଯିବ । ସରକାରଙ୍କ ପ୍ରାଥମିକତା ହେଉଛି ଛାତ୍ରଛାତ୍ରୀମାନେ ସଠିକ୍ ଓ ତ୍ରୁଟିମୁକ୍ତ ପାଠ୍ୟପୁସ୍ତକ ପାଇବେ । ଏଥିପାଇଁ ଆବଶ୍ୟକ ସମସ୍ତ ବ୍ୟବସ୍ଥା କରାଯାଉଛି । ଭବିଷ୍ୟତରେ ଏଭଳି ତ୍ରୁଟି ନ ଘଟିବା ପାଇଁ ପାଠ୍ୟପୁସ୍ତକ ପ୍ରସ୍ତୁତି ଓ ଯାଞ୍ଚ ପ୍ରକ୍ରିୟାକୁ ଆହୁରି ସୁଦୃଢ଼ କରାଯିବ,' ବୋଲି କହିଛନ୍ତି ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ।

# ବ୍ୟାଙ୍କ-ଆଧାରଲିଙ୍କ୍ ସାରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର,୨୯।୬: ରାଜ୍ୟ ଆଧାର-ଆଧାରିତ ପେନସନ୍ ବଣ୍ଟନ ବ୍ୟବସ୍ଥାକୁ ସ୍ଥାନାନ୍ତର କରିବାକୁ ପ୍ରସ୍ତୁତ ହେଉଥିବାରୁ, ସୋମବାର ଓଡ଼ିଶା ସରକାର ସମସ୍ତ ଜିଲ୍ଲା ପ୍ରଶାସନକୁ ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ (ଏନଏସଏପି) ଅଧୀନରେ ପ୍ରାୟ ୩.୩ ଲକ୍ଷ ହିତାଧିକାରୀଙ୍କ ପାଇଁ ଆଧାର ସଂଯୋଗୀକରଣ ଏବଂ ଇ-କେଓ୍ୱାଇସି ସମାପ୍ତିକୁ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ବ୍ୟକ୍ତିଙ୍କ ସଶକ୍ତିକରଣ (ଏସଏସଇପିଡି) ବିଭାଗର ପ୍ରମୁଖ ସଚିବ ସୁରେଶ କୁମାର ବଶିଷ୍ଠଙ୍କ ଦ୍ୱାରା ଜାରି ଏକ ସୂଚନାରେ, କଲେକ୍ଟର ଏବଂ ଜିଲ୍ଲା ମାଜିଷ୍ଟ୍ରେଟମାନଙ୍କୁ ଆଧାର ସିଡିଂ ଏବଂ ଆନୁଷଙ୍ଗିକ କାର୍ଯ୍ୟ ଯଥାଶୀଘ୍ର ସମାପ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବିଭାଗ କହିଛି ଯେ ୨୦୨୬-୨୭ ଆର୍ଥିକ ବର୍ଷରୁ ଆଧାର-ଆଧାରିତ ପେମେଣ୍ଟ ମୋଡ୍ ଅଧୀନରେ ପେନସନ୍ ପେମେଣ୍ଟ ଏସଏନଏ-ଏସପିଏଆରଏସ ପ୍ଲାଟଫର୍ମକୁ ସ୍ଥାନାନ୍ତରିତ କରାଯାଉଛି। ଏହା ଆହୁରି ଉଲ୍ଲେଖ କରିଛି ଯେ ଯେଉଁ ହିତାଧିକାରୀ ମାନଙ୍କର ଆଧାର ନମ୍ବର ସେମାନଙ୍କର ବ୍ୟାଙ୍କ ଆକାଉଣ୍ଟ ସହିତ ଲିଙ୍କ୍ ହୋଇନାହିଁ, ସେମାନେ ନୂତନ ବ୍ୟବସ୍ଥା କାର୍ଯ୍ୟକାରୀ ହେବା ପରେ ପେନସନ୍ ପାଇବାରେ ବାଧା ପାଇବେ। ବିଭାଗର ସୂଚନା ଅନୁଯାୟୀ, ପ୍ରାୟ ୩,୩୫,୮୫୦ ଜଣ ହିତାଧିକାରୀ ଏବେ ବି ଆଧାର ମ୍ୟାପିଂ ବିନା ଆକାଉଣ୍ଟ-ଆଧାରିତ ପେମେଣ୍ଟ ସିଷ୍ଟମ ମାଧ୍ୟମରେ ପେନସନ୍ ପାଉଛନ୍ତି।

# ଜୁଲାଇ ୪ରେ ଓଡ଼ିଶା ଆସିବେ ଶାହ



ଭୁବନେଶ୍ୱର,୨୯।୬: ଓଡ଼ିଶା ଗସ୍ତରେ ଆସୁଛନ୍ତି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ। ଆସନ୍ତା ଜୁଲାଇ ୪ ତାରିଖରେ ସେ ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସିବାର କାର୍ଯ୍ୟକ୍ରମ ରହିଛି। ୪ ତାରିଖରେ ଝାରସୁଗୁଡା ବିମାନବନ୍ଦରରୁ ସିଧାସଳଖ ବରଗଡ଼ ଆସି ସେ ଇଥାନଲ ପ୍ଲାଣ୍ଟର ଉଦ୍‌ଘାଟନ କରିବେ। ପରେ ସେ ସମ୍ବଲପୁର ଯିବାର କାର୍ଯ୍ୟକ୍ରମ ରହିଛି । ସେଠାରେ ରାତିରହଣୀ କରି ୫ତାରିଖରେ ସମ୍ବଲପୁରରେ ଏକ ସାଧାରଣ ସଭାରେ ଯୋଗ ଦେବେ। ଏହାବ୍ୟତୀତ ତାଙ୍କର ସମ୍ବଲପୁରରେ ଆଉ କିଛି ସରକାରୀ ଏବଂ ସଂଗଠନିକ କାର୍ଯ୍ୟକ୍ରମ ସ୍ଥିର କରାଯାଇଥିବା ସୂଚନା ଦେଇଛନ୍ତି ବରଗଡ ସାଂସଦ ପ୍ରଦୀପ ପୁରୋହିତ । କେନ୍ଦ୍ର ଗୃହମନ୍ତ୍ରୀଙ୍କ ଗସ୍ତକୁ ଦୃଷ୍ଟିରେ ରଖି ରାଜ୍ୟ ବିଜେପି ଶିବିର ଚଳଚଞ୍ଚଳ ହୋଇପଡ଼ିଛି। ବରଗଡ଼ ଏବଂ ସମ୍ବଲପୁରରେ ଗୃହମନ୍ତ୍ରୀଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦେବା ପାଇଁ ଦଳୀୟ ସ୍ତରରେ ଜୋର୍‌ଦାର ପ୍ରସ୍ତୁତି ଆରମ୍ଭ ହୋଇଛି।

### ସାର ବଣ୍ଟନକୁ ପ୍ରୋତ୍ସାହନ

# ୪୨ କୋଟି ଟଙ୍କାର ସୁଧ ରିହାତି ଯୋଜନାକୁ ମଞ୍ଜୁରି

ଭୁବନେଶ୍ୱର,୨୯।୬(ନିପ୍ର) ସମବାୟ ସମିତିଗୁଡ଼ିକ ଦ୍ୱାରା ସାର ବଣ୍ଟନକୁ ପ୍ରୋତ୍ସାହିତ କରିବା ପାଇଁ ରାଜ୍ୟ ସରକାର ୪୨ କୋଟି ଟଙ୍କାର ସୁଧ ରିହାତି ଯୋଜନାକୁ ମଞ୍ଜୁରି ପ୍ରଦାନ କରିଛନ୍ତି । ରାଜ୍ୟର ଚାଷୀମାନଙ୍କୁ ସଠିକ୍ ସମୟରେ ସାର ଉପଲବ୍ଧ କରାଇବା ଏବଂ




ସେମାନଙ୍କୁ କଳାବଜାରୀରୁ ରକ୍ଷା କରିବା ପାଇଁ ଏକ ବଡ଼ପଦକ୍ଷେପ ସ୍ୱରୂପ ରାଜ୍ୟ ସରକାର ସମବାୟ ବିଭାଗ ଦ୍ୱାରା ଏକ ନୂତନ ଯୋଜନାର କାର୍ଯ୍ୟକାରିତାକୁ ଅନୁମୋଦନ କରିଛନ୍ତି, ଯାହା ଚାଷୀମାନଙ୍କୁ ସାର ବଣ୍ଟନ ପ୍ରକ୍ରିୟାକୁ ସହଜ ଓ ସୁଗମ କରିବ। ସମବାୟ ବିଭାଗର କମିଶନର-ତଥା-ସଚିବଙ୍କ ଅଧକ୍ଷତାରେ ଗଠିତ ସ୍ଥାୟୀ ଆର୍ଥିକ କମିଟିର ସୁପାରିସ ଆଧାରରେ ଏହି ନିଷ୍ପତ୍ତି ନିଆଯାଇଛି। ଏହି ନୂତନ ରାଜ୍ୟ ଯୋଜନାର ନାମ ହେଉଛି 'ସାରର ପୂର୍ବ-ମହଜୁଦ (ପ୍ରି-ପୋଜିସନିଂ) ପାଇଁ କ୍ୟାଶ୍ କ୍ରେଡିଟ୍ ଋଣ ଉପରେ ସୁଧ ରିହାତି।' ଏଠାରେ ଉଲ୍ଲେଖ କରାଯାଇପାରେ ଯେ, ଅର୍ଥ ବିଭାଗ ଚଳିତ ଆର୍ଥିକ ବର୍ଷରୁ ଏହି ଯୋଜନାର କାର୍ଯ୍ୟକାରିତାପାଇଁ ଅନୁମୋଦନ ପ୍ରଦାନ କରିସାରିଛି। ଏହି ଯୋଜନା ସମବାୟସମିତି ଗୁଡ଼ିକର ଏକ ପ୍ରମୁଖ ଆର୍ଥିକ ସମସ୍ୟାର ସମାଧାନ କରିବ। ସାଧାରଣତଃ ଚାଷ ସମୟପୂର୍ବରୁ (ଅଗ୍ରିମ ଭାବେ) ସାର ଆଣି ମହଜୁଦ ରଖିବା ଯୋଗୁଁ ସମିତିଗୁଡ଼ିକ ଉପରେ ମାତ୍ରାଧିକ ସୁଧ ବୋଝ ପଡ଼ିଥାଏ।

### ସିବିଏସ୍‌ଇର ଭାଷାନୀତି ନିର୍ଦ୍ଦେଶାବଳୀ

# ଦଶମ ପିଲା ଦେବେନି ତୃତୀୟ ଭାଷା ପରୀକ୍ଷା

ନୂଆଦିଲ୍ଲୀ,୨୯।୬: କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସଇ) ୨୦୨୬-୨୭ ଶିକ୍ଷାବର୍ଷରୁ ଅନୁବନ୍ଧିତ ବିଦ୍ୟାଳୟଗୁଡିକରେ ତିନିଭାଷା ନୀତି କାର୍ଯ୍ୟକାରୀ କରିବା ପାଇଁ ନିର୍ଦ୍ଦେଶାବଳୀ ଜାରି କରିଛି। ତେବେ ସଂଶୋଧିତ ନୀତି ବର୍ତ୍ତମାନର ଦଶମ ଶ୍ରେଣୀ ବ୍ୟାଚ୍ ପାଇଁ ପ୍ରଯୁଜ୍ୟ ହେବ ନାହିଁ ବୋଲି ସିବିଏସଇ ସ୍ପଷ୍ଟ କରିଛି । ଏହି ନିୟମ ଅନୁସାରେ, ବର୍ତ୍ତମାନ ଦଶମ ଶ୍ରେଣୀ ବ୍ୟାଚର ଛାତ୍ରଛାତ୍ରୀଙ୍କୁ ଏଥିରୁ ମୁକ୍ତ କରାଯାଇଛି । ଅର୍ଥାତ୍, ଦଶମ ବୋର୍ଡ ଦେବାକୁ ଥିବା ଛାତ୍ରଛାତ୍ରୀମାନେ ଏଥର ୨ଟି ଭାଷା ପଢିବେ ଓ ପରୀକ୍ଷା ଦେବେ ।



କେନ୍ଦ୍ରୀୟ ମାଧ୍ୟମିକ ବୋର୍ଡ ୯ମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ଆଶ୍ୱସ୍ତି ଦେଇ କହିଛି, ବର୍ତ୍ତମାନର ୯ମ ଶ୍ରେଣୀ ଛାତ୍ରଛାତ୍ରୀ ତିନୋଟି ଭାଷା ପଢିବେ । ହେଲେ ସେମାନେ ଦୁଇଟି ବିଦେଶୀ ଭାଷା ଓ ଗୋଟିଏ ଭାରତୀୟ ଭାଷା ବାଛି ପାରିବେ ।ପୂର୍ବରୁ ଜାତୀୟ ଶିକ୍ଷା ନୀତି (ଏନଇପି) ୨୦୨୦ ଅନୁଯାୟୀ, ଛାତ୍ରଛାତ୍ରୀମାନଙ୍କୁ ଦୁଇଟି ମାତୃଭାଷା (ଭାରତୀୟ ଭାଷା) ସମେତ ତିନୋଟି ଭାଷା ଶିଖିବାକୁ ସିବିଏସଇ ପକ୍ଷରୁ ସୁପାରିସ କରାଯାଇଥିଲା । ୧ ଜୁଲାଇରୁ ୯ମ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କୁ ଅତି କମ୍‌ରେ ଦୁଇଟି ମାତୃଭାଷା ( ଭାରତୀୟ ଭାଷା) ସମେତ ତିନୋଟି ଭାଷା ପଢ଼ିବା ଆବଶ୍ୟକ ବୋଲି ସିବିଏସଇ କହିଥିଲା । ସିବିଏସଇର ଏହି ଆଦେଶ ବିରୋଧରେ ଅନେକ ଛାତ୍ର ଏବଂ ଅଭିଭାବକ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

### ରାଜଧାନୀରେ ଅଭାବନୀୟ କାଣ୍ଡ

# ବାପା, ଭଉଣୀ ଆଗରେ ଯୁବକଙ୍କୁ ଛୁରୀଭୁସି ହତ୍ୟା

ଭୁବନେଶ୍ୱର,୨୯।୬ (ନି.ପ୍ର): ରବିବାର ବିଳମ୍ବିତ ରାତିରେ ଖଣ୍ଡଗିରି ଥାନା ଅନ୍ତର୍ଗତ କୋଳଥିଆରେ ଏକ ହତ୍ୟାକାଣ୍ଡ ଘଟିଛି। ଦୁଇଜଣ ମୁଖାପିନ୍ଧା ଦୁର୍ବୃତ୍ତ ଯୁକ୍ତ ତିନି କଳା ଦ୍ୱିତୀୟ ବର୍ଷର ଜଣେ ଛାତ୍ରଙ୍କୁ ତାଙ୍କ ବାପା ଓ ଭଉଣୀଙ୍କ ଆଖି ଆଗରେ ଲୁହାଛଡରେ ପିଟି ଲହୁଲୁହାଣ କରିବା ସହ ଛୁରୀ ଭୁସି ବୀଭତ୍ସ ଭାବେ ହତ୍ୟା କରିଛନ୍ତି। ମୃତକ ହେଲେ ଗଞ୍ଜାମ ସୋରଡା ଅଞ୍ଚଳର ହିମାଂଶୁ ପାଢ଼ୀଙ୍କ ପୁଅ କୃଷ୍ଣ ପାଢ଼ୀ(୨୦)। କୃଷ୍ଣଙ୍କୁ ବଞ୍ଚାଇବାକୁ ଯାଇ ବାପା ହିମାଂଶୁ ଓ ଭଉଣୀ ତାପସୀ ଦୁର୍ବୃତ୍ତମାନଙ୍କ ଆକ୍ରମଣର ଶିକାର ହୋଇଥିଲେ ଏବଂ ସେମାନେ ଏବେ ଗୁରୁତର ଅବସ୍ଥାରେ ଏମ୍ସରେ ଭର୍ତ୍ତି ହୋଇଛନ୍ତି। ବାପା ହିମାଂଶୁଙ୍କ ଅବସ୍ଥା ସଂକଟାପନ୍ନ ରହିଛି। ଭୁବନେଶ୍ୱର ଡିସିପି ଜଗମୋହନ ମୀନା, ଏସିପି ପ୍ରଶାନ୍ତ କୁମାର ସାହୁ ଓ ଖଣ୍ଡଗିରି ଥାନା ଆଇଆଇସି ଅଭିମନ୍ୟୁ ଦାସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଘଟଣାସ୍ଥଳରୁ ପୁଲିସ ରକ୍ତଭିଜା ଲୁହାଛଡ ଜବତ କରାଯାଇଛି। ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ଘଟଣାସ୍ଥଳରୁ ବିଭିନ୍ନ ନମୁନା ସଂଗ୍ରହ କରିଛି। ହତ୍ୟାକାଣ୍ଡର



କାରଣ ସ୍ପଷ୍ଟ ହୋଇପାରିନାହିଁ। ପୁଲିସ ସବୁ ଦିଗକୁ ନେଇ ତଦନ୍ତ ଚଳାଇଛି। ତାପସୀଙ୍କ ବୟାନ ଅନୁସାରେ, ଗତକାଲି ରାତି ପ୍ରାୟ ସାଢେ ଗୋଟାଏ ସମୟରେ କେହିଜଣେ ଘରର କବାଟ ବାଡେଇବାରୁ କୃଷ୍ଣ ନିଦରୁ ଉଠି କବାଟ ଖୋଲିଥିଲା। ହଠାତ୍ କୃଷ୍ଣର ଚିତ୍କାର ଶୁଣି ହିମାଂଶୁ ଓ ସେ ଉଠି ଆସିଥିଲେ। ସେତେବେଳକୁ ୨ଜଣ ମୁଖାପିନ୍ଧା ଦୁର୍ବୃତ୍ତ କୃଷ୍ଣଙ୍କୁ ରଡ୍‌ରେ ପିଟିପିଟି ତଳେ ପକାଇଦେଇଥିଲେ। କୃଷ୍ଣଙ୍କୁ ବଞ୍ଚାଇବା ହିମାଂଶୁ ଓ ତାପସୀ ଦୁଇ ଦୁର୍ବୃତ୍ତଙ୍କୁ ପ୍ରତିରୋଧ କରିବାକୁ ଚେଷ୍ଟା କରିଥିଲେ। ଏତିକିବେଳେ ଜଣେ ଦୁର୍ବୃତ୍ତ ହିମାଂଶୁଙ୍କ ମୁଣ୍ଡକୁ ରଡ୍‌ରେ ପିଟି ଦେଇଥିଲା। ସେ ମଧ୍ୟ ତଳେ ପଡିଯାଇଥିଲେ। ଏହାପରେ ତାପସୀଙ୍କୁ ମଧ୍ୟ ଲୁହାଛଡରେ ପିଟି ପକାଇଥିଲେ। ବାପା ଓ ଭାଇ ତଳେ ପଡି ଛଟପଟ ହେଉଥିବା ବେଳେ ତାପସୀ ଚିତ୍କାର କରିଥିଲେ। ହଠାତ୍ ଜଣେ ଦୁର୍ବୃତ୍ତ ଛୁରି ବାହାର କରି କୃଷ୍ଣଙ୍କ ପେଟ ଓ ଛାତିକୁ ଭୁସି ଦେଇଥିଲେ। ଏହାପରେ ସେମାନେ ପାଚେରି ଡେଇଁ ପଳାଇଥିଲେ। ତାପସୀଙ୍କ ପାଟି ଶୁଣି ପାଖ ଲୋକମାନେ ଧାଇଁ ଆସିଥିଲେ ଏବଂ ଘଟଣା ଦେଖିବା ପରେ ପୁଲିସକୁ ଜଣାଇଥିଲେ। ପୁଲିସ ବାପା, ପୁଅ ଓ ଝିଅଙ୍କୁ ତୁରନ୍ତ ଏମ୍‌ସକୁ ପଠାଇଥିଲା। ସେଠାରେ ଡାକ୍ତର କୃଷ୍ଣଙ୍କୁ ମୃତ ଘୋଷଣା କରିଥିଲେ।

CMYK

# ବିଭୀଷଣ ଛାଡ଼ି ଦେଇଥିଲେ ସୁନାଖଡ୍ଡୁ !





ପୁରୀ ଶ୍ରୀକ୍ଷେତ୍ର ହେଉଛି ରହସ୍ୟ ଓ ଭକ୍ତିର ଏକ ଅଦ୍ଭୁତ ସଙ୍ଗମ ସ୍ଥଳ । ଏଠାରେ ପ୍ରତିଟି ପଥରରେ ଇତିହାସ ଶୁଭେ ଏବଂ ପ୍ରତିଟି ପରମ୍ପରାରେ ଭଗବାନଙ୍କ ସହ ଭକ୍ତର ନିବିଡ଼ ସମ୍ପର୍କର କାହାଣୀ ଲୁଚି ରହିଥାଏ । ଏମିତି ଏକ ଆଶ୍ଚର୍ଯ୍ୟଜନକ ଜନଶ୍ରୁତି ରହିଛି ତ୍ରେତୟା ଯୁଗର ଅମର ପାତ୍ର ତଥା ବିଭୀଷଣଙ୍କୁ ନେଇ । କୁହାଯାଏ, ବିଭୀଷଣ ଆଜି ବି ପ୍ରତିଦିନ ଅଦୃଶ୍ୟ ଭାବେ ମହାପ୍ରଭୁ ଜଗନ୍ନାଥଙ୍କୁ ଦର୍ଶନ କରିବାକୁ ଶ୍ରୀମନ୍ଦିରକୁ ଆସନ୍ତି । ଏହି ବିଶ୍ୱାସର ସବୁଠାରୁ ବଡ଼ ପ୍ରମାଣ ହେଉଛି ବିଭୀଷଣଙ୍କ ସେହି ବିଶାଳକାୟ 'ସୁନା ଖଡ୍ଡୁ', ଯାହା ଆଜି ବି ସୁରକ୍ଷିତ ଅଛି । ପୌରାଣିକ ମାନ୍ୟତା ଅନୁଯାୟୀ, ବିଭୀଷଣ ହେଉଛନ୍ତି ସପ୍ତ ଚିରଞ୍ଜୀବୀଙ୍କ ମଧ୍ୟରୁ ଜଣେ । ପ୍ରଭୁ ଶ୍ରୀରାମଙ୍କ ଆଦେଶକ୍ରମେ ସେ ଯୁଗେ ଯୁଗେ ପୃଥିବୀରେ ରହି ବିଷ୍ଣୁଙ୍କ ଉପାସନା କରନ୍ତି । ଶ୍ରୀଜଗନ୍ନାଥ ହେଉଛନ୍ତି ସ୍ୱୟଂ ଶ୍ରୀରାମ । ତେଣୁ ବିଭୀଷଣ ପ୍ରତିଦିନ ଗଭୀର ରାତିରେ, ଯେତେବେଳେ ସାରା ପୁରୀ ସହର ଶୋଇଥାଏ, ସେତେବେଳେ ସମୁଦ୍ର ମାର୍ଗ ଦେଇ ଶ୍ରୀମନ୍ଦିରକୁ ପ୍ରବେଶ କରନ୍ତି । ଲୋକକଥା ଅଛି ଯେ, ବିଭୀଷଣଙ୍କ ଆଗମନ ସମୟରେ ସମୁଦ୍ରର ଗର୍ଜନ ବଢ଼ିଯାଏ ଏବଂ ଶ୍ରୀମନ୍ଦିର ଭିତରୁ ଏକ ଅଲୌକିକ ସୁଗନ୍ଧ ବାହାରେ । ଏହି ଅଲୌକିକ ଘଟଣା ସହିତ ଜଡ଼ିତ ସେହି ରହସ୍ୟମୟ ସୁନା ଖଡ୍ଡୁର କାହାଣୀ । କୁହାଯାଏ, ବହୁ ବର୍ଷ ପୂର୍ବେ ବିଭୀଷଣ ଯେତେବେଳେ ଜଗନ୍ନାଥଙ୍କୁ ଦର୍ଶନ କରିବାକୁ ଆସିଥିଲେ, ଭକ୍ତି ଗଦଗଦ ଚିତ୍ତରେ ପ୍ରଣାମ କଲାବେଳେ ତାଙ୍କ ହାତରୁ ଏକ ବିଶାଳ ସୁନା ଖଡ୍ଡୁ ଖସି ପଡ଼ିଥିଲା । ସକାଳୁ ମନ୍ଦିର ଦ୍ୱାର ଫିଟିବା ପରେ ସେବାୟତମାନେ ରତ୍ନସିଂହାସନ ନିକଟରୁ ଏକ ଅତି ବଡ଼ ଆକାରର ସୁନା ଖଡ୍ଡୁ ପାଇଥିଲେ । ସେହି ଖଡ୍ଡୁର ଆକାର ଏତେ ବଡ଼ ଥିଲା ଯେ ତାହା କୌଣସି ସାଧାରଣ ମଣିଷର ହାତରେ ପିନ୍ଧିବା ସମ୍ଭବ ନଥିଲା । ଗଜପତି ମହାରାଜାଙ୍କ ନିର୍ଦ୍ଦେଶ କ୍ରମେ ଏହି ଐଶ୍ୱରୀୟ ଅଳଙ୍କାରକୁ ପରୀକ୍ଷା କରାଯାଇଥିଲା । ପରେ ଜଣାପଡ଼ିଲା ଯେ, ଏହା ସ୍ୱୟଂ ବିଭୀଷଣଙ୍କର । ଏହି ସୁନା ଖଡ୍ଡୁକୁ ସେବେଠାରୁ ଶ୍ରୀମନ୍ଦିରର ମୁଖ୍ୟ ସେବାୟତ 'ପାଟଯୋଶୀ ମହାପାତ୍ର'ଙ୍କ ଜିମାରେ ରଖାଯାଇଥିଲା । ଆଜି ବି ସେହି ସୁନା ଖଡ୍ଡୁ ପାଟଯୋଶୀ ମହାପାତ୍ରଙ୍କ ଘରେ ଅତି ନିଷ୍ଠାର ସହ ପୂଜା ପାଉଛି ବୋଲି କୁହାଯାଏ । ବର୍ଷର କିଛି ନିର୍ଦ୍ଦିଷ୍ଟ ସମୟରେ ବା ବିଶେଷ ତିଥିରେ ଏହି ଖଡ୍ଡୁକୁ ସାଧାରଣ ଦର୍ଶନ ପାଇଁ ବାହାର କରାଯାଏ । ଏହି ସୁନା ଖଡ୍ଡୁ କେବଳ ଏକ ଅଳଙ୍କାର ନୁହେଁ, ବରଂ ଏହା ମହାପ୍ରଭୁଙ୍କ ପ୍ରତି ବିଭୀଷଣଙ୍କ ଅମର ଭକ୍ତିର ମୂକ ସାକ୍ଷୀ । ବିଜ୍ଞାନ ଯୁଗରେ ଏହା ଅବିଶ୍ୱସନୀୟ ମନେ ହେଉଥିଲେ ମଧ୍ୟ, ଶ୍ରୀକ୍ଷେତ୍ରର ଭକ୍ତ ଓ ସେବାୟତଙ୍କ ପାଇଁ ଏହା ଏକ ପବିତ୍ର ସତ୍ୟ । ବିଭୀଷଣଙ୍କ ଖଡ୍ଡୁ ଆଜି ବି ଆମକୁ ସ୍ମରଣ କରାଇଦିଏ ଯେ, ମହାପ୍ରଭୁ ଜଗନ୍ନାଥ କେବଳ ମଣିଷଙ୍କର ନୁହନ୍ତି ସେ ଦେବତା, ଦୈତ୍ୟ ଏବଂ ସମଗ୍ର ବ୍ରହ୍ମାଣ୍ଡର ନାଥ। ଏହିଭଳି ଅନେକ ଅସମାହିତ ରହସ୍ୟକୁ ନେଇ ଶ୍ରୀଜଗନ୍ନାଥ ସଂସ୍କୃତି ଆଜି ବି ବିଶ୍ୱବାସୀଙ୍କୁ ଚକିତ କରୁଛି ।

# ନାରାୟଣଙ୍କ କଥା କହେ ନୀଳଚକ୍ର



ଶ୍ରୀମନ୍ଦିରରେ ରହିଛି ଅନେକ ଆଶ୍ଚର୍ଯ୍ୟ । କୋଟି ଓଡ଼ିଆଙ୍କ ଆରାଧ୍ୟ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ସ୍ୱାକ୍ଷର ବହନ କରିଥାଏ ନୀଳଚକ୍ର । ନୀଳକନ୍ଦରରେ ଶୋଭାପାଉଥିବା ନୀଳଚକ୍ରରେ ବନ୍ଧା ଯାଇଥିବା ପତିତପାବନ ବାନା ସବୁବେଳେ ପବନର ବିପରୀତ ଦିଗରେ ଉଡ଼ିଥାଏ । କୁହାଯାଏ, ନୀଳଚକ୍ରକୁ ଦର୍ଶନ କଲେ ରତ୍ନସିଂହାସନରେ ଶ୍ରୀଜୀଉଙ୍କ ଦର୍ଶନର ସମାନ ଫଳ ମିଳିଥାଏ । ନୀଳଚକ୍ରକୁ ଅତି ପାଖରୁ ଦେଖିଲେ ଜଣାପଡ଼େ ଯେ ଚକ୍ର ପାର୍ଶ୍ୱରେ କିଛି ଆକୃତି ବିଦ୍ୟମାନ ଅଛନ୍ତି । ତେବେ ଏହି ଆକୃତି ପଛର ରହସ୍ୟ କ'ଣ ବେଳେବେଳେ ମନରେ ପ୍ରଶ୍ନ ଉଠେ ? ଶ୍ରୀଜଗନ୍ନାଥ ସଂସ୍କୃତିରେ ଏକ ବାଲିକଣିକାର ବି ପୌରାଣିକ କାହାଣୀ ରହିଛି ଠିକ୍ ସେମିତି ଏହି ଆକୃତିର ମଧ୍ୟ ଏକ ସୁନ୍ଦର କାହାଣୀ ରହିଛି ଯାହା ପ୍ରଭୁ ନାରାୟଣଙ୍କୁ ସମର୍ପିତ । ସାରଳା ମହାଭାରତର ମଧ୍ୟପର୍ବରୁ ଜଣାପଡ଼େ ଯେ ପାଣ୍ଡବ ପାଞ୍ଚ ଭାଇ ଯେତେବେଳେ ଦ୍ରୌପଦୀଙ୍କୁ ବିବାହ ହେଲେ ସେମାନଙ୍କ ମଧ୍ୟରେ ଏକ ସର୍ତ୍ତ ରହିଲା । ସର୍ତ୍ତ ଥିଲା କେହି ଯଦି ଦ୍ରୌପଦୀଙ୍କ ସଙ୍ଗରେ ଏକାକୀ ଶୟନ ପ୍ରକୋଷ୍ଠରେ ଥିବେ ତା'ହେଲେ ସେଠିକି ଆଉ କେହି ଯିବେ ନାହିଁ । ଯଦି କେହି ଯାଆନ୍ତି ତା'ହେଲେ ବାର ବର୍ଷ ପାଇଁ ବନସ୍ତରେ ଲୁଚି ରହିବେ । ଥରେ ଯୁଧିଷ୍ଠିର ଦ୍ରୌପଦୀଙ୍କ ସହିତ ଏକାନ୍ତରେ ଥିବାବେଳେ ଅଗ୍ନିଦେବ ଏକ ବ୍ରାହ୍ମଣ ବେଶରେ ଆସି ଅର୍ଜୁନଙ୍କୁ କହିଲେ ଯେ ମୋର ଯୁଧିଷ୍ଠିରଙ୍କ ପାଖରେ କାର୍ଯ୍ୟ ଅଛି ତାଙ୍କୁ ଜଣାନ୍ତୁ । କିନ୍ତୁ ଅର୍ଜୁନ ଅଗ୍ନିଙ୍କ କଥାକୁ ଉପେକ୍ଷା କଲେ କାରଣ ସେ ସମୟରେ ତାଙ୍କର ଯୁଧିଷ୍ଠିରଙ୍କ ପାଖକୁ ସର୍ତ୍ତ ଅନୁସାରେ ଯିବାର ନଥିଲା । ଅଗ୍ନି କ୍ରୋଧିତ ହୋଇ ତାଙ୍କ ପ୍ରାସାଦକୁ ଜାଳି ଦେବେ ବୋଲି ଆହ୍ୱାନ ଦେଲେ । ଅର୍ଜୁନ ନିରୁପାୟ ହୋଇ ନିୟମ ଭଙ୍ଗ କରି ଯୁଧିଷ୍ଠିରଙ୍କୁ ଖବର ଦେଲେ ଏବଂ ନିଜେ ସର୍ତ୍ତ ରକ୍ଷା କରି ବନକୁ ଗମନ କଲେ । ଯୁଧିଷ୍ଠିରଙ୍କ ଭୟରେ ଅଗ୍ନି ଛଳନା କରି ଏକ ଶିକାରୀରେ ପୀଡ଼ିତ ହୋଇଥିବା କଥା କହି ଅର୍ଜୁନଙ୍କୁ ଔଷଧ ପାଇଁ ଖାଣ୍ଡବବନକୁ ପଠାଇଛନ୍ତି ବୋଲି ଯୁଧିଷ୍ଠିରଙ୍କ ଆଗରେ ପ୍ରକାଶ କଲେ । ଏହି ସମୟରେ ଶ୍ରୀକୃଷ୍ଣ ପାଣ୍ଡବ ଭାଇମାନଙ୍କୁ ଦେଖା କରିବା ପାଇଁ ଆସିଥିଲେ ।

***ଯୁଧିଷ୍ଠିରଙ୍କ ଭୟରେ ଅଗ୍ନି ଛଳନା କରି ଏକ ଶିକାରୀରେ ପୀଡ଼ିତ ହୋଇଥିବା କଥା କହି ଅର୍ଜୁନଙ୍କୁ ଔଷଧ ପାଇଁ ଖାଣ୍ଡବବନକୁ ପଠାଇଛନ୍ତି ବୋଲି ଯୁଧିଷ୍ଠିରଙ୍କ ଆଗରେ ପ୍ରକାଶ କଲେ ।***

ଅର୍ଜୁନ ବନକୁ ଯିବା କଥା ସେ ଶୁଣି ମଣିଭଦ୍ର ପର୍ବତକୁ ଚାଲିଗଲେ । ସେଠାରେ ଅର୍ଜୁନଙ୍କୁ ପରୀକ୍ଷା କରିବା ପାଇଁ ସେ ଏକ ବିଚିତ୍ର ରୂପ ଧାରଣ କଲେ । ଏହି ଅବିସ୍ମରଣୀୟ ରୂପକୁ 'ନବଗୁଞ୍ଜର ରୂପ' କୁହାଗଲା । ଯେଉଁଥିରେ କୁକୁଡ଼ା ମୁକୁଟ, ମୟୂର କଣ୍ଠ , ବୃଷଭ ଚୂଳ, ସିଂହ କଟି, ହାତୀ ଗୋଡ଼, ବ୍ୟାଘ୍ର ଗୋଡ଼, ଘୋଡ଼ା ଗୋଡ଼, ଲାଞ୍ଜ ହୋଇଥିବା ସର୍ପ ଏବଂ ଜଣେ ମାନବ ହାତରେ ଚକ୍ର ଧରିଥିବା ଦୃଶ୍ୟ ଅଛି । ଚିତ୍ରକରମାନେ ଏପ୍ରକାର ଚିତ୍ରକୁ ମନେରଖିବା ପାଇଁ ନବଗୁଞ୍ଜର ଶ୍ଲୋକ ବୋଲିଥା'ନ୍ତି । ଅର୍ଜୁନ ଏହି ବିଚିତ୍ର ରୂପକୁ ଦେଖି ଶ୍ରୀକୃଷ୍ଣଙ୍କର ମାୟା ବୁଝିପାରି ତାଙ୍କୁ ପ୍ରଣାମ ଜଣାଇ ପାଦବନ୍ଦନା କରିଥିଲେ ଓ ସର୍ତ୍ତ ରକ୍ଷା କରିଥିବାରୁ ଶ୍ରୀକୃଷ୍ଣଙ୍କ ଦ୍ୱାରା ଦୋଷମୁକ୍ତ ହୋଇ ପୁନଃ ଉଆସକୁ ଫେରି ଆସିଥିଲେ।



# ମୁଁ ହିଁ ଜଗ ମୁଁ ହିଁ ଗଜ

ସମ୍ପୂର୍ଣ୍ଣ ବ୍ରହ୍ମାଣ୍ଡର ବିସ୍ମୟ ଏବଂ ରହସ୍ୟମୟ ଠାକୁର ହେଲେ ଆମ କାଳିଆ ସାଆନ୍ତ । ଶ୍ରୀଜଗନ୍ନାଥ ମହାପ୍ରଭୁ ଯେତିକି ରହସ୍ୟମୟ ତାଙ୍କ ପବିତ୍ର କ୍ଷେତ୍ର ମଧ୍ୟ ସେତିକି ରହସ୍ୟମୟ । ଯୁଗ ଯୁଗ ଧରି ଏହି ମହାନ କ୍ଷେତ୍ର ଆକର୍ଷିତ କରିଛି କେତେ ଭକ୍ତ, ସନ୍ଥ, ସନ୍ନ୍ୟାସୀ, ଧର୍ମପ୍ରଚାରକ ଏବଂ ଗବେଷକଙ୍କୁ। କେହି କେହି ନଟନାଗରଙ୍କ ପ୍ରେମଭକ୍ତି ବନ୍ଧା ପଡ଼ି ଆଜୀବନ ରହିଯାଇଛନ୍ତି ଶ୍ରୀକ୍ଷେତ୍ର ଧାମରେ। ଗବେଷକମାନଙ୍କ ମତରେ ଶ୍ରୀଜଗନ୍ନାଥଙ୍କ ବିଗ୍ରହରେ ପ୍ରତ୍ୟେକ ଧର୍ମର ପ୍ରତୀକ ବିଦ୍ୟମାନ ଓ ମଣିଷ ସମାଜର ରୀତିନୀତି, ଚାଲିଚଳଣି, ଆଚାରବିଚାରକୁ କେନ୍ଦ୍ର କରି ଗଢ଼ି ଉଠିଛି ଜଗନ୍ନାଥ ସଂସ୍କୃତି। ପ୍ରତ୍ୟେକ ରୀତିନୀତି ଏବଂ ଆଚରଣରେ ମାନବୀୟ ଦୃଷ୍ଟିକୋଣ ହିଁ ନିହିତ। ଓଡ଼ିଶାରେ ଅତି ପ୍ରାଚୀନକାଳରୁ ପଞ୍ଚ ଦେବତା ଉପାସନା କରାଯାଇ ଆସୁଛି। ସେଥିପାଇଁ ଓଡ଼ିଶାର ପାଞ୍ଚଟି ସ୍ଥାନକୁ ପଞ୍ଚ ଦେବତାଙ୍କ କ୍ଷେତ୍ର ବୋଲି ମାନ୍ୟତା ମଧ୍ୟ ମିଳିଛି । ଗଣେଶ, ବିଷ୍ଣୁ, ଶିବ, ଦୁର୍ଗା ଏବଂ ସୂର୍ଯ୍ୟ- ଏହି ପାଞ୍ଚଜଣ ଦେବତା ହେଉଛନ୍ତି ପଞ୍ଚ ଦେବତା। ଏମାନଙ୍କୁ ନେଇ ପାଞ୍ଚଟି ସଂପ୍ରଦାୟ ବା ଉପାସକ ରହିଛନ୍ତି। ଗଣେଶଙ୍କ ଉପାସକ ଗାଣପତ୍ୟ, ବିଷ୍ଣୁଙ୍କ ଉପାସକ ବୈଷ୍ଣବ, ଶିବଙ୍କ ଉପାସକ ଶୈବ, ଶକ୍ତିଙ୍କ ଉପାସକ ଶାକ୍ତ ଏବଂ ସୂର୍ଯ୍ୟଙ୍କ ଉପାସକ ସୌର। ଓଡ଼ିଶାରେ ଏହିପରି ପାଞ୍ଚଟି ପୀଠ ମଧ୍ୟ ରହିଛି। ଚଣ୍ଡୀଖୋଲର ମହାବିନାୟକ ପୀଠ ଗଣେଶଙ୍କ ପୀଠ, ପୁରୀ ଶ୍ରୀକ୍ଷେତ୍ର ବିଷ୍ଣୁପୀଠ, ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିର ଶୈବପୀଠ, ଯାଜପୁରର ବିରଜା କ୍ଷେତ୍ର ଶକ୍ତିପୀଠ ଏବଂ କୋଣାର୍କର ସୂର୍ଯ୍ୟମନ୍ଦିର ସୌର ଉପାସନା କ୍ଷେତ୍ର। ମହାପ୍ରଭୁ ଶ୍ରୀଜଗନ୍ନାଥ ସର୍ବ ଦେବତାଙ୍କର ସମନ୍ୱୟ ଏବଂ ସବୁ ଅବତାର ମଧ୍ୟ ଶ୍ରୀଜଗନ୍ନାଥଙ୍କ ଠାରୁ ସୃଷ୍ଟି ହୋଇଛନ୍ତି। ଶ୍ରୀଜଗନ୍ନାଥ ମଧ୍ୟ ପଞ୍ଚ ଦେବତା ରୂପରେ ଉପାସିତ ହୋଇଥା'ନ୍ତି। ସ୍ନାନ ପୂର୍ଣ୍ଣିମା ଦିନ ସେ ଗଜାନନ ବା ଗଣେଶ; ରତ୍ନ ସିଂହାସନରେ ସେ ବିଷ୍ଣୁ; ରଥା ରୂଢ଼ ହେଲା ପରେ ସେ ସୂର୍ଯ୍ୟ; ଶୟନ ଯାତ୍ରା ସମୟରେ ସେ ଦୁର୍ଗା; ନବ କଳେବର ସମୟରେ ସେ ରୁଦ୍ର । ସ୍ନାନ ଯାତ୍ରା ଦିନ ମହାପ୍ରଭୁ ଗଜାନନ ବେଶରେ ଭକ୍ତମାନଙ୍କୁ ଦର୍ଶନ ଦେଇଥା'ନ୍ତି। କେତେକ ଏହାକୁ ହାତୀବେଶ ବୋଲି ମଧ୍ୟ କହିଥା'ନ୍ତି। ଏ ବେଶ ପଶ୍ଚାତରେ ଏକ ପ୍ରସିଦ୍ଧ ଭକ୍ତଙ୍କ କାହାଣୀ ରହିଛି। ଗଣପତି ଭଟ୍ଟ ନାମକ ଜଣେ ଭକ୍ତ ସୁଦୂର ମହାରାଷ୍ଟ୍ରରୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ପାଇଁ ଆସିଥିଲେ। ସେ ଗୌରୀପୁତ୍ର ଗଜାନନଙ୍କୁ ଦିନରାତି ପୂଜା କରୁଥିଲେ ଏବଂ କାଳିଆ ଠାକୁରଙ୍କୁ ବି ସେ ଗଣେଶଙ୍କ ବେଶରେ ଦେଖିବେ ବୋଲି ଇଚ୍ଛା ପ୍ରକାଶ କଲେ । ମାତ୍ର ଶ୍ରୀଜଗନ୍ନାଥଙ୍କୁ ରତ୍ନସିଂହାସନରେ ଦର୍ଶନ କରି ତାଙ୍କ ମନ ମାନିଲା ନାହିଁ। ସେ ହତାଶାରେ ମ୍ରିୟମାଣ ହୋଇ ଫେରିଗଲେ। ସ୍ୱପ୍ନରେ ମହାପ୍ରଭୁ ତାଙ୍କୁ ଦର୍ଶନ ଦେବା ସହ ଫେରିବାକୁ ନିର୍ଦ୍ଦେଶ ଦେଲେ। ସେ ଫେରି ଆସିଲେ ଓ ରତ୍ନସିଂହାସନରେ ଶ୍ରୀଜଗନ୍ନାଥଙ୍କୁ ଶ୍ରୀଗଜାନନ ରୂପରେ ଦର୍ଶନ କଲେ।

# କେଉଁକେଉଁ ଫୁଲ ଲଗାନ୍ତି ମହାପ୍ରଭୁ ?





ପୁଷ୍ପବାଟିକାରୁ ଆସେ କେତେ ଫୁଲ ? କିଏ ଗୁନ୍ଥନ୍ତି ପୁଷ୍ପାଳଙ୍କାର ? ଅଳଙ୍କାର ପ୍ରିୟ ଶ୍ରୀହରି । କେଉଁ ଆବାହମାନ କାଳରୁ ମହାପ୍ରଭୁଙ୍କର ବିଭିନ୍ନ ବସ୍ତ୍ରବେଶ, ସ୍ୱର୍ଣ୍ଣାଳଙ୍କାର ବେଶ ଓ ପୁଷ୍ପବେଶ ପ୍ରଚଳିତ ହୋଇ ଆସୁଅଛି । ବାର ଅନୁସାରେ ମହାପ୍ରଭୁ ଖଣ୍ଡୁଆପାଟ ପରିଧାନ କରିଥା'ନ୍ତି । ଶୟନକାଳରେ ଗୀତଗୋବିନ୍ଦ ପଂକ୍ତି ସବୁ ବୁଣାଥିବା ଗୀତଗୋବିନ୍ଦ ଖଣ୍ଡୁଆପାଟ ପରିଧାନ କରିଥା'ନ୍ତି । ସେହିପରି ଚତୁର୍ଦ୍ଧାମୂର୍ତ୍ତି ବର୍ଷରେ ପାଞ୍ଚଥର ସୁନାବେଶ ହୋଇଥାନ୍ତି ଓ ବର୍ଷର ଅନ୍ୟାନ୍ୟ ବେଶମାନଙ୍କରେ ଶ୍ରୀଜିଉ ସ୍ୱର୍ଣ୍ଣ ଅଳଙ୍କାରମାନ ପିନ୍ଧି ଝଟକୁଥିବାର ଦେଖାଯାଏ । ସର୍ବୋପରି ପ୍ରତ୍ୟହ ମହାପ୍ରଭୁ ଦିନସାରା ବିଭିନ୍ନ ବେଶରେ ପୁଷ୍ପ ଅଳଙ୍କାରରେ ବିମଣ୍ଡିତ ହୋଇ ଭକ୍ତଜନଙ୍କୁ ଦର୍ଶନ ଦେଇଥା'ନ୍ତି । ସାଧାରଣ ଦିନର ପ୍ରତ୍ୟେକ ବେଶରେ ଠାକୁରମାନେ ଅଧରମାଳା ଯାହା ଶ୍ରୀଅଙ୍ଗର ଅଧୋଭାଗରେ ଶ୍ରୀମୁଖକୁ ଲାଗି ଗଳାଦେଶରେ ପିନ୍ଧାଯାଇଥିବା ପୁଷ୍ପମାଲ୍ୟ, ଏହାର ମଧ୍ୟଭାଗ ମୋଟା ହୋଇ ଦୁଇପାଖକୁ କ୍ରମଶଃ ସରୁ ହୋଇଥାଏ । ଚଉସରାମାଳ ବକ୍ଷଦେଶରେ ଶୋଭିତ ପୁଷ୍ପମାଲ୍ୟ, ଶ୍ରୀପୟରମାଳା ଶ୍ରୀଭୁଜର ପାଦଦେଶ ପର୍ଯ୍ୟନ୍ତ ଲମ୍ବିଥିବା ମାଳା,ସାଧାରଣ ଦିନର ପ୍ରତ୍ୟେକ ବେଶରେ ଠାକୁରମାନେ ଅଧରମାଳା ଯାହା ଶ୍ରୀଅଙ୍ଗର ଅଧୋଭାଗରେ ଶ୍ରୀମୁଖକୁ ଲାଗି ଗଳାଦେଶରେ ପିନ୍ଧାଯାଇଥିବା ପୁଷ୍ପମାଲ୍ୟ, ଏହାର ମଧ୍ୟଭାଗ ମୋଟା ହୋଇ ଦୁଇପାଖକୁ କ୍ରମଶଃ ସରୁ ହୋଇଥାଏ । ଚଉସରାମାଳ ବକ୍ଷଦେଶରେ ଶୋଭିତ ପୁଷ୍ପମାଲ୍ୟ, ଶ୍ରୀପୟରମାଳା ଶ୍ରୀଭୁଜର ପାଦଦେଶ ପର୍ଯ୍ୟନ୍ତ ଲମ୍ବିଥିବା ମାଳା, ଝୁମ୍ପା ଶ୍ରୀମୁଖର ଚିତାରୁ ନାଶାଗ୍ର ପର୍ଯ୍ୟନ୍ତ ଥିବା ସ୍ୱତନ୍ତ୍ର ପୁଷ୍ପାଳଙ୍କାର, ଗୁଣା ନାଶାଗ୍ରରୁ ଲମ୍ବିଥିବା ଏକ ସୁବାସିତ ପୁଷ୍ପ ଅଳଙ୍କାର, ତିଳକ ଦୁଇଠାକୁରଙ୍କ କପାଳଦେଶରେ ସଜ୍ଜିତ ପୁଷ୍ପଗୁଚ୍ଛ, ଗଭା ଠାକୁରଙ୍କ ଶୀର୍ଷଦେଶରେ ଲାଗି କରାଯାଉଥିବା ତୁଳସୀ ଓ ପୁଷ୍ପଗୁଚ୍ଛ, ଚନ୍ଦ୍ରିକା ଗଭାର ଉପରିଭାଗରେ ସ୍ଥାପିତ ପୁଷ୍ପ ଏବଂ ଦୀର୍ଘମାଳା ଇତ୍ୟାଦି ଅନେକ ପୁଷ୍ପମାଲ୍ୟ ଓ ଅଳଙ୍କାରରେ ସଜ୍ଜିତ ହୋଇଥା'ନ୍ତି । ରାତ୍ରରେ ମହାପ୍ରଭୁ ବଡ଼ଶୃଙ୍ଗାର ବେଶରେ ସଜ୍ଜିତ ହୋଇଥା'ନ୍ତି, ଯାହା ଏକ ପୁଷ୍ପ ଅଳଙ୍କାର ବେଶ । ଏହି ବଡ଼ସିଂହାର ବେଶରେ ଦୁଇଠାକୁରଙ୍କୁ କରପଲ୍ଲବ, ପାପୁଲି ଓ ଆଙ୍ଗୁଠି ଭଳି ପାଞ୍ଚଗୋଟି ଛୋଟ ଫୁଲହାରରେ ପ୍ରସ୍ତୁତ ଅଳଙ୍କାର ଲାଗି ହୁଏ, ଫଳରେ ମହାପ୍ରଭୁ ସଂପୂର୍ଣ୍ଣ ଦେଖାଯା'ନ୍ତି । କୁଣ୍ଡଳ, ଦୁଇଠାକୁରଙ୍କ କର୍ଣ୍ଣଦେଶରେ ଓ ମା' ସୁଭଦ୍ରାଙ୍କ ମଥାର ଦୁଇ ପାର୍ଶ୍ୱରେ କର୍ଣ୍ଣ ସଦୃଶ ପୁଷ୍ପ ଅଳଙ୍କାର, ହୃଦପଦକ ଶ୍ରୀବିଗ୍ରହଙ୍କ ହୃଦଦେଶରେ ଲାଗୁଥିବା ବିଭିନ୍ନ ପ୍ରକାର ସୁଗନ୍ଧ ପୁଷ୍ପ ଓ ଦୟଣା ତୁଳସୀ ପ୍ରସ୍ତୁତ ଏକ ପଦକ । ଏତଦ୍‌ବ୍ୟତୀତ ମହାପ୍ରଭୁଙ୍କୁ ୧୨ଟି, ବଳଭଦ୍ରଙ୍କୁ ୧୦ଟି ଓ ମା' ସୁଭଦ୍ରାଙ୍କୁ ୮ଟି ଅଳକା ଲାଗିହୁଏ । ଏ ସବୁ ମହାପ୍ରଭୁଙ୍କ ଶିରଦେଶରୁ ତଳକୁ ଝୁଲି ରହିଥାଏ । ଚତୁର୍ଦ୍ଧାମୂର୍ତ୍ତିଙ୍କ ବ୍ୟତୀତ ଶ୍ରୀଦେବୀ ଓ ଭୂଦେବୀ ତୁଳସୀ ବିହୀନ ପୁଷ୍ପମାଲ୍ୟ ଏବଂ ମାଧବ ବିଗ୍ରହ ଗଭାରେ ତୁଳସୀ ଓ ହୃଦୟରେ ପୁଷ୍ପମାଲ୍ୟ ଲାଗି ହୁଅନ୍ତି । ଶ୍ରୀ ବିଗ୍ରହମାନଙ୍କର ଦୈନନ୍ଦିନ ବେଶମାନଙ୍କରେ ବ୍ୟବହୃତ ପୁଷ୍ପଗୁଡ଼ିକ ହେଲା-ଟଗର, ତରାଟ, ଚମ୍ପା, ଗେଣ୍ଡୁ, ଯୁଇ, ମାଳତୀ, ମଲ୍ଲୀ, ଯାଇ, ରଜନୀଗନ୍ଧା, ଗୋଲାପ, ରଂଗଣୀ, ସୁଗନ୍ଧରାଜ, ସେବତୀ, ଗଙ୍ଗଶିଉଳି, ଅଗସ୍ତିଫୁଲ, ମରୁଆ, ବ୍ରହ୍ମକମଳ, ଗୁରୁଦୁଲାଙ୍ଗ, କିଆ, ପଦ୍ମ, କୁନ୍ଦ, ଲାଲ ଓ ଧଳା କରବିର, ଦୟଣା ଓ ତୁଳସୀ ଇତ୍ୟାଦି । ପୁଷ୍ପ ଅଳଙ୍କାରସବୁ ନୀଳାଚଳ ଉପବନସ୍ଥ ଫୁଲ ଗୁନ୍ଥାଘର, କୋଇଲିବୈକୁଣ୍ଠ ଫୁଲଗୁନ୍ଥା ଘର ଏବଂ ଶ୍ରୀସତ୍ୟ ନାରାୟଣ ମନ୍ଦିର ପାଦପଦ୍ମଠାରେ ପ୍ରସ୍ତୁତ କରାଯାଉଅଛି । ନୀଳାଚଳ ଉପବନ ଫୁଲଗୁନ୍ଥା ଘରୁ ସକାଳଧୂପ ବେଶ ନିମିତ୍ତ ଅଧରମାଳା, ସନ୍ଧ୍ୟାଧୂପ ପାଇଁ ଅଧରମାଳା, ଗୁଣା, ଝୁମ୍ପା ସହିତ ଅନ୍ୟାନ୍ୟ ମାଳା, ବଡସିଂହାର ବେଶ ନିମିତ୍ତ ଅଧର ମାଳା, କରି ପଲ୍ଲବ, କୁଣ୍ଡଳ, ଝୁମ୍ପା ଯୋଗାଉଥିବା ବେଳେ କୋଇଲିବୈକୁଣ୍ଠ ଫୁଲଗୁନ୍ଥା ଘରୁ ସକାଳଧୂପ ବେଶ ନିମିତ୍ତ ଗୁଣା, ଝୁମ୍ପା, ତିଳକ, ମଧ୍ୟାହ୍ନ ଧୂପ ପାଇଁ ଅଧରମାଳା, ଗୁଣା, ଝୁମ୍ପା, ତିଳକ ଓ ବଡସିଂହାର ବେଶ ନିମିତ୍ତ ଗୁଣା ଯୋଗାଇଥାନ୍ତି । ସେହିପରି ଶ୍ରୀସତ୍ୟନାରାୟଣ ପାଦପଦ୍ମଠାରୁ ବଡସିଂହାର ବେଶ ନିମିତ୍ତ ତିନୋଟି ହୃଦପଦକ ଯୋଗାଇ ଦିଆଯାଏ । ଏଥରେ ପଣସପତ୍ର କଦଳୀପତ୍ରରେ ଖଡ଼ିକା ଗୁନ୍ଥି ପ୍ରଥମେ ଏକ ଛାଞ୍ଚ ତିଆରି କରି ତା' ଉପରେ ବହୁ ପରିମାଣରେ ତୁଳସୀ ଦୟଣା ଓ ମରୁଆ ଲଗାଇ କଦଳୀ ପଟ ଓ ଛୁଞ୍ଚି ସାହାଯ୍ୟରେ ସିଲାଇ ବିଭିନ୍ନ ପ୍ରକାର ସୁବାଷିତ ଫୁଲ ପେନ୍ଥା କରି ଲଗାଯାଏ । ମହାପ୍ରଭୁଙ୍କ କାର୍ଯ୍ୟ ନିମିତ୍ତ ଆବଶ୍ୟକୀୟ ଫୁଲ ଓ ତୁଳସୀର ଚାହିଦା ପୂରଣ ନିମିତ୍ତ ଶ୍ରୀମନ୍ଦିର ପ୍ରଶାସନ ତରଫରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି । ନୀଳାଚଳ ଉପବନ, କୋଇଲିବୈକୁଣ୍ଠ ଉପବନ, ମାଟିତୋଟା ଉପବନ, ନରେନ୍ଦ୍ରକୋଣ ପୁଷ୍ପଉଦ୍ୟାନ, ଜେଲରୋଡ୍ ଉଦ୍ୟାନ ଓ ଗୁଣ୍ଡିଚା ମନ୍ଦିରର ପାଖ ହରିଶଙ୍କର ମନ୍ଦିରସ୍ଥ ବଗିଚାଗୁଡ଼ିକୁ ଏଥିନିମନ୍ତେ ପ୍ରସ୍ତୁତ କରି ସେଥିରୁ ନିୟମିତ ଫୁଲ ଓ ତୁଳସୀ ସଂଗ୍ରହ କରି ମହାପ୍ରଭୁଙ୍କ କାର୍ଯ୍ୟ ସମାପନ କରାଯାଉଛି ।



# ରହସ୍ୟମୟ ଠାକୁର ଶ୍ରୀଜଗନ୍ନାଥ



ଅନନ୍ତକୋଟି ବ୍ରହ୍ମାଣ୍ଡର ନାୟକ ତଥା ଜଗତର ନାଥ ହେଉଛନ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥ । ସେ ହେଉଛନ୍ତି ପୂର୍ଣ୍ଣ ପରଂବ୍ରହ୍ମ ତଥା ଲୀଳା ପୁରୁଷୋତ୍ତମ ଦାରୁବ୍ରହ୍ମ ବିଗ୍ରହ। ସେ ରହସ୍ୟମୟ ଚୈତନ୍ୟ ଠାକୁର। ଏହି ରହସ୍ୟମୟଙ୍କ ରହସ୍ୟକୁ ବୋଧ କରିବା ଏକ ଦୁରୂହ ବ୍ୟାପାର। ତେଣୁ ପୁରାଣରେ ବର୍ଣ୍ଣିତ ହୋଇଛି ଯେ : ପୁରୁଷୋତ୍ତମ ଶ୍ରୀଜଗନ୍ନାଥ ହେଉଛନ୍ତି ରହସ୍ୟମୟ ଠାକୁର। ଯାହା'ଙ୍କ ରହସ୍ୟ ଦେବ, ଦାନବ ଓ ଯକ୍ଷାଦିଙ୍କୁ ଅଗୋଚର। ସେହି ରହସ୍ୟମୟଙ୍କ ରହସ୍ୟକୁ ସାଧାରଣ ମନୁଷ୍ୟ କିପରି ବା ଭେଦ କରିପାରିବ ? ବେଦ ଯହିଁ ବ୍ରହ୍ମଙ୍କୁ ନେତି ନେତି ନୀତିରେ ନିର୍ଣ୍ଣୟ କରିବାରେ ନିଷ୍ପ୍ରଭ ହୁଏ , ସେହି ଅସୀମ ଅତିନ୍ଦ୍ରୀୟଙ୍କୁ କିପରି ବା ସାଧାରଣ ଇନ୍ଦ୍ରିୟ ଗ୍ରହଣ କରିପାରିବ ? ଏ ବିଷୟକୁ ଆଦି ଶଙ୍କରାଚାର୍ଯ୍ୟ 'ନିର୍ବାଣଷ୍ଟକମ୍' ରେ ବ୍ୟକ୍ତ କରିଛନ୍ତି ଯେ: ମନୋବୁଦ୍ଧ୍ୟହଙ୍କାର ଚିତ୍ତାନି ନାହଂ ନ ଚ ଶ୍ରୋତ୍ରଜିହ୍ୱେ ନ ଚ ଘ୍ରାଣନେତ୍ରେ । ଏହାର ଅର୍ଥ ମନ(ଯେ ସଙ୍କଳ୍ପ ଓ ବିକଳ୍ପ କରେ), ବୁଦ୍ଧି (ଯାହା ନିର୍ଣ୍ଣୟ ନେବାର କ୍ଷମତା ରଖେ), ଅହଙ୍କାର ('ମୁଁ' ଭାବ ବା ନିଜକୁ ଶରୀର ସହ ଯୋଡ଼ି କର୍ତ୍ତାବୋଧ କରେ),ଚିତ୍ତ (ଯେଉଁଠାରେ ସ୍ମୃତି ବା ଅନୁଭୂତି ସଞ୍ଚିତ ହୋଇ ରହେ), କାନ, ଜିଭ, ନାକ ଓ ଆଖି ଆଦି ଏକ ଏକ ଜଡ ପଦାର୍ଥ ଅଟନ୍ତି । ଏମାନେ କେବେ ମଧ୍ୟ ଚୈତନ୍ୟ ସତ୍ତାକୁ ଜାଣିବା ପାଇଁ ସକ୍ଷମ ହୋଇ ପାରିବେ ନାହିଁ।

ତିଥି :(ପୂର୍ଣ୍ଣିମା ମଳ): (ପୂର୍ବାଷାଢ଼ା ଧନୁ)
ଅମୃତ ବେଳା: ଦିବା ଘ ୭।୩୮ ମଧ୍ୟେ ଘ ୧୨।୫୧ ଗତେ

## ଆଜିର ଅନୁଚିନ୍ତନ

ଜୀର୍ଣ୍ଣ ବସ୍ତ୍ରଗୁଡ଼ିକୁ ପରିତ୍ୟାଗ କରି ମନୁଷ୍ୟ ଯେପରି ନୂତନ ବସ୍ତ୍ର ପରିଧାନ କରେ, ଠିକ୍ ସେହିପରି ଦେହୀ ପୁରାତନ ଶରୀର ତ୍ୟାଗ କରି ଅନ୍ୟ ନୂତନ ଶରୀରକୁ ଚାଲିଯାଏ।। - ଶ୍ରୀମଦ୍ ଭଗବଦ୍ ଗୀତା

# ନିଷ୍କ୍ରିୟ ମୌସୁମୀ, କୃଷି ଓ କର୍ତ୍ତବ୍ୟ

ଏକଦା ଗୁଏତମାଲାରେ ଅଷ୍ଟମ/ନବମ ଶତାବ୍ଦୀରେ ସମୃଦ୍ଧି ଲାଭ କରିଥିବା 'ମାୟା ସଭ୍ୟତା' ସମୟକ୍ରମେ ଧ୍ୱଂସ ପାଇଲା। ପରବର୍ତ୍ତୀ ସମୟରେ ଏ ସଂପର୍କିତ ଗବେଷଣା ନେଇ ବିଶେଷଜ୍ଞମାନେ ଯେଉଁ ସବୁ କାରଣ ଉପସ୍ଥାପନ କରିଥିଲେ ତାହା ମଧ୍ୟରୁ ଦୁଇଟି ହେଉଛି ଦ୍ରୁତଗତିରେ ଜଙ୍ଗଲ ଅବକ୍ଷୟ ଓ କ୍ରମାଗତ ଭାବରେ ବୃଷ୍ଟିପାତ ପରିମାଣ ହ୍ରାସ ପାଇବା। ମାନବ ସଭ୍ୟତାର ଅଭ୍ୟୁଦୟ ପଛରେ ରହିଥିବା ଉପାଦାନଗୁଡ଼ିକ ମଧ୍ୟରୁ ଅନ୍ୟତମ କୃଷି। କୃଷି ଓ ବୃଷ୍ଟିପାତ ପରସ୍ପର ସମ୍ବନ୍ଧିତ। ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି)ର ସଦ୍ୟତମ ତଥ୍ୟ କହୁଛି ଏବେ ଆମ ଦେଶରେ ବର୍ଷା ନିଅଣ୍ଟ ପରିମାଣ ୪୫ ପ୍ରତିଶତରେ ପହଞ୍ଚିଛି। ସେହିପରି ରାଜ୍ୟଭିତ୍ତିକ ବୃଷ୍ଟିପାତ ପରିସଂଖ୍ୟାନ ଦୃଷ୍ଟିରୁ ଗୁଜରାଟରେ ସର୍ବାଧିକ ନିଅଣ୍ଟ ୮୬ ପ୍ରତିଶତ ରହିଛି। ଏହା ପଛକୁ ମହାରାଷ୍ଟ୍ରରେ ୬୦ ପ୍ରତିଶତ, ଉତ୍ତରପ୍ରଦେଶରେ ୫୯ ପ୍ରତିଶତ, ଓଡ଼ିଶାରେ ୫୩ ପ୍ରତିଶତ ଏଭଳି ଅନ୍ୟାନ୍ୟ ରାଜ୍ୟର ରହିଛି ପରିସଂଖ୍ୟାନ। ନିଅଣ୍ଟିଆ ବର୍ଷା, ମେଘହୀନ ଆକାଶର ସ୍ଥିତି ନେଇ ପାଣିପାଗ ବିଶେଷଜ୍ଞଙ୍କ ସୂଚନା ଯେ ମୌସୁମୀ ବାୟୁ ସଂପ୍ରତି ଏକପ୍ରକାର ନିଷ୍କ୍ରିୟ ପର୍ଯ୍ୟାୟରେ ପହଞ୍ଚିଛି।

ବର୍ଷା ଉପରେ ନିର୍ଭରଶୀଳ ଖରିଫ ଫସଲ ବୁଣା। ନିର୍ଭର କରୁଛି ପୁଣି ଜଳଭଣ୍ଡାରରେ ଜଳ ସଂରକ୍ଷଣ, ବିଦ୍ୟୁତ୍ ଉତ୍ପାଦନ, ଗ୍ରୀଷ୍ମପ୍ରବାହରୁ ମୁକ୍ତି ଇତ୍ୟାଦି। ଶୁଷ୍କ ପରିସ୍ଥିତି ଯେତେ ଅଧିକ ଦିନ ଜାରି ରହିବ ପରୋକ୍ଷ ତଥା ପ୍ରତ୍ୟକ୍ଷରେ ପ୍ରଭାବିତ ହେବ କୃଷି କ୍ଷେତ୍ର ଓ ମଣିଷର ସାଧାରଣ ଜୀବନ ଯାତ୍ରା। ଜଳବାୟୁ ପରିବର୍ତ୍ତନର ଧାରା ୨୦୨୦ ବନାମ ୨୦୨୬ ପରିପ୍ରେକ୍ଷୀରେ ସଂକ୍ଷେପରେ ଆଲୋକପାତ କରାଯାଇପାରେ। ୨୦୨୦ରେ ହାରାହାରି ଗ୍ରୀଷ୍ମପ୍ରବାହ ଦିନ ୧୦ରୁ ୨୦ ଦିନ ଥିଲା। କିନ୍ତୁ ୨୦୨୬ରେ ଏହା ୩୨ରୁ ୪୦ ଦିନକୁ ବୃଦ୍ଧି ପାଇଛି। ଏହାର ଅର୍ଥ ସଂପ୍ରତି ବର୍ଷା ତୁଳନାରେ ଗ୍ରୀଷ୍ମପ୍ରବାହ ଅଧିକ ରହିଛି।
ଏପରି ସ୍ଥିତିରେ କୃଷି କ୍ଷେତ୍ରକୁ ଜଳସେଚନ ନେଇ ରାଜ୍ୟ ସରକାରଙ୍କ ପଦକ୍ଷେପଟି କିଭଳି ସେ ସଂପର୍କରେ ୨୦୨୬-୨୭ ଓଡ଼ିଶା ବଜେଟ ପରିପ୍ରେକ୍ଷୀରେ ବିଶ୍ଳେଷଣ କରାଯାଇପାରେ। ଏହି ବଜେଟ ମୁତାବକ ଚଳିତବର୍ଷ ୩ଲକ୍ଷ ୩୩ହଜାର ହେକ୍ଟର ଜମିକୁ ଜଳସେଚନ ଲକ୍ଷ୍ୟ ରଖାଯାଇଛି। ମୁଖ୍ୟମନ୍ତ୍ରୀ ଆଡ଼ବନ୍ଧ ତିଆରି ଯୋଜନାରେ ବ୍ୟୟ ବରାଦ ହୋଇଛି ୨୮୦କୋଟି। ସେମିତି ଗଭୀର ନଳକୂପ ଖନନ, ଉଠାଜଳସେଚନର ଭିତ୍ତିଭୂମି ପୁନରୁଦ୍ଧାର ଓ ସୁଦୃଢ଼ୀକରଣ ପାଇଁ ବ୍ୟୟବରାଦ ହୋଇଥିବା ଅର୍ଥର ପରିମାଣ ହେଉଛି ୨ହଜାର ୨୯କୋଟି ଟଙ୍କା। ସେଚାଞ୍ଚଳ ଉନ୍ନୟନ ଓ ପରିଚାଳନା ଯୋଜନାରେ ବ୍ୟୟବରାଦ ହୋଇଛି ୨୮୮କୋଟି। ପ୍ରଧାନମନ୍ତ୍ରୀ କୃଷି ସିଚାଇ ଯୋଜନା 'ହର କ୍ଷେତ୍ କୋ ପାନି' ଅଧୀନରେ ୫୭୪ ଜଳସେଚନ ପ୍ରକଳ୍ପର ମରାମତି ହେବ ଇତ୍ୟାଦି।

ରାଜ୍ୟରେ କୃଷକ ଓ କୃଷି କ୍ଷେତ୍ର ସଶକ୍ତ ହେଲେ ରାଜ୍ୟ ସଶକ୍ତ ହେବ, ଏଥିରେ ଦ୍ୱିରୁକ୍ତି ନାହିଁ। ଯଜୁର୍ବେଦରେ କୁହାଯାଇଛି 'ତ୍ୱା ବର୍ଗସେ ତ୍ୱା କୃଷୈ, ତ୍ୱା କ୍ଷେମାୟ ତ୍ୱା'। ଏହାର ଅର୍ଥ - ହେ ଭୂମି ! ତୁମକୁ କାନ୍ତି, କୃଷି ଓ ଆଶ୍ରୟ ନିମନ୍ତେ ଆମ୍ଭେ ଧାରଣ କରିଅଛୁ। କୁହାଯାଇପାରେ ଯେ ଭୂମି ଓ କୃଷିର ସଂଯୋଗକାରୀ ଜଳସେଚନ। ମୌସୁମୀର ନିଷ୍କ୍ରିୟତା ମଧ୍ୟରେ ଆମେ ଆଶା ରଖିବା ପ୍ରତି ଚାଷ ଜମିକୁ ଉପଯୁକ୍ତ ଜଳ ମିଳୁ। ଏହାର ଉଚିତ କାର୍ଯ୍ୟାନ୍ୱୟନ ପ୍ରତି ରାଜ୍ୟ ସରକାର ନିଷ୍ଠା ତଥା ଆନ୍ତରିକତା ରଖିବା ଆମର କାମ୍ୟ।

# ଅସୁରକ୍ଷିତ ପଥଚାରୀ

## ଯୁଧିଷ୍ଠିର ମହାରଣା

ବିଶ୍ୱ ଅର୍ଥନୀତିରେ ଚତୁର୍ଥ ସ୍ଥାନକୁ ଲମ୍ଫ ମାରିଥିବା ଭାରତ ସଡ଼କ ଦୁର୍ଘଟଣାକୁ ନେଇ ଅଲୋଡ଼ା ରେକର୍ଡ଼ ମଧ୍ୟ କରିଛି। ବାସ୍ତବ କଥା ହେଉଛି ନିଶାସକ୍ତ ଗାଡ଼ି ଚାଳନା, ହେଲମେଟ ବ୍ୟବହାର ନ କରିବା, କଦର୍ଯ୍ୟ ରାସ୍ତା, ଭିଡ଼ ନିୟନ୍ତ୍ରଣ ଓ ପ୍ରଶାସନର ମନମାନି ଇତ୍ୟାଦି ଏହାର କାରଣ ହୋଇଥାଏ। ତେବେ ଏ ସବୁ ଭିତରେ ଦେଶର ସର୍ବୋଚ୍ଚ ନ୍ୟାୟାଳୟ ଏକ ମାମଲାରେ ଯେଉଁ ତତ୍ପରତା ଦେଖାଇଛନ୍ତି ତାହା ଅନେକଙ୍କ ଭିତରେ ଆଶାର କ୍ଷୀଣ ଆଲୋକ ରେଖାଟିଏ ପରି ସ୍ପଷ୍ଟ ହୋଇଛି।

ମାନ୍ୟବର ସୁପ୍ରିମକୋର୍ଟ ପଥଚାରୀଙ୍କ ସୁରକ୍ଷା ପ୍ରତି ସର୍ବାଧିକ ଗୁରୁତ୍ୱ ପ୍ରଦାନ କରିଛନ୍ତି। ବର୍ତ୍ତମାନର ସଡ଼କରେ ଯାନବାହନର ସଂଖ୍ୟା ଯାହା, ବେଲଗାମ ଟ୍ରାଫିକ ବ୍ୟବସ୍ଥା ଏସବୁକୁ ଦେଖିଲେ ଅନେକ ପାଦରେ ଚାଲିବାକୁ ନିରାପଦ ମନେ କରୁଛନ୍ତି। ଖୋଦ କେନ୍ଦ୍ର ସଡ଼କ ପରିବହନ ଓ ଜାତୀୟ ରାଜପଥ ମନ୍ତ୍ରଣାଳୟର ତଥ୍ୟ ଅନୁଯାୟୀ ଭାରତରେ ସଡ଼କ ଦୁର୍ଘଟଣାରେ ପଥଚାରୀଙ୍କ ସଂଖ୍ୟା ପାଖାପାଖି ୨୫ ଭାଗ।

ପଥଚାରୀଙ୍କ ପାଇଁ ଉଦ୍ଦିଷ୍ଟ ଫୁଟପାଥ ବା ପାଦଚଲା ସ୍ଥାନ ବୁଲାବିକାଳୀମାନେ ମାଡ଼ି ବସୁଥିବା ବେଳେ ବାହୁବଳ ଓ ଅର୍ଥବଳରେ ଫୁଟପାଥକୁ କବଜା କରୁଥିବା ସ୍ଥାୟୀ ଦୋକାନୀମାନଙ୍କର ସଂଖ୍ୟା କିଛି କମ୍ ନୁହେଁ। ଫୁଟପାଥକୁ ଜବରଦଖଲମୁକ୍ତ କରିବା କାମ କାହାର ସେ ଭାଗବଣ୍ଟା ଛିଣ୍ଡୁ ନ ଥିବାରୁ ଜଣେ ଆଉ ଜଣଙ୍କ ମୁଣ୍ଡକୁ ଦାୟିତ୍ୱ ଠେଲି ଦେଇ ଖସି ଯାଉଛନ୍ତି ଏବଂ ବିଚରା ପଥଚାରୀ ହିଁ ପରାଭବ ଭୋଗିବା ସାର ହେଉଛି। ଏହାଛଡ଼ା ପଥଚାରୀମାନେ ଜନଗହଳିପୂର୍ଣ୍ଣ ରାସ୍ତା ଓ ଛକକୁ ସୁରକ୍ଷିତ ଭାବେ ପାରି ହେବା ପାଇଁ ଅନେକ ସ୍ଥାନରେ ବ୍ୟବସ୍ଥା ନାହିଁ, ଯେଉଁଠାରେ ବ୍ୟବସ୍ଥା ଅଛି ତାହାର ଅନୁପାଳନ ହେଉନାହିଁ। ଟ୍ରାଫିକ ପରିଚାଳନା ଅଭାବରୁ ମଧ୍ୟ ଅନେକ ସମୟରେ ଦୁର୍ଘଟଣା ଘଟୁଛି। ଏ ସମସ୍ୟାକୁ ହୃଦୟଙ୍ଗମ କରି ସର୍ବୋଚ୍ଚ ନ୍ୟାୟାଳୟ ପଥଚାରୀଙ୍କ ସୁରକ୍ଷାକୁ ପ୍ରାଥମିକତା ଦେଇଥିବା ବେଳେ ବେନିୟମ ଓ ବିନା ହେଲମେଟରେ ଗାଡ଼ି ଚଳନା, ଏଲଇଡ଼ି ଲାଇଟର ପ୍ରଭାବକୁ ଯଥା ସମ୍ଭବ ନିୟନ୍ତ୍ରଣ ପାଇଁ ଆବଶ୍ୟକ ନିୟମ ଆଣିବା ଲାଗି ଜାତୀୟ ରାଜପଥ ପ୍ରାଧିକରଣ ସମେତ ରାଜ୍ୟ ସରକାର ଓ ପୌରପାଳିକା / ମହାନଗର ନିଗମ ଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ଭାରତୀୟ ରୋଡ଼ କଂଗ୍ରେସର ମାର୍ଗଦର୍ଶିକା ଅନୁଯାୟୀ ପଥଚାରୀଙ୍କ ପାଇଁ ପର୍ଯ୍ୟାପ୍ତ ସୁରକ୍ଷା ବ୍ୟବସ୍ଥା ନିଶ୍ଚିତ କରିବା ବିଧେୟ। ଏଥିପାଇଁ ଫୁଟପାଥର ଡିଜାଇନ ମଧ୍ୟ ପରିକଳ୍ପନା କରାଯାଇଛି। ଆଇଆରସି ମାର୍ଗଦର୍ଶିକା ୧୦୩-୨୦୨୨ ଅନୁଯାୟୀ ଫୁଟପାଥର ଚଉଡା ଆବାସିକ ଅଞ୍ଚଳରେ ୪ ମିଟର ଓ ଜନଗହଳିପୂର୍ଣ୍ଣ ଅଞ୍ଚଳରେ ୬.୫ ମିଟର ଏବଂ ଉଚ୍ଚତା ୧୫୦ ମିଲିମିଟର ରହିବା ବିଧେୟ। କିନ୍ତୁ ଆମ ଫୁଟପାଥ ଗୁଡ଼ିକର ସ୍ଥିତି କ'ଣ ତାହା ଆମେ ଅଳ୍ପ ବହୁତେ ଜାଣିଛେ। ତେଣୁ ପ୍ରାଥମିକ ପର୍ଯ୍ୟାୟରେ ମେଟ୍ରୋ ସହରଗୁଡ଼ିକରେ ଫୁଟପାଥର ସ୍ଥିତି ଯାଞ୍ଚ କରି ରିପୋର୍ଟ ଦେବାକୁ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଛନ୍ତି। ବିଶେଷକରି ଧାର୍ମିକ, ଅନୁଷ୍ଠାନ, ଐତିହାସିକ, ଶିକ୍ଷାୟତନ, ସ୍ୱାସ୍ଥ୍ୟ କେନ୍ଦ୍ର, ସାଧାରଣ ଅଭିଯୋଗ କାର୍ଯ୍ୟାଳୟ ଅଦାଲତ, ବଜାର, ହାଟ, ପାର୍କ, ସିନେମା ହଲ ଆଦି ନିକଟରେ ପଥଚାରୀଙ୍କ ଦୁର୍ଘଟଣା ଅଧିକ ହେଉଥିବାରୁ ସେଠାରେ ବିହିତ ସୁରକ୍ଷା ବ୍ୟବସ୍ଥା ପ୍ରତି କର୍ତ୍ତୃପକ୍ଷ ଅଧିକ ଯତ୍ନଶୀଳ କଥା ଯାହାକୁ ସର୍ବୋଚ୍ଚ ନ୍ୟାୟାଳୟ ଯଥୋଚିତ ଗୁରୁତ୍ୱ ଦେଇଛନ୍ତି।

ଏଥିସହିତ ପଥଚାରୀମାନଙ୍କ ଫୁଟପାଥ ସମ୍ବନ୍ଧୀୟ ଅଭିଯୋଗ ଦାଖଲ ଏବଂ ସମସ୍ୟା ସମାଧାନ ପାଇଁ ଅନଲାଇନ ପୋର୍ଟାଲ ଖୋଲିବା ଲାଗି ଜାତୀୟ ରାଜପଥ ପ୍ରାଧିକରଣ ସମତେ ପୌରପାଳିକାମାନଙ୍କୁ ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି। ପଥଚାରୀଙ୍କ ସୁରକ୍ଷା ସର୍ବାଗ୍ରେ ହୋଇଥିବାରୁ ଏହି ନିର୍ଦ୍ଦେଶନାମାର ଯେପରି ଯଥାଶୀଘ୍ର ପାଳନ ହୋଇପାରିବ ସେଥିପ୍ରତି ସର୍ବୋଚ୍ଚ ଅଦାଲତ ଗୁରୁତ୍ୱ ଦେଇ କହିଛନ୍ତି ଯେ ଆସନ୍ତା ଛଅମାସ ମଧ୍ୟରେ ରାଜ୍ୟମାନେ ମୋଟର ଭେହିକିଲ ଆକ୍ଟ ଧାରା ୧୩୮ (ଆଇଏ) ଅନୁଯାୟୀ ଏବଂ କେନ୍ଦ୍ର ଶାସିତ ଅଞ୍ଚଳମାନେ ଧାରା ୨୧୦-ଡି ଅନୁଯାୟୀ ଆବଶ୍ୟକ ନୀତି ନିର୍ଦ୍ଧାରଣ କରିବାକୁ ପଡ଼ିବ।

ପ୍ରଭାବଶାଳୀ ତଦାରଖ ଓ ଉତ୍ତରଦାୟୀ ପ୍ରଶାସନ ଦ୍ୱାରା ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟ ଉଭୟ କେନ୍ଦ୍ର ଓ ରାଜ୍ୟ ପାଇଁ ନିର୍ଦ୍ଦିଷ୍ଟ ସମୟ ଭିତ୍ତିକ କାର୍ଯ୍ୟାନ୍ୱୟନ ବ୍ୟବସ୍ଥା ରଖନ୍ତୁ। ଏହି ମର୍ମରେ ମନେପଡୁଛି କିଛି ଦିନ ତଳେ ପୁରୀ ଜିଲ୍ଲାର ଏକ ବିଦ୍ୟାଳୟର ପିଲାମାନଙ୍କର ରାସ୍ତା ଆରପଟେ ଥିବା ବିଦ୍ୟାଳୟକୁ ପହଞ୍ଚିବା ପାଇଁ ରାସ୍ତା ଅତିକ୍ରମ ସମସ୍ୟାକୁ ଓଡ଼ିଶା ଉଚ୍ଚନ୍ୟାୟାଳୟ ଗୁରୁତର ଭାବେ ଗ୍ରହଣ କରି ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କୁ କଡ଼ା ନିର୍ଦ୍ଦେଶ ପରେ ସମସ୍ୟାର ସମାଧାନ ହୋଇଥିଲା।ଏ କ୍ଷେତ୍ରରେ ଆମ ସମସ୍ତଙ୍କର ସଚେତନତାର ଗୁରୁ ଦାୟିତ୍ୱ ରହିଛି।

କଟକ, ମୋ : ୯୪୩୭୧୬୩୫୨୮

# ପାସପୋର୍ଟ ଭାରତୀୟ ନାଗରିକତାର ପ୍ରମାଣପତ୍ର ନୁହେଁ

## ଡକ୍ଟର ପ୍ରମୋଦ କୁମାର ପଣ୍ଡା

> **ପାସପୋର୍ଟ ଆକ୍ଟ ୧୯୬୭ ସେକ୍ସନ ୬ (୨) ( ଏ ) ଅନୁସାରେ ପାସପୋର୍ଟ ପ୍ରାଧିକରଣ କୌଣସି ଦେଶ ପାଇଁ ଯାତ୍ରା କରିବାକୁ ପାସପୋର୍ଟ କିମ୍ବା ଯାତ୍ରା ସମ୍ବନ୍ଧିତ କାଗଜପତ୍ର ଜାରି କରିବାକୁ ମନା କରିପାରିବ ଯଦି ଆବେଦକ ଭାରତୀୟ ନୁହନ୍ତି କିମ୍ବା ତାଙ୍କ ନାଗରିକତା ସନ୍ଦିଗ୍ଧ ଅଟେ। ପାସପୋର୍ଟ ଅଧିକାରୀ ନାଗରିକତା ଉପରେ ଅନ୍ତିମ ନିର୍ଣ୍ଣୟ ନେଇପାରିବେନାହିଁ । ଏହି ଅଧିକାର ଗୃହ ମନ୍ତ୍ରାଳୟ କିମ୍ବା ମାନ୍ୟବର ଅଦାଲତଙ୍କ ପାଖରେ ଥାଏ। ତେଣୁ ପାସପୋର୍ଟ ନାଗରିକତାର ଆଧାର ନୁହେଁ। ପାସପୋର୍ଟ ଆକ୍ଟ,୧୯୬୭ ଧାରା ୨୦ ଅନୁସାରେ କେନ୍ଦ୍ର ସରକାର ବିଶେଷ ପରିସ୍ଥିତିରେ କୌଣସି ଏଭଳି ବ୍ୟକ୍ତିଙ୍କ ସପକ୍ଷରେ ପାସପୋର୍ଟ ଜାରି କରିପାରିବେ ଯିଏ ଭାରତର ନାଗରିକ ନୁହନ୍ତି କିନ୍ତୁ ତାଙ୍କର ଏପରି କରିବାରେ ଜନକଲ୍ୟାଣ ନିହିତ ଅଛି। ଯଦି ଅଣନାଗରିକଙ୍କୁ ପାସପୋର୍ଟ ମିଳିପାରିବ ତେବେ ଏହା ନାଗରିକତାର ପ୍ରମାଣ ହେବ କିପରି ?**

ଯାହା ପାଖେ ଭାରତୀୟ ପାସପୋର୍ଟ ଉପଲବ୍ଧ ସେ ଭାରତୀୟ ନାଗରିକ। ଏହା ଆମ ସମସ୍ତଙ୍କ ସାଧାରଣ ଅବଧାରଣା। କିନ୍ତୁ ଏହା ସତ୍ୟ ନୁହେଁ। ଏକ ଭ୍ରାନ୍ତ ଧାରଣା। ଗତ ଜୁନ ୨୪ ତାରିଖ ଦିନ ଭାରତୀୟ ପାସପୋର୍ଟ ଦିବସ ପାଳନ ଅବସରରେ ଭାରତୀୟ ବୈଦେଶିକ ମନ୍ତ୍ରାଳୟ ଏହାକୁ ସ୍ପଷ୍ଟ କରିଛନ୍ତି। କହିଛନ୍ତି ପାସପୋର୍ଟ ଏକ ଭ୍ରମଣ ଦସ୍ତାବିଜ। ଭାରତୀୟ ନାଗରିକତାର ଅନ୍ତିମ ପ୍ରମାଣପତ୍ର ନୁହେଁ। ମନ୍ତ୍ରାଳୟର ଏତାଦୃଶ ବିବୃତି ପରେ ସାରା ଦେଶରେ ହଟଚମଟ ସୃଷ୍ଟି ହୋଇଛି। ଲୋକଙ୍କ ମନରେ ସ୍ୱତଃ ପ୍ରଶ୍ନ ଉଠିଛି ଯଦି ପାସପୋର୍ଟ ଭାରତୀୟ ନାଗରିକତାର ଅନ୍ତିମ ପ୍ରମାଣପତ୍ର ନୁହେଁ, ତେବେ ଜଣେ ବ୍ୟକ୍ତି ନିଜକୁ କେଉଁ ଦସ୍ତାବିଜ ବଳରେ ଭାରତୀୟ ନାଗରିକ ବୋଲି ପ୍ରମାଣ କରିବ। ଆଧାର କାର୍ଡ଼ ନା ଏହା ଏକ ପରିଚୟ ପତ୍ର। ଭୋଟର ଆଇଡି ନା ଏହା ମତଦାନ ପାଇଁ ଉଦ୍ଦିଷ୍ଟ । ପାନ କାର୍ଡ଼ ନା ଏହା ମଧ୍ୟ ଏକ ପରିଚୟ ପତ୍ର। ରାସନ କାର୍ଡ଼ ? ନା ଏହା ରାସନ ପାଇବା ପାଇଁ ବ୍ୟବହୃତ ହୁଏ। ଜନ୍ମ ପ୍ରମାଣପତ୍ର ? ନା ଏହା ଜନ୍ମ ତାରିଖ ସୂଚାଏ। ସତ କହିବାକୁ ଗଲେ ନାଗରିକତା ପ୍ରମାଣ କରିବା ସକାଶେ ଭାରତୀୟଙ୍କ ପାଖେ ସେମିତି କୌଣସି ନିର୍ଦ୍ଦିଷ୍ଟ ଦସ୍ତାବିଜ ନାହିଁ। ଏଭଳି ଭ୍ରାନ୍ତି ସୃଷ୍ଟି ହେବା ପଛରେ ବାସ୍ତବତଃ ପାସପୋର୍ଟ ଜାରି କରିବା ସଂକ୍ରାନ୍ତ କାନୁନ ଓ



ପ୍ରକ୍ରିୟା ଏକପ୍ରକାର ଦାୟୀ କହିଲେ ଚଳେ। ପାସପୋର୍ଟ ତିଆରି ପାଇଁ ଆବେଦକ ଜନ୍ମ ପ୍ରମାଣପତ୍ର, ପରିଚୟ ପତ୍ର, ପାନ କାର୍ଡ଼ ଇତ୍ୟାଦି ଆବଶ୍ୟକ କାଗଜପତ୍ର ଦାଖଲ କରିଥାନ୍ତି। ଏହି ସମସ୍ତ କାଗଜପତ୍ର ପାସପୋର୍ଟ ଜାରି କରୁଥିବା ବିଭାଗ / ସଂସ୍ଥା ଯାଞ୍ଚ କରିଥାନ୍ତି। ପୁଲିସ ଯାଞ୍ଚ ମଧ୍ୟ ହୋଇଥାଏ।

ଗତବର୍ଷ ଆମ ଦେଶରେ ଦେଢ଼ କୋଟି ପାସପୋର୍ଟ ଜାରି ହୋଇଥିଲା। ଏଥିରୁ ସ୍ପଷ୍ଟ ଯେ ଏହାଠୁ ଢେର ଅଧିକ ଲୋକ ପାସପୋର୍ଟ ପାଇଁ ଆବେଦନ କରିଥିବେ। ଏତେ ସଂଖ୍ୟକ ଆବେଦନକାରୀଙ୍କ ସମସ୍ତ କାଗଜପତ୍ର ସଠିକ ଭାବେ ଯାଞ୍ଚ କରିବା ଅସମ୍ଭବ ନ ହେଲେ ସୁଦ୍ଧା ଅବ୍ୟାବହାରିକ ମନେହୁଏ। ଭୁଲଭାଲ କିମ୍ବା ଜାଲ ପ୍ରମାଣପତ୍ର ଦାଖଲର ମଧ୍ୟ ସମ୍ଭାବନା ଥାଏ। ଏତଦାରିକ୍ତ ପାସପୋର୍ଟ ଜାରି କରୁଥିବା ସଂସ୍ଥା ନାଗରିକତା ପ୍ରଦାନ କରିବା ସକାଶେ ଅଧିକୃତ ନୁହନ୍ତି। ନାଗରିକତା ପ୍ରଦାନ ଅଧିକାର ସରକାରଙ୍କ ଗୃହ ବିଭାଗ ହାତରେ ରହିଥାଏ। ପାସପୋର୍ଟକୁ କେବଳ ବର୍ତ୍ତମାନର ସରକାର ନୁହଁ, ପୂର୍ବ ସରକାର ମଧ୍ୟ ନାଗରିକତାର ଆଧାର ମାନୁନଥିଲେ । ଅଲଗା ଅଲଗା ଉଚ୍ଚ ନ୍ୟାୟାଳୟ ଓ ସର୍ବୋଚ୍ଚ ନ୍ୟାୟାଳୟ ମଧ୍ୟ ଭିନ୍ନ ଭିନ୍ନ ପରିଚୟ ପତ୍ରକୁ ଭାରତୀୟ ନାଗରିକତାର ଆଧାର ମାନିନାହାନ୍ତି ।

ପାସପୋର୍ଟ ଆକ୍ଟ ୧୯୬୭ ସେକ୍ସନ ୬ (୨) ( ବ ) ଅନୁସାରେ ପାସପୋର୍ଟ ପ୍ରାଧିକରଣ କୌଣସି ଦେଶ ପାଇଁ ଯାତ୍ରା କରିବାକୁ ପାସପୋର୍ଟ କିମ୍ବା ଯାତ୍ରା ସମ୍ବନ୍ଧିତ କାଗଜପତ୍ର ଜାରି କରିବାକୁ ମନା କରିପାରିବ ଯଦି ଆବେଦକ ଭାରତୀୟ ନୁହନ୍ତି କିମ୍ବା ତାଙ୍କ ନାଗରିକତା ସନ୍ଦିଗ୍ଧ ଅଟେ। ପାସପୋର୍ଟ ଅଧିକାରୀ ନାଗରିକତା ଉପରେ ଅନ୍ତିମ ନିର୍ଣ୍ଣୟ ନେଇପାରିବେନାହିଁ । ଏହି ଅଧିକାର ଗୃହ ମନ୍ତ୍ରାଳୟ କିମ୍ବା ମାନ୍ୟବର ଅଦାଲତଙ୍କ ପାଖରେ ଥାଏ। ତେଣୁ ପାସପୋର୍ଟ ନାଗରିକତାର ଆଧାର ନୁହେଁ। ପାସପୋର୍ଟ ଆକ୍ଟ,୧୯୬୭ ଧାରା ୨୦ ଅନୁସାରେ କେନ୍ଦ୍ର ସରକାର ବିଶେଷ ପରିସ୍ଥିତିରେ କୌଣସି ଏଭଳି ବ୍ୟକ୍ତିଙ୍କ ସପକ୍ଷରେ ପାସପୋର୍ଟ ଜାରି କରିପାରିବେ ଯିଏ ଭାରତର ନାଗରିକ ନୁହନ୍ତି କିନ୍ତୁ ତାଙ୍କର ଏପରି କରିବାରେ ଜନକଲ୍ୟାଣ ନିହିତ ଅଛି। ଯଦି ଅଣନାଗରିକଙ୍କୁ ପାସପୋର୍ଟ ମିଳିପାରିବ ତେବେ ଏହା ନାଗରିକତାର ପ୍ରମାଣ ହେବ କିପରି ?

ଆଧାର କାର୍ଡ଼, ରାସନ କାର୍ଡ଼, ପାନ କାର୍ଡ଼, ଭୋଟର ଆଇଡି, ପାସପୋର୍ଟ, ଜନ୍ମ ପ୍ରମାଣପତ୍ର ଇତ୍ୟାଦି ନାଗରିତାର ଆଧାର ନୁହେଁ। ତେବେ କାହାକୁ ଭାରତୀୟ ନାଗରିକତାର ଆଧାର ମାନିବା ? କିଏ ଭାରତର ନାଗରିକ ଜାଣିବା କିପରି ? ଏସମ୍ପର୍କରେ ଭାରତୀୟ କାନୁନ କଣ କୁହେ ? ଏସବୁ ଜାଣିବାକୁ ହେଲେ ଆମକୁ ୭୬ ବର୍ଷ ତଳକୁ ଫେରିବାକୁ ହେବ। ୧୯୫୦ ମସିହା ଜାନୁଆରୀ ମାସ ୨୬ ତାରିଖରେ ଭାରତୀୟ ସମ୍ବିଧାନ ଲାଗୁ ହେଲା। ସମ୍ବିଧାନର ଧାରା ୫, ୬, ଓ ୭ ଅନୁସାରେ ଯିଏ ଭାରତରେ ଜନ୍ମ ହୋଇଥିବ, ଯାର ପିତାମାତା ମଧ୍ୟରୁ ଜଣେ ଭାରତରେ ଜନ୍ମ ହୋଇଥିବେ କିମ୍ବା ଯିଏ ପାଞ୍ଚବର୍ଷ ଧରି ଭାରତରେ ରହୁଛନ୍ତି ତାଙ୍କୁ ନାଗରିକତାର ମାନ୍ୟତା ମିଳିଥାଏ। ୧୯୫୦ ମସିହାରୁ ୧୯୮୭ ମସିହା ପର୍ଯ୍ୟନ୍ତ ଏହି କାନୁନ ବଳବତ୍ତର ଥିଲା। ୧୯୮୬ ମସିହାରେ କାନୁନରେ ସଂଶୋଧନ ହେଲା। ପରିବର୍ତ୍ତନ ଅସିଲା। ୧୯୮୭ ମସିହାରୁ ୨୦୦୪ ମସିହା ପର୍ଯ୍ୟନ୍ତ ଭାରତୀୟ ନାଗରିକତାର ମାନ୍ୟତା ପାଇବାକୁ ହେଲେ ଜଣେ ଭାରତରେ ଜନ୍ମ ହୋଇଥିବ ଏବଂ ପିତାମାତାଙ୍କ ମଧ୍ୟରୁ ଯେକେହି ଜଣେ ଭାରତୀୟ ନାଗରିକ ହୋଇଥିବା ଜରୁରୀ ଅଟେ। ପ୍ରଚଳିତ କାନୁନରେ ଦ୍ୱିତୀୟ ଥର ପାଇଁ ସଂଶୋଧନ ହେଲା। ଏହି ସଂଶୋଧିତ ନିୟମ ଅନୁସାରେ ଜଣେ ଭାରତରେ ଜନ୍ମ ହୋଇଥିବ ଏବଂ ତାର ପିତାମାତା ଦି'ଜଣ ଭାରତୀୟ ହେବା ଅନିବାର୍ଯ୍ୟ କିମ୍ବା ଜଣେ ଭାରତୀୟ ନାଗରିକ ଓ ଅନ୍ୟ ଜଣେ ଅବୈଧ ପ୍ରବାସୀ ହୋଇନଥିବ। ବର୍ତ୍ତମାନ ସୁଦ୍ଧା ଏହି ନିୟମ ବଳବତ୍ତର ରହିଛି। ହେନଲି ପାସପୋର୍ଟ ଇଣ୍ଡେକ୍ସ ଅନୁସାରେ ୨୦୨୩ ମସିହା ସୁଦ୍ଧା ଭାରତର ୯.୨୬ କୋଟି ଲୋକଙ୍କ ପାଖରେ ପାସପୋର୍ଟ ଉପଲବ୍ଧ ଯାହା ଦେଶର ମୋଟ ଜନସଂଖ୍ୟାର ମାତ୍ର ୬.୬୧% ଅଟେ। ଅର୍ଥାତ୍, ୯୩% ଭାରତୀୟଙ୍କ ପାଖରେ ପାସପୋର୍ଟ ନଥିଲା। ପାସପୋର୍ଟ ରାଙ୍କିଙ୍ଗରେ ଭାରତ ୮୦ତମ ସ୍ଥାନରେ ରହିଛି। ଆମେରିକା, ନ୍ୟୁଜଲେଣ୍ଡ, ଅଷ୍ଟ୍ରେଲିଆ ଅତିରିକ୍ତ ବିଶ୍ୱର ଅନ୍ୟ ଦେଶ ପାସପୋର୍ଟକୁ ନାଗରିକତାର ପ୍ରମାଣପତ୍ର ଭାବେ ଗ୍ରହଣ କରିନଥାନ୍ତି । ପାସପୋର୍ଟ ରାଙ୍କିଙ୍ଗରେ ସାରା ବିଶ୍ୱରେ ପ୍ରଥମ ସ୍ଥାନ ଅଧିକାର କରିଥିବା ସିଙ୍ଗାପୁର ମଧ୍ୟ ପାସପୋର୍ଟକୁ ନାଗରିକତାର ଅନ୍ତିମ ପ୍ରମାଣପତ୍ରର ମନ୍ୟତା ଦେଇନଥାଏ। ପାସପୋର୍ଟ ଭ୍ରମଣ ସମ୍ବନ୍ଧୀୟ ଏକ ଦସ୍ତାବିଜ। ଏହା ନାଗରିକତାର ପ୍ରମାଣପତ୍ର ନୁହଁ। ଭାରତୀୟ ନାଗରିକତାର ଅନ୍ତିମ ପ୍ରମାଣପତ୍ର ସମ୍ପର୍କରେ ସରକାର ମଧ୍ୟ ସ୍ପଷ୍ଟ ନୁହନ୍ତି। ଜନସାଧାରଙ୍କ ସନ୍ଦେହ ମୋଚନ ପାଇଁ ଏଥିରେ ସ୍ୱଷ୍ଟତା ଆସିବା ଜରୁରୀ ଅଟେ।

ସମ୍ବଲପୁର
ମୋ-୭୯୭୮୨୮୩୧୯୦

# ଯୁଦ୍ଧ ଇତିହାସରେ 'ଥୁସିଡାଇଡସ୍ ଟ୍ରାପ୍'

## ଡା. ରାଜକିଶୋର ପଣ୍ଡା

> **ଆଧୁନିକ ବିଶ୍ୱ ରାଜନୀତି ଓ କୂଟନୀତିରେ "ଥୁସିଡାଇଡସ୍ ଟ୍ରାପ୍"ର ଆବିର୍ଭାବକୁ ନେଇ "ଏଲିସନ୍" ହାଭାର୍ଡ କେନେଡ଼ି ସ୍କୁଲ୍‌ର ବେଲଫର୍ ସେଣ୍ଟରଠାରେ ବ୍ୟାପକ ଗବେଷଣା କରିଛନ୍ତି। ତାଙ୍କ ଟିମ୍ ବିଗତ ପାଞ୍ଚ ଶହ ବର୍ଷ ମଧ୍ୟରେ ଘଟିତ ହୋଇଥିବା, ଷୋହଳଟି ଘଟଣାକୁ ଚିହ୍ନଟ କରିଛନ୍ତି, ଯେଉଁଥିରେ ଗୋଟିଏ ଉଦୀୟମାନ ଶକ୍ତି, ଶାସକଶକ୍ତିକୁ ଖୋଲା ଆହ୍ୱାନ ଦେଇଛି। ଏଥି ମଧ୍ୟରୁ ଚାରୋଟିରେ ଯୁଦ୍ଧ ହୋଇଛି। ନିଜର ଗବେଷଣାର ଫଳାଫଳକୁ ନେଇ ଏଲିସନ୍ ୨୦୧୭ ମସିହାରେ ଏକ ପୁସ୍ତକ ଲେଖିଥିଲେ, "ଥୁସିଡାଇଡସ୍ ଟ୍ରାପ୍" ଉପରେ।**

ଚଉଦ ମଇ ୨୦୨୬। ସ୍ଥାନ, ବେଜିଂ ସ୍ଥିତ ଗ୍ରେଟ୍ ହଲ୍ ଅଫ୍ ପିପୁଲ୍। ବିଶ୍ୱର ଦୁଇ ସବୁଠାରୁ ବୃହତ୍ ଶକ୍ତିର ଶାସନ ମୁଖ୍ୟ ସାମନାସାମନି ବସିଥାନ୍ତି। ସି ଜିନ୍ ପିଙ୍ଗ୍, ଟ୍ରମ୍ପଙ୍କୁ ଏକ ପ୍ରଶ୍ନ ପଚାରିଲେ। ପ୍ରଶ୍ନଟି ପାଖାପାଖି ଅଢ଼େଇ ହଜାର ବର୍ଷ ପୁରୁଣା, କ'ଣ ଚୀନ ଓ ଆମେରିକା 'ଥୁସିଡାଇଡସ୍ ଟ୍ରାପ୍'ରୁ ବର୍ତ୍ତିପାରିବେ ? ଟ୍ରମ୍ପଙ୍କ ପାଇଁ ବୋଧହୁଏ ଉପରୋକ୍ତ ନାମଟି ନୂଆ ଥିଲା, କିନ୍ତୁ ସି ଜିନ୍ ପିଙ୍ଗ୍ ଙ୍କର ଏହି ପ୍ରଶ୍ନରେ ବିଶ୍ୱବ୍ୟାପୀ ସାମରିକ ବିଶେଷଜ୍ଞମାନେ ଚମକି ପଡ଼ିଲେ। ପ୍ରକୃତ ଅର୍ଥରେ ଦେଖିଲେ ଜିନ୍ ପିଙ୍ଗ ପ୍ରଶ୍ନ ପଚାରୁ ନଥିଲେ ବରଂ ସେ ଆମେରିକାକୁ ଚେତାବନୀ ଦେଉଥିଲେ, ଅଢ଼େଇ ହଜାର ବର୍ଷ ତଳର ଚେତାବନୀ। ଉକ୍ତ ବୈଠକରେ ଜିନ୍ ପିଙ୍ଗ୍ ଟ୍ରମ୍ପଙ୍କୁ କହିଲେ ଯେ, ତାଇୱାନ୍ ପ୍ରସଙ୍ଗରେ ଆମେରିକାର କୌଣସି ବି ପଦକ୍ଷେପ ଏହାକୁ ମହଙ୍ଗା ପଡ଼ିପାରେ।

ବାହାରେ ଯୁଦ୍ଧ ଚାଲିଛି। ହୋର୍ମୁଜକୁ ଖୋଲିବା ନେଇ ମଧ୍ୟ ଅନିଶ୍ଚିତତା ଜାରି ରହିଛି। ଟ୍ରମ୍ପ ବୈଠକ ଶେଷ କରି ୱାସିଂଟନ୍‌କୁ ପ୍ରତ୍ୟାବର୍ତ୍ତନ କଲେ, କିନ୍ତୁ ଜିନ୍ ପିଙ୍ଗ କହିଥିବା ଥୁସିଡାଇଡସ୍ ଟ୍ରାପ୍‌ଟି ସମଗ୍ର ବିଶ୍ୱରେ ଆଲୋଚିତ ହେବାରେ ଲାଗିଲା। ତେବେ କ'ଣ ଏହି ଥୁସିଡାଇଡସ୍ ଟ୍ରାପ୍ ? ଏହାର ସବିଶେଷ ଇତିହାସ ହିଁ ଏଠାରେ ଉପସ୍ଥାପିତ ସନ୍ଦର୍ଭର ବିଷୟବସ୍ତୁ।

"ଥୁସିଡାଇଡସ୍ ଟ୍ରାପ୍" ତତ୍ତ୍ୱଟି ଆଧୁନିକ ସମୟରେ ଯୁକ୍ତରାଷ୍ଟ୍ର ଓ ଚାଇନା ମଧ୍ୟରେ ଥିବା କୂଟନୈତିକ ସମ୍ପର୍କରେ ବ୍ୟାପକ ଭାବେ ବ୍ୟବହୃତ ହେଉଛି ସତ କିନ୍ତୁ ଏହି ଶବ୍ଦଟିର ଉତ୍ପତ୍ତି ଜାଣିବାକୁ ହେଲେ ଆମକୁ ଯିବାକୁ ପଡ଼ିବ ପ୍ରାଚୀନ ଗ୍ରୀସ୍ ସଭ୍ୟତାକୁ। ଯେତେବେଳେ ଗୋଟିଏ ଉଦୀୟମାନ ଶକ୍ତି, ଅନ୍ୟ ଗୋଟିଏ ଶାସକ ଶକ୍ତିକୁ ବିରୋଧ କରିଥାଏ, ସେତେବେଳେ ଶାସକ ଗୋଷ୍ଠୀ ମଧ୍ୟରେ ଚିନ୍ତା ଓ ଭୟର ଉଦ୍ରେକ ହୋଇଥାଏ ଓ ପରିଶେଷରେ ଏହା ଯୁଦ୍ଧକୁ ଡାକିଆଣିଥାଏ। ଏଠାରେ ଆମେ ଉଦୀୟମାନ ଶକ୍ତି ଭାବରେ ଚୀନ୍‌କୁ ନେଇପାରିବା ଓ ଶାସକ ଶକ୍ତି ଭାବରେ ଆମେରିକାକୁ ଦେଖିପାରିବା, ସରଳ ଭାଷାରେ ଏହା ହିଁ "ଥୁସିଡାଇଡସ୍ ଟ୍ରାପ୍"ର ଅର୍ଥ। ଏହି ଶବ୍ଦର ସୃଷ୍ଟି "ଥୁସିଡାଇଡସ୍" ନାମକ ଗ୍ରୀକ୍ ସେନାପତି ଓ ଐତିହାସିକଙ୍କ ଠାରୁ ହୋଇଅଛି। ଏହାଙ୍କର ସମୟ ଥିଲା ଖ୍ରୀଷ୍ଟପୂର୍ବ ୪୬୦ ରୁ ୪୦୦। ଏଥେନ୍ସ ଓ ସ୍ପାର୍ଟା ମଧ୍ୟରେ ଖ୍ରୀଷ୍ଟପୂର୍ବ ୪୩୧ରେ ଆରମ୍ଭ ହୋଇଥିବା "ପେଲୋପୋନେସିଆନ୍ ଯୁଦ୍ଧ"ରେ "ଥୁସିଡାଇଡସ୍" ଥିଲେ ଜଣେ ସେନାପତି। ଯୁଦ୍ଧରେ ସେ ଏଥେନ୍ସ ପକ୍ଷରୁ ଲଢ଼ି ଥିଲେ। ଯୁଦ୍ଧରେ ଭାଗ ନେବା ସହିତ, ସେ ଏହି ପ୍ରସିଦ୍ଧ ସଂଗ୍ରାମର ଏକ ବିଚକ୍ଷଣ ଓ ସବିଶେଷ ବିବରଣୀ ମଧ୍ୟ ପ୍ରସ୍ତୁତ କରିଥିଲେ। ଏହି ବିବରଣୀର ନାମ ଥିଲା "ପେଲୋପୋନେସିଆନ୍ ଯୁଦ୍ଧର ଇତିହାସ" । ଥୁସିଡାଇଡସ୍ ନିଜ ବିବରଣୀରେ ମତ ପ୍ରକାଶ କରିଥିଲେ ଯେ, ଉଦୀୟମାନ ଶକ୍ତି ଏଥେନ୍ସର ପରାକ୍ରମ, ଶାସକ ଶକ୍ତି ସ୍ପାର୍ଟା ମଧ୍ୟରେ ଚିନ୍ତା ଓ ଭୟର ସଞ୍ଚାର କରିଥିଲା। ପରିଶେଷରେ ଦୁଇ ଶକ୍ତି ମଧ୍ୟରେ ଯୁଦ୍ଧ ହେଲା। ସତେଇଶ ବର୍ଷ ଧରି ଚାଲିଥିବା ଏହି ମହାପ୍ରଳୟଙ୍କରୀ ସଂଗ୍ରାମରେ କଳେବଳେ କୌଶଳେ ଏଥେନ୍ସକୁ ପରାଜିତ କଲା ସ୍ପାର୍ଟା। ସ୍ପାର୍ଟା ଜିତିଲା କିନ୍ତୁ ଏତେ ଦୁର୍ବଳ ହୋଇ ପଡ଼ିଲା ଯେ, ଆଉ କେବେ ଅଣ୍ଟା ସଳଖି ଛିଡ଼ା ହୋଇପାରିଲା ନାହିଁ।

ଏଠାରେ ଗୋଟିଏ ଉଲ୍ଲେଖନୀୟ ତଥ୍ୟ ହେଉଛି କି, ଥୁସିଡାଇଡସ୍, ନିଜର ଜୀବନକାଳ ମଧ୍ୟରେ "ଥୁସିଡାଇଡସ୍ ଟ୍ରାପ୍" ଶବ୍ଦ ପ୍ରଣୟନ କରି ନଥିଲେ। ଏହି ଶବ୍ଦଟିକୁ ପ୍ରଣୟନ କରିବାର ଶ୍ରେୟ ଯିବ ହାଭାର୍ଡର ରାଜନୀତି ବିଶେଷଜ୍ଞ "ଗ୍ରାହାମ୍ ଏଲିସନ୍"ଙ୍କୁ। "ଥୁସିଡାଇଡସ୍ ଟ୍ରାପ୍" ଶବ୍ଦଟି ଏଲିସନ୍‌ଙ୍କର ହିଁ ଅବଦାନ ଦ୍ୱାରା ୨୦୧୨ ମସିହାରେ। ପ୍ରସିଦ୍ଧ ପତ୍ରିକା "ଦି ଆଟଲାଣ୍ଟିକ୍" ରେ ୨୦୧୫ ମସିହାରେ ଏଲିସନ୍ ଲେଖିଥିଲେ କି "ଥୁସିଡାଇଡସ୍" ଯୁଦ୍ଧ ସଂଘଟିତ ହେବାର ଗୂଢ଼ କାରଣ ଉପରେ ସର୍ବଦା ଗୁରୁତ୍ୱାରୋପ କରୁଥିଲେ।

ଆଧୁନୀକ ବିଶ୍ୱ ରାଜନୀତି ଓ କୂଟନୀତିରେ "ଥୁସିଡାଇଡସ୍ ଟ୍ରାପ୍"ର ଆବିର୍ଭାବକୁ ନେଇ "ଏଲିସନ୍" ହାଭାର୍ଡ କେନେଡ଼ି ସ୍କୁଲ୍‌ର ବେଲଫର୍ ସେଣ୍ଟରଠାରେ ବ୍ୟାପକ ଗବେଷଣା କରିଛନ୍ତି। ତାଙ୍କ ଟିମ୍ ବିଗତ ପାଞ୍ଚ ଶହ ବର୍ଷ ମଧ୍ୟରେ ଘଟିତ ହୋଇଥିବା, ଷୋହଳଟି ଘଟଣାକୁ ଚିହ୍ନଟ କରିଛନ୍ତି, ଯେଉଁଥିରେ ଗୋଟିଏ ଉଦୀୟମାନ ଶକ୍ତି, ଶାସକଶକ୍ତିକୁ ଖୋଲା ଆହ୍ୱାନ ଦେଇଛି। ଏଥି ମଧ୍ୟରୁ ଚାରୋଟିରେ ଯୁଦ୍ଧ ହୋଇଛି। ନିଜର ଗବେଷଣାର ଫଳାଫଳକୁ ନେଇ ଏଲିସନ୍ ୨୦୧୭ ମସିହାରେ ଏକ ପୁସ୍ତକ ଲେଖିଥିଲେ, "ଥୁସିଡାଇଡସ୍ ଟ୍ରାପ୍" ଉପରେ।

ଏହି ପୁସ୍ତକରେ ଏଲିସନ୍ ଲେଖିଛନ୍ତି କି କିଛି ସ୍ଥାନୀୟ ଘଟଣା ମଧ୍ୟ ଅତୀତରେ ମହାପ୍ରଳୟଙ୍କରୀ ଯୁଦ୍ଧ ସୃଷ୍ଟି କରିଛି। ଉଦାହରଣ ଭାବେ ସେ ଦର୍ଶାଇଛନ୍ତି ୧୯୧୪ ମସିହାରେ ଫ୍ରାଞ୍ଜ ଫର୍ଡିନାଣ୍ଡଙ୍କ ହତ୍ୟା ଯାହାକି ବାଟ କଢ଼ାଇ ନେଇଥିଲା ପ୍ରଥମ ବିଶ୍ୱଯୁଦ୍ଧକୁ, ସେହିପରି ଫ୍ରାନ୍ସର ହାବସବର୍ଗ ସାମ୍ରାଜ୍ୟକୁ ଆହ୍ୱାନ, ୩୦ ବର୍ଷୀୟ ଯୁଦ୍ଧ ଘଟାଇଥିଲା ଓ ସର୍ବଶେଷରେ ବିଂଶ ଶତାବ୍ଦୀର ଆରମ୍ଭରେ ଜାପାନର ଉତ୍ଥାନ ଆମେରିକା ବିରୁଦ୍ଧରେ ଯାହାର ଫଳାଫଳ ସ୍ୱରୂପ ଘଟିଥିଲା ଦ୍ୱିତୀୟ ବିଶ୍ୱଯୁଦ୍ଧ।

ଚାଇନା ଓ ଆମେରିକାର ଉଚ୍ଚସ୍ତରୀୟ କୂଟନୈତିକ ବୈଠକରେ "ଥୁସିଡାଇଡସ୍ ଟ୍ରାପ୍"ର ବାରମ୍ବାର ଚର୍ଚ୍ଚା ହୋଇ ଆସୁଛି। ସୂଚନାଯୋଗ୍ୟ ଏହି ତତ୍ତ୍ୱଟିକୁ ଜିନ୍ ପିଙ୍ଗ୍ ୨୦୧୫ ମସିହାରେ ଓବାମାଙ୍କ ସହ, ୨୦୨୪ ରେ ବାଇଡେନ୍‌ଙ୍କ ସହ ଓ ଏବେ ନିକଟରେ ଟ୍ରମ୍ପଙ୍କ ସହ ବୈଠକରେ ଦୋହରାଇଛନ୍ତି। ୨୦୧୫ରେ ୱାସିଂଟନ୍‌ର ସିଆଟେଲ୍‌ରେ ଏକ ବୈଠକରେ ଜିନ୍ ପିଙ୍ଗ୍ କହିଥିଲେ କି "ଥୁସିଡାଇଡସ୍ ଟ୍ରାପ୍" ବୋଲି କୌଣସି ଥିଓରି ବାସ୍ତବରେ ବିଶ୍ୱ ରାଜନୀତିରେ ନାହିଁ, କିନ୍ତୁ ଏଭଳି ଗୋଟିଏ ପରିସ୍ଥିତି ସୃଷ୍ଟି ହୋଇପାରିବ, ଯଦି ବିଶ୍ୱର ବୃହତ୍ ଶକ୍ତିମାନେ ବାରମ୍ବାର କୂଟନୈତିକ ଓ ରଣନୈତିକ ଭୁଲ୍‌ମାନ କରି ବସନ୍ତି। ତେବେ ପ୍ରଶ୍ନ ଉଠେ ଥୁଡିଡାଇଡସ୍ ଟ୍ରାପ୍ କ'ଣ ସବୁବେଳେ ସଂଘର୍ଷମୟ ପରିସ୍ଥିତିକୁ ଯୁଦ୍ଧ ଆଡ଼କୁ ନେଇଥାଏ ? ଏହା ସର୍ବଦା ଭୂ-ରାଜନୀତି ବିଶେଷଜ୍ଞମାନଙ୍କର ଚିନ୍ତାଧାରାକୁ ଆଲୋଡ଼ିତ କରି ଆସିଛି। ବର୍ତ୍ତମାନ ଏ ବିଷୟରେ ଆମେ ସବିଶେଷ ଆଲୋଚନା କରିବା।

ଗ୍ରାହାମ ଏଲିସନ୍ ବେଲଫର୍ ସେଣ୍ଟର ଠାରେ କରିଥିବା ଗବେଷଣାର ଫଳାଫଳରୁ ଏପରି କିଛି ଘଟଣାର ଉଲ୍ଲେଖ କରିଛନ୍ତି, ଯେଉଁଠାରେ "ଥୁସିଡାଇଡସ୍ ଟ୍ରାପ୍"ର ଭୟ ଯୁଦ୍ଧକୁ ରୋକିବାରେ ସଫଳ ହୋଇଛି। ଏ ଘଟଣାଗୁଡ଼ିକ ମଧ୍ୟରେ ବିଂଶ ଶତାବ୍ଦୀର ପ୍ରାରମ୍ଭିକ ସମୟରେ ଆମେରିକା ଓ ବ୍ରିଟେନ୍ ମଧ୍ୟରେ ସଂଘର୍ଷ, ଶୀତଳ ଯୁଦ୍ଧ ସମୟରେ ଆମେରିକା, ରୁଷ୍ ଓ ପନ୍ଦର ଶହ ଶତାବ୍ଦୀରେ ସ୍ପେନ୍ ଏବଂ ପର୍ତ୍ତୁଗାଲ୍ ମଧ୍ୟରେ ସଂଘର୍ଷ ଅନ୍ୟତମ। ବିଂଶ ଶତାବ୍ଦୀର ପ୍ରାରମ୍ଭିକ ସମୟରେ ଅର୍ଥନୈତିକ ଓ ନୌବାହିନୀ ପ୍ରସଙ୍ଗକୁ ନେଇ ଆମେରିକା ଓ ବ୍ରିଟେନ୍ ମଧ୍ୟରେ ପ୍ରତିଯୋଗିତା ଚାଲିଥିବା ବେଳେ ଉଭୟ କିନ୍ତୁ ସିଧା ସଳଖ ଯୁଦ୍ଧରୁ ନିବୃତ୍ତ ରହିଥିଲେ।

ବରଂ ପରବର୍ତ୍ତୀ ସମୟରେ ଦୁହେଁ ମିଳିତ ଭାବରେ ଦୁଇଟି ବିଶ୍ୱଯୁଦ୍ଧରେ କେନ୍ଦ୍ରଶକ୍ତି ବିରୋଧରେ ଲଢ଼ିଥିଲେ। ପନ୍ଦରଶହ ଶତାବ୍ଦୀରେ ସ୍ପେନ୍ ଓ ପର୍ତ୍ତୁଗାଲ୍ ମଧ୍ୟରେ ବିଭିନ୍ନ ଦେଶକୁ ଜଳପଥ ଆବିଷ୍କାର ତଥା ନିଜ ନିଜର ଆଧିପତ୍ୟ ବିସ୍ତାରକୁ ନେଇ ଯୁଦ୍ଧ ପରିସ୍ଥିତି ଉପୁଜିଥିଲା। ପୋପ୍ ଷଷ୍ଠ ଆଲେକଜାଣ୍ଡାରଙ୍କ ମଧ୍ୟସ୍ଥତାରେ କିନ୍ତୁ ଏ ବିବାଦର ଅବସାନ ଘଟିଲା। ଗୋଟିଏ କାଳ୍ପନିକ ରେଖା ଆଟଲାଣ୍ଟିକରେ ଟାଣି ପୋପ୍ ପ୍ରସ୍ତାବ ଦେଲେ ଯେ, ରେଖାର ପୂର୍ବକୁ ସବୁ ଅଞ୍ଚଳ ପର୍ତ୍ତୁଗାଲ୍‌ର ଓ ପଶ୍ଚିମକୁ ସବୁ ସ୍ପେନ୍‌ର ବୋଲି। ଉଭୟ ଦେଶ ଏହାକୁ ମାନିନେଲେ। ସେହିପରି ମଧ୍ୟ ଶୀତଳ ଯୁଦ୍ଧ ସମୟରେ ଆମେରିକା ଓ ରୁଷ୍ ମଧ୍ୟରେ ବଡ଼ ଧରଣର କୌଣସି ଯୁଦ୍ଧ ହେଲାନାହିଁ। ଉପରୋକ୍ତ ତିନୋଟି ଘଟଣା "ଥୁସିଡାଇଡସ୍ ଟ୍ରାପ୍"ର ଭୟ ଯୋଗୁଁ ପୂର୍ଣ୍ଣାଙ୍ଗ ଯୁଦ୍ଧରେ ପରିବର୍ତ୍ତିତ ହୋଇପାରିଲା ନାହିଁ ବୋଲି ଆମେ କହିପାରିବା।

ଏବେ ଦେଖିବା କିଛି ଯୁଦ୍ଧକୁ ଯେଉଁଥିରେ ଏହି ଟ୍ରାପ୍ ଉଭୟ ପକ୍ଷକୁ ତଳିତଳାନ୍ତ କରି ଦେଇଛି। ପ୍ରଥମେ ଦେଖିବା ବିଂଶ ଶତାବ୍ଦୀର ଆରମ୍ଭରେ ଜର୍ମାନୀର ଉତ୍ଥାନକୁ ଯାହାକି ଜର୍ମାନୀ ଓ ବ୍ରିଟେନ୍ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱୀ ମନୋଭାବ ସୃଷ୍ଟି କରିଥିଲା। ପରବର୍ତ୍ତୀ ସମୟରେ ଫର୍ଡିନାଣ୍ଡଙ୍କ ହତ୍ୟା ଫଳରେ ପ୍ରଥମ ବିଶ୍ୱଯୁଦ୍ଧ ହୋଇଥିଲା। ପ୍ରଥମ ବିଶ୍ୱଯୁଦ୍ଧ ପରେ ଅପମାନଜନକ ସନ୍ଧି ଯୋଗୁଁ ଜର୍ମାନୀ ଦ୍ୱିତୀୟ ବିଶ୍ୱଯୁଦ୍ଧ ଆରମ୍ଭ କରିଥିଲା।

ସେହିପରି ଭାବରେ ଷୋହଳଶହ ଶତାବ୍ଦୀରେ ହୋଇଥିଲା ଭିଏନା ଯୁଦ୍ଧ। ଏଥିରେ ଗୋଟିଏ ପଟେ ଥିଲେ ଓଟୋମାନ୍ ସାମ୍ରାଜ୍ୟ ଓ ଅନ୍ୟପଟେ ପୋଲାଣ୍ଡ ସମ୍ରାଟ ଜନ ତୃତୀୟଙ୍କ ଅଧୀନରେ ମିଳିତ ଖ୍ରୀଷ୍ଟିୟାନ୍ ସେନା। ଶେଷରେ ଖ୍ରୀଷ୍ଟିୟାନ ସେନା ବିଜୟ ଲାଭ କରିଥିଲେ କିନ୍ତୁ ଉଭୟ ପକ୍ଷର ବିପୁଳ କ୍ଷୟକ୍ଷତି ହୋଇଥିଲା।

ପରିଶେଷରେ କୁହାଯାଇପାରେ ଯେ ଉଭୟ ଆମେରିକା ଓ ଚୀନ୍ ପାଖରେ ପରମାଣୁ ଅସ୍ତ୍ର ଅଛି। ଦୁଇପକ୍ଷ ବୁଦ୍ଧିମାନର ସହ କାମ କଲେ ଏକ ବୃହତ୍ ବିପର୍ଯ୍ୟୟରୁ ବିଶ୍ୱ ବର୍ତ୍ତିପାରିବ। ଥୁସିଡାଇଡସ୍ ଅଢ଼େଇ ହଜାର ବର୍ଷ ତଳେ ଏଥେନ୍ସରେ ଲେଖିଥିଲେ କି, "ଭୟ ଯୋଗୁଁ ଯୁଦ୍ଧ ଅବଶ୍ୟମ୍ଭାବୀ ହୋଇଥାଏ।" ଆଜି ତାଙ୍କ ବାଣୀ ବେଜିଂ ର ଗ୍ରେଟ୍ ହଲ୍ ଅଫ୍ ଚାଇନାରେ ଶୁଣିବାକୁ ମିଳିଛି।

ମେଡିକାଲ ଅଫିସର
ଓଡ଼ିଶା ସ୍ୱାସ୍ଥ୍ୟ ସେବା,ଭୁବନେଶ୍ୱର
ମୋ- ୮୧୪୪୦୪୨୯୯୭

## ଦେବସ୍ନାନ ପୂର୍ଣ୍ଣିମାରେ ଶ୍ରଦ୍ଧାଳୁଙ୍କ ସମାଗମ

**ଡାବୁଗାଁ,(ନିପ୍ର):** ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦର ମହକୁମା ସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିରରେ ସ୍ନାନ ପୂର୍ଣ୍ଣିମା ସୋମବାର ପାଳିତ ହୋଇଯାଇଛି । ଚତୁର୍ଦ୍ଧାମୂର୍ତ୍ତିଙ୍କୁ ସ୍ନାନ ମଣ୍ଡପକୁ ପହଣ୍ଡି କରି ଆଣିବା ପରେ ପାରମ୍ପରିକ



ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରାଯାଇ ସ୍ନାନ କରାଯାଇଥିଲା । ଏହି ଅବସରରେ ବିଧାୟକ ପ୍ରତିନିଧି ଏମ୍ ବୁଲୁ ରାଓ, ଦେବରାଜ ପାତ୍ର, ଏମ ଅପ୍ପା ରାଓ , ବିଜେଡି ବ୍ଲକ ସଭାପତି ସୁରେନ୍ଦ୍ର କୁମାର ମିଶ୍ର, ଜି. ଭେଙ୍କେଟେର୍ଶ୍ୱ, ଗୋବିନ୍ଦ ଚନ୍ଦ୍ର ପଣ୍ଡା, ମୁନା ପାତ୍ର , ତ୍ରିନାଥ ଦାସ, କୃଷ୍ଣଚନ୍ଦ୍ର ପଣ୍ଡା ଅନ୍ୟମାନେ ଉପସ୍ଥିତ ଥିଲେ । ମହାପ୍ରଭୁଙ୍କ ସ୍ନାନ ଦେଖିବା ପାଇଁ ଶତାଧିକ ଭକ୍ତଙ୍କ ଭିଡ଼ ଜମିଥିଲା ।

**ରାୟଗଡା:** ରାୟଗଡା ଶ୍ରଦ୍ଧାକ୍ଷେତ୍ରରେ ମହାପ୍ରଭୁଙ୍କ ଦିବ୍ୟ ଦେବସ୍ନାନ ପୂର୍ଣିମା ଯାତ୍ରା ଭକ୍ତି ଓ ଶ୍ରଦ୍ଧା ସହକାରେ ସମ୍ପନ୍ନ । ମହାପ୍ରଭୁଙ୍କ ଗଜାନନା ବେଶ ଦେଖିବା ପାଇଁ ହଜାର ହଜାର ଭକ୍ତଙ୍କ ସମାଗମ । ଦେବନୀତି ନୀତିକାନ୍ତି,ଧୂପଦୀପ ଆଳତି ପୂଜାପାଠ ସମାପନ କରି ଶ୍ରୀ ଜିଉମାନଙ୍କର ବେଶ ପହଣ୍ଡି କରି ଶଙ୍ଖ,ମହୁରୀ, ମୃଦଙ୍ଗ, ଖୋଳତାଳ, ଓ ହରିନାମ ସଂକୀର୍ତନ କରି ସ୍ନାନବେଦୀ ଉପରକୁ ଅଣା ଯାଇଥିଲା । ସେଠାରେ ପୂଜା ପଣ୍ଡା, ସେବକ, ପୂଜାରୀମାନେ ତିନି ଠାକୁରଙ୍କର ଦିବ୍ୟ ପବିତ୍ର ସ୍ନାନଯାତ୍ରା କରାଯାଇଥିଲା । ଏହାପରେ ଠାକୁରଙ୍କ ଗଜାନନ ବେଶ କରାଯାଇ ଆଳତି କରାଯାଇଥିଲା ।ପୂଜା ଆଳତି ସମାପନ ପରେ ପ୍ରଭୁଙ୍କ ଭୋଗଲାଗି ହୋଇଥିଲା । ଜଗନ୍ନାଥଙ୍କ ଗଜାନନ ବେଶ ଦେଖିବା ପାଇଁ ଆଖପାଖ ଅଞ୍ଚଳରୁ ହଜାର ହଜାର ଭକ୍ତଙ୍କ ସୁଅ ଛୁଟିଥିଲା ।

**ରେଢ଼ାଖୋଲ:** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସ୍ଥାନୀୟ କଦମ୍ବ ପଡ଼ିଆ ସ୍ଥିତ ଜଗନ୍ନାଥ ମନ୍ଦିର ପରିସରର ସ୍ନାନ ମଣ୍ଡପରେ ଦେବୋତ୍ତର ବିଭାଗ ପକ୍ଷରୁ ଚତୁର୍ଦ୍ଧା ମୂର୍ତ୍ତୀଙ୍କ ଦେବସ୍ନାନ ପୂର୍ଣ୍ଣମା ଓ ଗଜାନନ ବେଶ ଅନୁଷ୍ଠିତ ହୋଇଯାଇଛି । ବ୍ରହ୍ମ ସମାଜ ପକ୍ଷରୁ ଏହି ଦେବସ୍ନାନ ପୂର୍ଣ୍ଣିମାରେ ଚତୁର୍ଦ୍ଧା ମୂର୍ତ୍ତୀଙ୍କ ସକାଳୁ ମଙ୍ଗଳ ଆଳତି କରି ସୂର୍ଯ୍ୟ ପୂଜା, ଦ୍ୱାରପାଳ ପୂଜା କରାଯାଇଥିଲା । ସ୍ନାନ ମଣ୍ଡପକୁ ଚତୁର୍ଦ୍ଧା ମୂର୍ତ୍ତୀଙ୍କୁ ବିଜେ କରି ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରି ମହାପ୍ରଭୁଙ୍କ ରିତିନିତି ପୁର୍ବକ ୧୦୮ ଗରା ହଳଦୀ, କୁଙ୍କୁମ,ଚନ୍ଦନ,ଅତର , କୁସୁମିତ ସୁବାସିତ ଜଳରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ସ୍ନାନ କାର୍ଯ୍ୟ ସମ୍ପନ୍ନ କରାଯାଇଥିଲା । ତା ପରେ ଚତୁର୍ଦ୍ଧା ମୂର୍ତ୍ତୀଙ୍କୁ ସୁସଜ୍ଜିତ କରି ଗଜାନନ ବେଶ ଅନୁଷ୍ଠିତ ହୋଇଥିଲା । ବିଭିନ୍ନ ସ୍ଥାନରୁ ବହୁ ସଂଖ୍ୟାରେ ଭକ୍ତଗଣ ସମାଗମ ହୋଇଥିଲା । ଏଥିରେ ଦେବୋତ୍ତର ବିଭାଗ କାର୍ଯ୍ୟ ନିର୍ବାହୀ ଅଧିକାରୀ ତଥା ସ୍ଥାନୀୟ ଉପଜିଲ୍ଲାପାଳ ରଶ୍ମିରଞ୍ଜନ ମହନ୍ତଙ୍କ ତତ୍ୱାବଧାନରେ ଦେବୋତ୍ତର ବିଭାଗ ସମସ୍ତ କାର୍ଯ୍ୟ ତଦାରଖ କରିଥିଲେ ।

**ରାଉରକେଲା :** ଜ୍ୟେଷ୍ଠ ଶୁକ୍ଳପକ୍ଷ ଦେବସ୍ନାନ ପୂର୍ଣ୍ଣିମାରେ ଶ୍ରୀକ୍ଷେତ୍ରଧାମ ପୁରୀ ସମେତ ସମଗ୍ର ଓଡିଶା ତଥା ବିଶ୍ୱର ବିଭିନ୍ନ ସ୍ଥାନରେ ଥିବା ଶ୍ରୀଜଗନ୍ନାଥଙ୍କ ମନ୍ଦିରରେ ଦେବସ୍ନାନ ପୂର୍ଣ୍ଣିମା ପାଳନ କରାଯାଉଛି । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆବିର୍ଭାବ ଦିବସ ଭାବରେ ଗ୍ରହଣ କରାଯାଇ ଦେବସ୍ନାନ ପୂର୍ଣ୍ଣିମାରେ ଚତୁର୍ଦ୍ଧାମୂର୍ତ୍ତିଙ୍କର ସ୍ନାନ ବେଦୀରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସହ ବଡଭାଇ ବଳଭଦ୍ର, ଭଉଣୀ ସୁଭଦ୍ରା ଏବଂ ସୁଦର୍ଶନଙ୍କୁ ସ୍ନାନ କରାଯାଇଛି ।

ରାଉରକେଲା ସେକ୍ଟର-୩ ଅହିରାବନ୍ଧ ଶ୍ରୀଜଗନ୍ନାଥ ମନ୍ଦିର, ଉଦିତନଗର ଶ୍ରୀଜଗନ୍ନାଥ ମନ୍ଦିର, ପାନପୋଷ ଶ୍ରୀଜଗନ୍ନାଥ ମନ୍ଦିର ସମେତ ସହରର ଅନ୍ୟାନ୍ୟ ଶ୍ରୀଜଗନ୍ନାଥ ମନ୍ଦିରରେ ଦେବସ୍ନାନ ପୂର୍ଣ୍ଣିମା ଓ ସ୍ନାନ ନୀତି ସହିତ ଗଜାନନ ବେଶ ଅନୁଷ୍ଠିତ ହୋଇଯାଇଛି ।

ପହଣ୍ଡି ବିଜେ ସମୟରେ ଭକ୍ତମାନଙ୍କ ହରିବୋଲ, ହୁଳହୁଳି, ଶଙ୍ଖ ଧ୍ୱନି ଓ ଘଣ୍ଟ ଶବ୍ଦରେ ଚତୁର୍ଦ୍ଦିଗ ପ୍ରକମ୍ପିତ ହୋଇଥିଲା । ସ୍ନାନ ବେଦୀରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସହିତ ବଡଭାଇ ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା ଓ ଶ୍ରୀସୁଦର୍ଶନଙ୍କୁ ବସାଯିବା ପରେ ମନ୍ଦିର ଭିତର ନୀତି ପରି ସ୍ନାନ ମଣ୍ଡପରେ ମଙ୍ଗଳ ଆଳତି, ମୈଲମ, ତଡପଲାଗି ଏବଂ ଅବକାଶ ନୀତି ପରି ପ୍ରାରମ୍ଭିକ ଦେବନୀତି କରାଯାଇଥିଲା ।

## ଝରୀଗାଁ ବ୍ଲକରେ ଦୁଇ ମାସରେ ଦବିଲା ପିଚୁ ରାସ୍ତା

### ବ୍ରିଜ ଗୁଣବତ୍ତାକୁ ନେଇ ଉଠିଲା ପ୍ରଶ୍ନ

ଡାବୁଗାଁ,(ନିପ୍ର): ଝରୀଗାଁ ବ୍ଲକ ଧାମନାଗୁଡ଼ା ପଞ୍ଚାୟତ ଅନ୍ତର୍ଗତ ଝରିଗୁଡ଼ା ଛକରୁ ଟୁଟିଗୁଡ଼ାକୁ ରାଜ୍ୟ ରାଜପଥ-୩୯ ସହ ସଂଯୋଗ କରୁଥିବା ପ୍ରଧାନମନ୍ତ୍ରୀ ଗ୍ରାମୀଣ ସଡ଼କ ଯୋଜନା ଅଧୀନରେ ନିର୍ମିତ ପିଚୁ ରାସ୍ତା ଏବଂ ଝରିଗୁଡ଼ା-ନାଗଯୋଡି ମଧ୍ୟରେ ନିର୍ମାଣ ହୋଇଥିବା ଛୋଟ ବ୍ରିଜର ଗୁଣବତ୍ତାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ମାତ୍ର ଦୁଇ ମାସ ପୂର୍ବରୁ ନିର୍ମାଣ କାମ ଶେଷ ହୋଇଥିବା ଏହି ରାସ୍ତା ବର୍ତ୍ତମାନ ବିଭିନ୍ନ ସ୍ଥାନରେ ଦବିବା ଆରମ୍ଭ କରିଛି । ରାସ୍ତାରେ ପକାଯାଇଥିବା



ପିଚୁ ଓ ଚିପ୍ସ ଠିକ୍ ଭାବେ ବସିନଥିବାରୁ ଅନେକ ସ୍ଥାନରେ ତାହା ଖସିପଡୁଥିବା ଦେଖିବାକୁ ମିଳୁଛି । ପ୍ରତିଦିନ ଶତାଧିକ ଯାନବାହନ ଚଳାଚଳ କରୁଥିବାରୁ ରାସ୍ତାର ଅବସ୍ଥା ଦିନକୁ ଦିନ ଅଧିକ ଖରାପ ହେଉଥିବା ବୋଲି ଗ୍ରାମବାସୀ କହିଛନ୍ତି ।

ସେହିପରି, ଝରିଗୁଡ଼ା-ନାଗଯୋଡି ମଧ୍ୟରେ ନିର୍ମିତ ଛୋଟ ବ୍ରିଜର ଉଭୟ ପାର୍ଶ୍ୱରେ ସାମାନ୍ୟ ବର୍ଷାରେ ମାଟି ଧୋଇଯାଇ ରାସ୍ତା ଦବିଯାଉଥିବାରୁ ଯାତାୟାତ ବିପଦପୂର୍ଣ୍ଣ ହୋଇପଡ଼ିଛି । ନିର୍ମାଣ କାମରେ ନିମ୍ନମାନର ସାମଗ୍ରୀ ବ୍ୟବହାର ହୋଇଥିବାରୁ ଏଭଳି ସମସ୍ୟା ସୃଷ୍ଟି ହୋଇଥିବା ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧିକାରୀଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଲଗାତାର ବର୍ଷା ଯୋଗୁଁ କେତେକ ସ୍ଥାନରେ ମାଟି ତଳକୁ ଖସିଯାଇଥିବାରୁ ରାସ୍ତା ଦବିଯାଇଛି । ତେବେ ଅଞ୍ଚଳବାସୀଙ୍କ ମତରେ ବିଭାଗୀୟ ଅବହେଳା ଓ ନିର୍ମାଣ କାର୍ଯ୍ୟର ତଦାରଖର ଅଭାବ ଯୋଗୁଁ ଏତେ କମ୍ ସମୟ ମଧ୍ୟରେ ରାସ୍ତାର ଏଭଳି ଅବସ୍ଥା ସୃଷ୍ଟି ହୋଇଛି । ପାଗ ସୁଧୁରିବା ପରେ କ୍ଷତିଗ୍ରସ୍ତ ସ୍ଥାନଗୁଡ଼ିକର ମରାମତି କାମ କରାଯିବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ପ୍ରକାଶ ପନକା, ନବ କଲାର, ଚତୁର ପୂଜାରୀ, ବୈର ପୂଜାରୀ, ସାରେଙ୍ଗ ପନକା, ଗଦ୍ଦୁ ଭତ୍ରା ଓ ସିଗ୍ରାମ ମାଝୀଙ୍କ ସମେତ ସ୍ଥାନୀୟ ବାସିନ୍ଦାମାନେ ଘଟଣାର ନିରପେକ୍ଷ ତଦନ୍ତ, ନିର୍ମାଣ କାମର ଗୁଣବତ୍ତା ଯାଞ୍ଚ, ଦୋଷୀଙ୍କ ବିରୋଧରେ ଉଚିତ କାର୍ଯ୍ୟାନୁଷ୍ଠାନ ଏବଂ ରାସ୍ତା ଓ ବ୍ରିଜର ତୁରନ୍ତ ମରାମତି ପାଇଁ ପ୍ରଶାସନ ନିକଟରେ ଦାବି କରିଛନ୍ତି ।

## ରାୟଗଡ଼ା : କମ୍ ବର୍ଷା ଯୋଗୁଁ ଖରିଫ୍ ଚାଷ ପ୍ରଭାବିତ, ଚାଷୀଙ୍କ ଚିନ୍ତା ବଢୁଛି



ପାରଳାଖେମୁଣ୍ଡି,(ନିପ୍ର): ଯୋଡ଼ା ଜ୍ୟେଷ୍ଠ ସରିବାକୁ ବସିଲାଣି । ହେଲେ, ଗଜପତି ଜିଲ୍ଲାରେ ମୌସୁମୀ ସକ୍ରିୟ ହୋଇ ପାରିଲା ନାହିଁ । ଏ ନେଇ ଖରିଫ ଚାଷ ପ୍ରଭାବିତ ହେବାର ଆଶଙ୍କା ଦେଖା ଦେଇଥିବା ବେଳେ ଚାଷୀଙ୍କ ଚିନ୍ତା ବଢୁଥିବା ନଜରକୁ ଆସୁଛି । ଆକାଶରେ ପ୍ରତିଦିନ ମେଘ ଆସୁଛି, ବିଜୁଳି ଚମକୁଛି, ଘଡ଼ଘଡ଼ି ଶବ୍ଦ ଶୁଣାଯାଉଛି, କିନ୍ତୁ ଚାଷ ଜମିକୁ ଭିଜାଇବା ଭଳି ବର୍ଷା ହେଉନାହିଁ । ଦିନତମାମ ପ୍ରଚଣ୍ଡ ଖରା ଓ ଗୁଳୁଗୁଳିଆ ପାଗ ପରେ ଅପରାହ୍ ?ଣରେ ମେଘ ଘୋଟି ଆସୁଥିଲେ ମଧ୍ୟ ବର୍ଷା କେବଳ କିଛି ସମୟରେ ସୀମିତ ରହୁଛି । ଏଭଳି ପାଗ ଚାଷୀଙ୍କ ଆଶାକୁ ନିରାଶରେ ପରିଣତ କରିଛି । ସାଧାରଣତଃ ଜୁନ୍ ଶେଷ ସୁଦ୍ଧା ଧାନ ତଳିପକା ଏବଂ ଜମି ପ୍ରସ୍ତୁତି କାର୍ଯ୍ୟ ଜୋରଦାର ହୋଇଥାଏ । କିନ୍ତୁ, ବର୍ଷାର ଅଭାବ ଯୋଗୁଁ ଅଧିକାଂଶ ଜମି ଶୁଖିଲା ପଡ଼ିଛି । କେବଳ କିଛି ଅଞ୍ଚଳରେ ଅଳ୍ପ ବର୍ଷାକୁ ଭରସା କରି ଚାଷୀମାନେ ଧାନ ତଳିପକା ଆରମ୍ଭ କରିଥିବା ବେଳେ ଅଧିକାଂଶ ଚାଷୀ ଭଲ ବର୍ଷାକୁ ଅପେକ୍ଷା କରି ବସିଛନ୍ତି । ଗଜପତିର କାଶୀନଗର, ପାରଳାଖେମୁଣ୍ଡି, ଆର୍. ଉଦୟଗିରି, ମୋହନା, ନୂଆଗଡ଼, ରାୟଗଡ଼ା, ଗୋଷାଣୀ ଓ ଗୁମ୍ମା ବ୍ଲକରେ ବର୍ଷାର ପରିମାଣ ସ୍ୱାଭାବିକ ଠାରୁ କମ୍ ରହିଛି । କେତେକ ସ୍ଥାନରେ ସ୍ୱଳ୍ପ ବର୍ଷା ହୋଇଥିଲେ ମଧ୍ୟ ତାହା ଚାଷ କାର୍ଯ୍ୟ ପାଇଁ ପର୍ଯ୍ୟାପ୍ତ ନୁହେଁ । କାହିଁକିନା, ଚାଷ ଜମିରେ ଆବଶ୍ୟକ ଆର୍ଦ୍ରତା ସୃଷ୍ଟି ହୋଇନାହିଁ । ଏଯାବତ, ଗଜପତିରେ ୧୩୧.୭ ମିମି ବର୍ଷା ରେକର୍ଡ ହୋଇଥିବା ବେଳେ ସ୍ୱାଭାବିକ ବର୍ଷା ୨୦୪.୮ ମିମି ହେବା କଥା । ଏଣୁ, ଜିଲ୍ଲାରେ ପ୍ରାୟ ୩୬ ପ୍ରତିଶତ ବର୍ଷା କମ୍ ରହିଛି । ଚଳିତ ଖରିଫ ଚାଷ ପାଇଁ ଏହା ଚିନ୍ତାଜନକ ସଙ୍କେତ ବୋଲି କୃଷି ବିଶେଷଜ୍ଞମାନେ ମତ ରଖିଛନ୍ତି । ବର୍ତମାନ ଜିଲ୍ଲାର ହଜାର ହଜାର ଚାଷୀଙ୍କ ନଜର ମୌସୁମୀ ବର୍ଷା ଉପରେ ରହିଛି । ଯଦି ଆଉ କିଛି ଦିନ ଏଭଳି ଲାଗି ରହେ, ତେବେ ଧାନ ରୋପଣ ବିଳମ୍ବିତ ହେବା ସହ ଉତ୍ପାଦନ ଉପରେ ମଧ୍ୟ ପ୍ରଭାବ ପଡ଼ିବାର ଆଶଙ୍କା ରହିଛ

## ଏଟିଏମ୍ କାର୍ଡ଼ ଅଦଳ ବଦଳ କରି ୨୫ ହଜାର ଲୁଟ୍

ନିମାପଡ଼ା,(ନି.ପ୍ର.): ଏଟିଏମ୍ କାର୍ଡ଼ ଦ୍ୱାରା ମେସିନ୍‌ରୁ ଟଙ୍କା ଉଠାଇ ଦେବାର ସାହାଯ୍ୟ କରି ଦେବ କହି ୨୫ ହଜାର ଟଙ୍କା ଉଠାଇ ନେବା ସଂକ୍ରାନ୍ତରେ ଅଭିଯୋଗ ହେବାରୁ ପୋଲିସ ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି । ପୌରାଂଚଳ ଅନ୍ତର୍ଗତ ପାଟପୁର ଗ୍ରାମର ଲକ୍ଷ୍ମୀଧର ଭୋଇ ନିଜ ଭାଉଜଙ୍କ ଏଟିଏମ୍ କାର୍ଡ଼ ନେଇ ଏନ୍ଏସି କାର୍ଯ୍ୟାଳୟ ନିକଟସ୍ଥ ପାବ ନ୍ୟାସନାଲ ବ୍ୟାଙ୍କ ଏଟିଏମ୍ କାଉଂଟରରୁ ୨୦ ହଜାର ଟଙ୍କା ଉଠାଇ ଥିଲେ । ପରେ ୫ ହଜାର ଟଙ୍କା ଆବଶ୍ୟକ ପଡ଼ିବାରୁ ପୁରୁଣା ବସ୍‌ଷ୍ଟାଣ୍ଡ ନିକଟସ୍ଥ ଇଉକୋ ବ୍ୟାଙ୍କ ଏଟିଏମ୍ କାଉଂଟର ଯାଇ ଉଠାଇବାକୁ ଚେଷ୍ଟା କରି ବିଫଳ ହୋଇଥିଲେ । ସେଠାରେ ଉପସ୍ଥିତ ଥିବା ଜନୈକ ବ୍ୟକ୍ତି ସହାୟତାର ହାତ ବଢ଼ାଇ ଏଟିଏମ୍ କାର୍ଡ଼ ଅଦଳ ବଦଳ କରି ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲେ । ପରେ ଲକ୍ଷ୍ମୀଦର ନିଜ ବ୍ୟାଙ୍କକୁ ଯାଇ ଯୋଗାଯୋଗ କରିବାରୁ ତାଙ୍କ ପାସ୍‌ବହିରୁ ୨୫ ହଜାର ଟଙ୍କା ଉଠି ଯାଇଥିବା ଜାଣିବାକୁ ପାଇଲେ । ତାଙ୍କ ଅଜାଣତରେ କେହି ଅଜଣା ବ୍ୟକ୍ତି ତାଙ୍କ ପାସ୍ ବହିରୁ ଟଙ୍କା ଉଠାଣ ହୋଇଥିବା ସଂପର୍କରେ ଏତାଲା ଦେବାରୁ ପୋଲିସ ମୋକଦ୍ଦମା ରୁଜୁ କରି ତଦନ୍ତ ଜାରି ରଖିଥିଲେ । ତଦନ୍ତ ପରେ ନିମାଇଁ ମହାନ୍ତି ନାମକ ଜନୈକ ବ୍ୟକ୍ତି ଇଉକୋ ବ୍ୟାଙ୍କ ଏଟିଏମ୍ କାଉଂଟରରୁ ଉଠାଣ କରିଥିବା ଜଣାପଡ଼ିଥିଲେ ମଧ୍ୟ ଆସାମୀକୁ ଧରିବାରେ ପୋଲିସ ସଫଳ ହୋଇପାରିନାହିଁ । ଇଉକୋ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ଜଣାଇ ପଦକ୍ଷେପ ନେବା ପାଇଁ ଲକ୍ଷ୍ମୀଧର ଦାବି କରିଥିବା ଗଣମାଧ୍ୟମକୁ ଜଣାଇଛନ୍ତି ।

## କେନ୍ଦୁଝର: ଠକେଇ ଅଭିଯୋଗର ପର୍ଦାଫାସ

କେନ୍ଦୁଝର,(ନିପ୍ର): ଅଭିଯୁକ୍ତ ସମୀର କୁମାର ବର୍ମନଙ୍କ ସହ ଜଡିତ ଏକ ବଡ ଚାକିରି ଠକେଇ ମାମଲାର ପର୍ଦାଫାସ କରିଛି । ଯାହାଙ୍କ ନାମରେ କଟକ ଜିଲ୍ଲା କିଶୋର ନଗରର ସାନ୍ତରାପୁର ଗ୍ରାମର ସ/ଓ-ଲେଫ୍ଟନାଣ୍ଟ ସରୋଜ କୁମାର ବର୍ମନ ଅଭିଯୋଗ କରିଛନ୍ତି ଯେ ସେ ରାଜ୍ୟ ସଚିବାଳୟରେ ସ୍ୱାସ୍ଥ୍ୟ ବିଭାଗର ଜଣେ କର୍ମଚାରୀ ଭାବରେ ନିଜକୁ ମିଥ୍ୟା ପରିଚୟ ଦେଇ ଏବଂ ତାଙ୍କ ପ୍ରଭାବ ବଳରେ ସରକାରୀ ଚାକିରି ଯୋଗାଇବାର ପ୍ରତିଶ୍ରୁତି ଦେଇ ଅନେକ ଚାକିରି ଆଶାୟୀଙ୍କୁ ଠକିଥିଲେ ।



ତଦନ୍ତ ସମୟରେ, ଏହା ଜଣାପଡ଼ିଥିଲା ଯେ ଅଭିଯୁକ୍ତ ଅଭିଯୋଗକାରୀ ଏବଂ ଅନ୍ୟ ନଅ ଜଣ ପୀଡିତଙ୍କୁ ବିଭିନ୍ନ ସରକାରୀ ପ୍ରତିଷ୍ଠାନରେ ନିଯୁକ୍ତି ପ୍ରଦାନ କରିବାର ମିଥ୍ୟା ପ୍ରତିଶ୍ରୁତି ଦେଇ ଅସାଧୁ ଭାବରେ ମୋଟ ୨୩,୯୭,୦୦୦ ଟଙ୍କା ଦେଇ ପ୍ରବର୍ତ୍ତାଇଥିଲେ । ପୀଡିତମାନେ ନଗଦ ଏବଂ ଡିଜିଟାଲ କାରବାର ମାଧ୍ୟମରେ ଟଙ୍କା ଦେଇଥିଲେ ।

ଅଭିଯୁକ୍ତ ୮୦,୦୦୦ ଟଙ୍କା ଆଂଶିକ ପରିଶୋଧ ବ୍ୟତୀତ ପ୍ରତିଶ୍ରୁତି ଦିଆଯାଇଥିବା ଚାକିରି ପ୍ରଦାନ କରିନଥିଲେ କିମ୍ବା ଟଙ୍କା ଫେରସ୍ତ କରିନଥିଲେ । ପୀଡିତଙ୍କ ବିଶ୍ୱାସ ହାସଲ କରିବା ପାଇଁ, ସେ କିଛି ପ୍ରାର୍ଥୀଙ୍କ ନାମରେ ନକଲି ନିଯୁକ୍ତିପତ୍ର ମଧ୍ୟ ଜାରି କରିଥିବା ଅଭିଯୋଗ ହୋଇଛି ।

ତଦନ୍ତ ସମୟରେ, ଫୋନ୍ ପେ କାରବାର ରେକର୍ଡ, ବ୍ୟାଙ୍କ ଜମା ସ୍ଲିପ୍, ଚେକ୍ ବିବରଣୀ ଏବଂ ନକଲି ନିଯୁକ୍ତି ପତ୍ର ସମେତ ଡକ୍ୟୁମେଣ୍ଟାରୀ ପ୍ରମାଣ ଜବତ କରାଯାଇଛି ।

ଭାରତୀୟ ନ୍ୟାୟ ସଂହିତା ର ଧାରା ୩୧୮(୪)/୩୧୯(୨)/୩୩୬(୩)/୩୪୦(୨) ଅନୁଯାୟୀ କେନ୍ଦୁଝର ସଦର ପୋଲିସ ଷ୍ଟେସନରେ ଏକ ମାମଲା ରୁଜୁ କରାଯାଇଛି । ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି, କୋର୍ଟରେ ହାଜର କରାଯାଇଛି ଏବଂ ନ୍ୟାୟିକ ହେପାଜତକୁ ପଠାଯାଇଛି । ଆହୁରି ଅଧିକ ପୀଡିତ ସମ୍ପୃକ୍ତ ଅଛନ୍ତି କି ନାହିଁ ତାହା ଜାଣିବା ଏବଂ ଠକେଇ ହୋଇଥିବା ଟଙ୍କା ଆଦାୟ କରିବା ପାଇଁ ଅଧିକ ତଦନ୍ତ ଜାରି ରହିଛି । କେନ୍ଦୁଝର ସଦର ପିଏସ୍ ମାମଲା ନଂ. ୭୫୮/୨୫ ୟୁ/ଏସ୍ ୩୧୮(୪)/୩୧୯(୨)/୩୩୬(୩)/୩୪୦(୨) ବିଏନ୍ଏସ୍ ।

## ପେଟ୍ରୋଲ ପମ୍ପରେ ଚାଳକ ହଟହଟା

ବେଲଗୁଣ୍ଠା,(ନିପ୍ର): ଗତ କିଛି ଦିନ ହେବ ବେଲଗୁଣ୍ଠା ଏକ ପେଟ୍ରୋଲ ପମ୍ପରେ ତେଲ ପକାଇବା ପରେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ପୂର୍ବରୁ ଗାଡ଼ି ଠିକ୍ ଠାକ୍ ଚାଲୁଥିବା ବେଳେ ଏଠାରେ ତେଲ ପକାଇବା ପରେ କିଛି ସମୟ ଗାଡ଼ି ଚାଲିବା ପରେ ଗାଡ଼ି ବନ୍ଦ ହୋଇଯିବା ସହିତ ଏହାକୁ ଧକ୍କା ମାରିବାର ଦୃଶ୍ୟ ଦେଖିବାକୁ ମିଳିଛି । ରାସ୍ତାଘାଟରେ ମୋଟର ସାଇକେଲ ଗୁଡ଼ିକ ବନ୍ଦ ହୋଇଯିବା ଯୋଗୁଁ ଗ୍ୟାରେଜ୍ ମେକାନିକ୍ ମାନଙ୍କୁ ଡାକରା ପଡୁଛି । ଗ୍ୟାରେଜ କର୍ମଚାରୀମାନେ ଗ୍ୟାରେଜକୁ ଗାଡ଼ି ବୋହି ଆଣୁଥିବା ଦେଖିବାକୁ ମିଳୁଛି । ସୂଚନା ପ୍ରକାରେ ଗତ ଚବିଶି ତାରିଖ ଠାରୁ ଆଜି ପର୍ଯ୍ୟନ୍ତ ଚାରି ଦିନ ମଧ୍ୟରେ ପ୍ରାୟ ୧୦୦ ରୁ ଊର୍ଦ୍ଧ୍ୱ ଗାଡ଼ି ବାଟରେ ଅଟକି ଥିବା ବିଭିନ୍ନ ଗ୍ୟାରେଜ ମାଲିକମାନେ ପ୍ରକାଶ କରିଛନ୍ତି । ଦୁଇ ଦିନ ମଧ୍ୟରେ କେବଳ ବେଲଗୁଣ୍ଠା ସହର ୩୦ ରୁ ଊର୍ଦ୍ଧ ବାଇକ ରାସ୍ତାରେ ଅଟକି ଯାଇ ଡାଲା ଅଟୋରେ ଗାଡିକୁ ବୋହି ଅଣାଯାଇଥିବା ଖବର ମିଳିଛି । ତେଲରେ ଇଥାନଲ ଅଧିକ ମିଶୁଥିବାରୁ କିମ୍ବା କମ୍ ମିଶି ଯାଉଥିବାରୁ ଏହିପରି ଅସୁବିଧା ହେଉଥିବା ଗ୍ୟାରେଜ୍ ମେକାନିକମାନେ ପ୍ରକାଶ କରିଛନ୍ତି । ବର୍ତ୍ତମାନ ଦୁଇ ଦିନ ମଧ୍ୟରେ ଏହି ତେଲ ଟାଙ୍କିରେ ତେଲ ପକାଇବା ଗାଡ଼ି ସଂଖ୍ୟା କମିଥିବା ବେଳେ ଯେଉଁମାନେ ଜାଣି ନାହାଁନ୍ତି ଏଠାରେ ତେଲ ପକାଇ ବାଟରେ ହଇରାଣ ହେଉଥିବା ଦେଖିବାକୁ ମିଳିଛି । ଏନେଇ ପ୍ରଶାସନ ତରଫରୁ ତଦନ୍ତ କରାଯାଇ ପ୍ରକୃତ କାରଣକୁ ଖୋଜି ବାହାର କରିବା ସହିତ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବାଇକ୍ ଚଳକମାନେ ଦାବି କରିଛନ୍ତି ।

## ୫୭ ୟୁନିଟରୁ ଊର୍ଦ୍ଧ୍ୱ ରକ୍ତ ସଂଗ୍ରହ

ରମ୍ଭା,(ନିପ୍ର): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଜନ୍ମ ଦିନ ଅବସରରେ ଛତ୍ରପୁର ଠାରେ ବିଧାୟକ କୃଷ୍ଣଚନ୍ଦ୍ର ନାୟକଙ୍କ ପୌରହିତରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି । ଛତ୍ରପୁର ନିର୍ବାଚନ ମଣ୍ଡଳୀ ବିଜେପି ପକ୍ଷରୁ ଆୟୋଜିତ ଏହି ଶିବିରକୁ ରମ୍ଭା ମଣ୍ଡଳ ବିଜେପି ପକ୍ଷରୁ ପୂର୍ଣ୍ଣ ସମର୍ଥନ ଓ ସହଯୋଗ ପ୍ରଦାନ କରାଯାଇଛି ।

ରମ୍ଭା ବିଜେପି ମଣ୍ଡଳ ସଭାପତି ଘନଶ୍ୟାମ ବେହେରାଙ୍କ ନେତୃତ୍ୱରେ ରମ୍ଭା ଏନଏସି ଅଧ୍ୟକ୍ଷାଙ୍କ ପ୍ରତିନିଧି କାହ୍ନା ସ୍ୱାଇଁ,ଉପାଧ୍ୟକ୍ଷ କାଳିଆ ତରେଇ ସହିତ ବହୁ ସଂଖ୍ୟାରେ କାର୍ଯ୍ୟକର୍ତ୍ତା ଓ ଯୁବମୋର୍ଚ୍ଚା ସଦସ୍ୟ ଛତ୍ରପୁରରେ ପହଞ୍ଚି ରକ୍ତଦାନ କରିଥିଲେ । ରମ୍ଭା ବିଜେପି ପକ୍ଷରୁ ମୋଟ ୫୭ ୟୁନିଟ୍ ରୁ ଊର୍ଦ୍ଧ୍ୱ ରକ୍ତ ସଂଗ୍ରହ କରାଯାଇଛି ।

## ପୋଲିଓ ଟିକାକରଣରୁ ବଞ୍ଚିତ ନ ହୁଅନ୍ତୁ ଶିଶୁ

ରାୟଗଡ଼,(ନି:ପ୍ର): ଜାତୀୟ ପୋଲିଓ ଟିକାକରଣ ଦିବସ-୨୦୨୬ ଅବସରରେ ଇଣ୍ଟେନ୍ସିଫାଇଡ୍ ପଲ୍ସ ପୋଲିଓ ଇମ୍ୟୁନାଇଜେସନ୍ (ଆଇପିପିଆଇ) କାର୍ଯ୍ୟକ୍ରମର ଜିଲ୍ଲାସ୍ତରୀୟ ଉଦ୍ଘାଟନୀ ସମାରୋହ ରାୟଗଡ଼ ମୁଖ୍ୟ ଚିକିତ୍ସାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିଶୁମାନଙ୍କୁ ମୌଖିକ ପୋଲିଓ ଟିକା ପ୍ରଦାନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଏହି ଅବସରରେ ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ନାଗେନ୍ଦ୍ରନାଥ ମହାପାତ୍ର, ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ ଡା. ପ୍ରଶାନ୍ତ କୁମାର ମିଶ୍ର, ପରିବାର କଲ୍ୟାଣ ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ ଡା. କିଶୋର ଚନ୍ଦ୍ର ବାରାଇ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଦେବରାଜ ଟାକ୍ରୀ ଏବଂ ଅନ୍ୟାନ୍ୟ ଚିକିତ୍ସକ, ନର୍ସ, ଅଙ୍ଗନୱାଡ଼ି କର୍ମୀ ଓ ଆଇପି କର୍ମଚାରୀମାନେ ଉପସ୍ଥିତ ଥିଲେ ।ମୁଖ୍ୟ ଅତିଥି ଶ୍ରୀ ନାୟକ ତାଙ୍କ ବକ୍ତବ୍ୟରେ ପୋଲିଓ ମୁକ୍ତ ଭାରତ ଗଠନ ଦିଗରେ ସରକାରଙ୍କ ଉଦ୍ୟମକୁ ସଫଳ କରିବା ପାଇଁ ସମସ୍ତଙ୍କ ସହଯୋଗ ଆହ୍ୱାନ କରିଥିଲେ । ସେ କହିଥିଲେ ଯେ, କୌଣସି ଶିଶୁ ଯେପରି ପୋଲିଓ ଟିକାକରଣରୁ ବଞ୍ଚିତ ନ ରୁହନ୍ତି, ସେଥିପ୍ରତି ବିଶେଷ ଯତ୍ନ ନେବା ଆବଶ୍ୟକ । ଜିଲ୍ଲାର ସମସ୍ତ ଚିକିତ୍ସକ, ନର୍ସ, ଅଙ୍ଗନୱାଡ଼ି କର୍ମୀ ଓ ଆଇପି କର୍ମଚାରୀମାନେ କାର୍ଯ୍ୟକ୍ରମର ସଫଳ ରୂପାୟନ ନିମନ୍ତେ ସକ୍ରିୟ ଭାବେ ଅଂଶଗ୍ରହଣ କରିଛନ୍ତି ।

**ପାରଳାଖେମୁଣ୍ଡି,(ନିପ୍ର):** ଗଜପତି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପାରଳାଖେମୁଣ୍ଡିରେ ପଲସ ପୋଲିଓ ଟୀକାକରଣ କାର୍ଯ୍ୟକ୍ରମ ୨୦୨୬ର ଶୁଭାରମ୍ଭ ହୋଇଯାଇଛି । ସରକାରଙ୍କ ନିଷ୍ପତ୍ତି ପ୍ରକାରେ, ଅଦ୍ୟ ତା, ୨୮-୦୬-୨୦୨୬ ଠାରୁ ୩୦-୦୬-୨୦୨୬ ପର୍ଯ୍ୟନ୍ତ ସମଗ୍ର ଜିଲ୍ଲାରେ ପଲସ ପୋଲିଓ ଟୀକାକରଣ କାର୍ଯ୍ୟକ୍ରମ କରାଯିବ । ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ଜନ୍ମରୁ ପାଞ୍ଚ ବର୍ଷ ପର୍ଯ୍ୟନ୍ତ ସମସ୍ତ ଶିଶୁ ପ୍ରାୟ ୬୬୩୬୫ ଜଣ ଶିଶୁଙ୍କୁ ଦୁଇ ବୁନ୍ଦା ପୋଲିଓ ଟୀକା ଖୁଆଇବାର ଲକ୍ଷ୍ୟ ରଖାଯାଇଛି । ଏଥିପାଇଁ ଚିହ୍ନଟ କରାଯାଇଥିବା ୫୭୪ ଟି ବୁଥରେ ଦୁଇ ଜଣିଆ ଟୀକା ପ୍ରଦାନକାରୀ ଦଳଙ୍କୁ ନିୟୋଜିତ କରାଯାଇଛି । ଏତଦ ବ୍ୟତିତ , ୨୦ଟି ଭ୍ରାମ୍ୟମାଣ ଦଳ ଏବଂ ଜନସାଧାରଣ ଯାତାୟାତ କରୁଥିବା ମୁଖ୍ୟ ଚିହ୍ନିତ ସ୍ଥାନ ସମୂହରେ ୩୦ଟି ଦଳ ନିୟୋଜିତ କରାଯାଇଛି । ଟୀକାକରଣର ପ୍ରଥମ ଦିନ ଅର୍ଥାତ୍ ୨୮-୦୬-୨୦୨୬ ଚିହ୍ନଟ କରାଯାଇଥିବା ବୁଥ ସମୂହରେ ଟୀକାକରଣ କରାଯିବ । ପରବର୍ତ୍ତୀ ଦୁଇ ଦିନ, ଟୀକା ପ୍ରଦାନକାରୀ ଦଳ ଗୃହ ପରିଦର୍ଶନ କରି ପୋଲିଓ ଟୀକା ପାଇନଥିବା ଶିଶୁଙ୍କୁ ପୋଲିଓ ବୁନ୍ଦା ଖୁଆଇବେ ।

**ନିମାପଡ଼ା, :** ତ୍ରିଦିବସୀୟ ପଲସ୍ ପୋଲିସ ଅଭିଯାନ ଶୁଭାରମ୍ଭ ହୋଇଛି । ନିମାପଡ଼ା ବ୍ଲକ୍ ସ୍ତରୀୟ କାର୍ଯ୍ୟକ୍ରମକୁ ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ ଡ଼ଃ ପ୍ରଶାନ୍ତ କୁମାର ସାମନ୍ତରାୟ ଏହି ଅଭିଯାନକୁ ଉଦ୍‌ଘାଟନ କରି ଶିଶୁମାନଙ୍କୁ ପୋଲିଓ ଟୀକାର ବୁନ୍ଦା ପିଆଇ ଥିଲେ । ଜନ୍ମରୁ ୫ ବର୍ଷ ବୟସ ପର୍ଯ୍ୟ' ସମସ୍ତ ଶିଶୁଙ୍କୁ ପୋଲିସ ପ୍ରତିଷେଧକ ବୁନ୍ଦା ପ୍ରଦାନ କରାଯିବାର କାର୍ଯ୍ୟକ୍ରମ ପ୍ରସ୍ତୁତ ଶେଷ ହୋଇଛି । ପ୍ରଥମ ଦିବସରେ ୯୨ଟି ବୁଥ୍‌ରେ ଟୀକାକରଣ କାର୍ଯ୍ୟକ୍ରମରେ ଅଙ୍ଗନୱାଡ଼ି କର୍ମୀ, ଆଶାଦିଦି, ପୁରୁଷ/ମହିଳା ସ୍ୱାସ୍ଥ୍ୟକର୍ମୀ, ପରିଦର୍ଶକ, ପରିଦର୍ଶିକାମାନେ ଯୋଗ ଦେଇ କାର୍ଯ୍ୟକ୍ରମକୁ ସଫଳ ରୂପାୟନ ଦେଇଥିଲେ ।

## ଅଧ୍ୟାପକଙ୍କ ବିୟୋଗରେ ଶୋକ

ଭାପୁର,(ନିପ୍ର): ଭାପୁର ବ୍ଲକ ଶାସନ ପଂଚାୟତ ଟିକିରିପଡା ଗ୍ରାମରେ ଅବସ୍ଥିତ ବାଲୁଙ୍କେଶ୍ୱର ଦେବ ଅଞ୍ଚଳିକ ଯୁକ୍ତ ୩ ଡିଗ୍ରୀ ମହାବିଦ୍ୟାଳୟ ଶିକ୍ଷା ବିଭାଗର ମୁଖ୍ୟ ପ୍ରକାଶ କୁମାର ସାହୁ ଶ୍ୱାସ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରିଛନ୍ତି । ସେ ମହାବିଦ୍ୟାଳୟରେ ୧୯୯୭ ମସିହାରୁ ଅଧ୍ୟାପନା ଦେଇ ଆସୁଥିଲେ । ତାଙ୍କ ଘର କଟକ ଜିଲ୍ଲା ବାଙ୍କୀ ପାଟପୁର ଗ୍ରାମରେ ଅବସ୍ଥିତ । ଏହି ଦୁଃଖଦ ଖବର ଶୁଣି ମହାବିଦ୍ୟାଳୟର ଅଧ୍ୟକ୍ଷ,ସହ କର୍ମଚାରୀ ଏବଂ ଛାତ୍ରଛାତ୍ରୀମାନେ ଦୁଃଖ ପ୍ରକାଶ କରି ଅମରଆତ୍ମାର ସଦ୍‌ଗତି ନିମନ୍ତେ ଶୋକ ପ୍ରକାଶ କରିଛନ୍ତି ।

## ମୟୂର ସାହିତ୍ୟ ସଂସଦର ବର୍ଷା କବିତା ଆସର

ବଡ଼ସାହି,(ନିପ୍ର): ବେତନଟୀର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ 'ମୟୁର ସାହିତ୍ୟ ସଂସଦ' ତରଫରୁ ଆଦ୍ୟ ଆଷାଢରେ ବର୍ଷା ଆଗମନକୁ ସ୍ୱାଗତ ପୂର୍ବକ କବିତା ଆସର ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ଶ୍ରୀମା ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପରିସରରେ ସଂସଦର ସଭାପତି ବିପ୍ଲବୀ କବି ଭ ।ସ୍କର ଚନ୍ଦ୍ର ଦ୍ୱିବେଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବହୁ ଲେଖକ ଓ କବି ଉପସ୍ଥିତ ରହି ଏଲ- ନିନୋ ର ପ୍ରଭାବ ଓ ବିଳମ୍ବିତ ବର୍ଷା, ଚାଷୀକୂଳଉପରେ ତାର ପ୍ରଭାବ ଶୀର୍ଷକ ସ୍ୱରଚିତ କବିତା ଗୁଡିକ ଆବୃତ୍ତି କରିଥିଲେ । କବିତା ଗୁଡିକର ସଂଯୋଜନା ସଂପାଦକ ନିରୋଦ ସୁନ୍ଦର ଜେନା କରିଥିଲେ ।

## ୪୦ କୋଟି ଲୋକ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ କ୍ଷେତ୍ରରେ ନିଯୁକ୍ତି ପାଇଛନ୍ତି

### କୌଳିକ ବୃତ୍ତିର ବିକାଶ ଓ ଲୋକଙ୍କ ଆୟ ବୃଦ୍ଧି ହେବ : ବିଧାୟକ

ସୋନପୁର,(ନିପ୍ର): ସୁବର୍ଣ୍ଣପୁର ଜିଲ୍ଲା ନୂଆ ଟାଉନ ହଲରେ 'ଉଦ୍ୟମୀ ଓଡ଼ିଶା ଏମଏସଏମଇ କାର୍ଯ୍ୟକ୍ରମ'ର ଉଦ୍‌ଘାଟନ କରିଥିଲେ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଓ ବୀରମହାରାଜପୁର ବିଧାୟକ ଇଂ. ରଘୁନାଥ ଜଗଦଲା । ପ୍ରଦର୍ଶନୀରେ ମୋଟ ୨୨ଟି ଷ୍ଟଲ୍ ରହିଛି । ସେଥିମଧ୍ୟରୁ ୬ଟି ଷ୍ଟଲ୍ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କ ପାଇଁ ସଂରକ୍ଷିତ ରହିଛି । ଏହି ପ୍ରଦର୍ଶନୀ କାର୍ଯ୍ୟକ୍ରମ ଜୁଲାଇ ୧ ତାରିଖ ପର୍ଯ୍ୟନ୍ତ ଚାଲିବ । ପ୍ରତିଦିନ ସକାଳ ୧୦ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ପ୍ରଦର୍ଶନୀ ସର୍ବସାଧାରଣଙ୍କ ପାଇଁ ଖୋଲା ରହିବ । ସାଧାରଣ ପରିଚାଳିକା, ଜିଲ୍ଲା ଶିଳ୍ପ କେନ୍ଦ୍ର, ସୁବର୍ଣ୍ଣପୁର, ସୁଶ୍ରୀ ସୁଷମା କରାଳି ସ୍ୱାଗତ ଭାଷଣ ଦେଇଥିଲେ । ଅନ୍ୟତମ ଅତିଥି ଭାବରେ ଯୋଗ ଦେଇଥିଲେ ମୁନିସିପାଲିଟି ଅଧ୍ୟକ୍ଷା




ତାମାସୀ ତାମସ୍ମିତା ନାଏକ, ଏଲ୍.ଡି.ଏମ୍., ସୁବର୍ଣ୍ଣପୁର, କାର୍ତ୍ତିକେଶ୍ୱର ପଣ୍ଡା ଏବଂ ଡି.ଡି.ଏମ୍. ନାବାର୍ଡ, ଡ.ସତ୍ୟସ୍ୱରୂପ ବିଦାନ୍ତ ।

ପ୍ରଦର୍ଶନୀ ଅବସରରେ ଉଦ୍ୟୋଗୀତା, ଋଣ ସହାୟତା, ବ୍ୟାଙ୍କିଂ ସୁବିଧା, ଛାତ୍ରଛାତ୍ରୀ ଓ ଯୁବବର୍ଗଙ୍କ ଦକ୍ଷତା ବିକାଶ, ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ସଶକ୍ତିକରଣ ଏବଂ ବିଭିନ୍ନ ସରକାରୀ ଯୋଜନା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହେବ ।

ସେହିପରି ବିପଣନ, ବ୍ରାଣ୍ଡିଂ, ଡିଜିଟାଲାଇଜେସନ ଓ ଉଦ୍ୟୋଗୀତା ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହେବ । ଏହା ସହିତ ଉଦ୍ୟୋଗୀତା ବିଷୟ ଉପରେ ପ୍ରବନ୍ଧ, ବିତର୍କ, କୁଇଜ୍ ଏବଂ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜନ କରାଯିବ । ପ୍ରଦର୍ଶନୀର ଶେଷ ଦିନରେ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ସହିତ ସଫଳ ଉଦ୍ୟୋଗୀମାନଙ୍କୁ ସମ୍ମାନିତ କରାଯିବ । କାର୍ଯ୍ୟକ୍ରମରେ ସୂଚନା ଦିଆଯାଇଥିଲା ଯେ ଦେଶରେ ୪୦ କୋଟି ଲୋକ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ କ୍ଷେତ୍ରରେ ଚାକିରି ପାଉଛନ୍ତି । ଏହି କ୍ଷେତ୍ରରେ ଗ୍ରାମୀଣ ଲୋକମାନେ ଅଧିକାଂଶ ଭାବରେ କାମ କରୁଛନ୍ତି । ଏହାଛଡ଼ା ଋଣରେ ମଧ୍ୟ ୮୦୦ କୋଟି ଟଙ୍କା ଏହି କ୍ଷେତ୍ରକୁ ଦିଆଯାଉଛି । ବିଧାୟକ ଶ୍ରୀ ଜଗଦଲା କହିଥିଲେ ଯେ ସରକାର ଜନସାଧାରଣଙ୍କର ଆୟ ବୃଦ୍ଧି କରିବା ପାଇଁ ଚେଷ୍ଟା କରୁଛନ୍ତି । ଏହି କ୍ଷେତ୍ରରେ ଆମେ ଆମର କୌଳିକ ବୃତ୍ତିର ବିକାଶ କରିପାରିବା ।

## ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

ରାୟଗଡ,(ନି:ପ୍ର): ରାୟଗଡ ଜିଲ୍ଲା ପ୍ରଶାସନ ତରଫରୁ ବିଷମକଟକ ପଞ୍ଚାୟତ ସମିତି କାର୍ଯ୍ୟାଳୟ ଠାରେ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ରାୟଗଡ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶୁଣାଣି ଶିବିରରେ ଉପଜିଲ୍ଲାପାଳ ଗୁଣପୁର ଦୁଧାଳ ଅଭିଷେକ ଦିଲ୍ଲୀପ, ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ଃ ନଗେନ୍ଦ୍ରନାଥ ମହାପାତ୍ର, ବନଖଣ୍ଡ ଅଧିକାରସଚିନ ଅନାସାହେବ ଓହଲ ଉପସ୍ଥିତ ରହି ଜନସାଧାରଣଙ୍କୁ ବିଭିନ୍ନ ଅଭିଯୋଗ ଶୁଣାଣି କରିଥିଲେ । ମୋଟ ୧୦୦ ଟି ଅଭିଯୋଗ ଜିଲ୍ଲାପାଳ ଗ୍ରହଣ କରିଥିଲେ । ସେଥି ମଧ୍ୟରୁ ୮୪ଟି ବ୍ୟକ୍ତିଗତ ଅଭିଯୋଗ ଥିଲା ବେଳେ ୧୪ଗୋଟି ଗ୍ରାମ ବାସୀ ମାନଙ୍କର ସାମୂହିକ ଅଭିଯୋଗ ଥିଲା । ଏହି ଅଭିଯୋଗ ଶିବିରରେ ବିଶେଷକରି ଆବାସ ଯୋଜନାରେ ଘର, ସ୍ୱାସ୍ଥ୍ୟଗତ ସମସ୍ୟା, ଜମାଜମା, ପାରିବାରିକ ସମସ୍ୟା ,ଜଳସେଚନ, ଭତ୍ତା, ରାସ୍ତା ନିର୍ମାଣ, ପୋଲ ନିର୍ମାଣ ଓ ଅଙ୍ଗନବାଡି ଗୃହ ନିର୍ମାଣ ସହ ଅନ୍ୟାନ୍ୟ ସମସ୍ୟା ଅଭିଯୋଗ ପଞ୍ଜିକୃତ ହୋଇଥିଲା । ଏହି ଅଭିଯୋଗ ଶୁଣାଣିରେ ରେଡକ୍ରସ ପାଣ୍ଠିରୁ ୧୫,୦୦୦ ଟଙ୍କା ୨ ଜଣ ଅଭିଯୋଗକାରୀଙ୍କୁ ଦିଆଯାଇଥିଲା । ଜିଲ୍ଲାପାଳ ଆଜିର ଅଭିଯୋଗ ଗୁଡିକୁ ପାଇଲା ପରେ ବିଭାଗୀୟ ଅଧିକାରୀ ମାନଙ୍କୁ ତୁରନ୍ତ ଫଇସଲା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ । ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇ ଜନସାଧାରଣଙ୍କର ବିଭିନ୍ନ ଅଭିଯୋଗର ସମାଧାନ କରିଥିଲେ ।

## ଦିଲ୍ଲୀରେ ଇଲେକ୍ଟ୍ରିକ୍ ଯାନ ନୀତି-୨୦୨୬ ଲାଗୁ

ନୂଆଦିଲ୍ଲୀ,୨୯।୬: ରାଜଧାନୀ ଦିଲ୍ଲୀରେ ନୂତନ ଇଲେକ୍ଟ୍ରିକ୍ ଯାନ(ଇଭି) ନୀତି-୨୦୨୬ ଲାଗୁ ହୋଇଛି। ଏହା ୧ ଜୁଲାଇ ରୁ କାର୍ଯ୍ୟକାରୀ ହେବ। ସୋମବାର ଏକ ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା କହିଛନ୍ତି ଯେ, ଇଭି ନୀତିକୁ କ୍ୟାବିନେଟ ଦ୍ୱାରା ଅନୁମୋଦନ କରାଯାଇଛି। ମୁଖ୍ୟମନ୍ତ୍ରୀ କହିଛନ୍ତି, ଏହି ନୀତି ୩୧ ମାର୍ଚ୍ଚ ୨୦୩୦ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବ। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଦିଲ୍ଲୀ ଦେଶର ଏକମାତ୍ର ରାଜ୍ୟ ଯାହା ବୈଦ୍ୟୁତିକ ଯାନବାହନ ଉପରେ ସର୍ବାଧିକ ସବସିଡି ଏବଂ ଅନ୍ୟାନ୍ୟ ସୁବିଧା ପ୍ରଦାନ କରୁଛି। ଇଭି ନୀତିରେ ଦୁଇ ଚକିଆ, ତିନି ଚକିଆ, ଚାରି ଚକିଆ ଏବଂ ଗ୍ରାମୀଣ ସେବାକୁ ପ୍ରଭୃତିକୁ ସାମିଲ କରାଯାଇଛି। ଇଭି ନୀତିରେ ପ୍ରଦୂଷଣ ହ୍ରାସ ଉପରେ ଗୁରୁତ୍ୱାରୋପ କରାଯାଇଛି। ଇଭି ନୀତି ବିଷୟରେ ସୂଚନା ଦେଇ ପରିବହନ କମିସନର ନିହାରିକା ରାୟ କହିଛନ୍ତି ଯେ ୨୦୧୮ ମସିହାରେ ଦିଲ୍ଲୀ ପ୍ରଦୂଷଣ ଉପରେ କରାଯାଇଥିବା ଏକ ଅଧ୍ୟୟନ ଅନୁଯାୟୀ, ପ୍ରଦୂଷଣର ୩୩% ବାଣିଜ୍ୟିକ ଯାନ ଏବଂ ୬୭% ଦୁଇ ଚକିଆ ଏବଂ ତିନି ଚକିଆ ଯାନ ଯୋଗୁଁ ହେଉଛି। ଇଭି ନୀତି ପାଇଁ ଚାର୍ଜିଂ ଭିତ୍ତିଭୂମିକୁ ବଡ଼ ପରିମାଣରେ ବିକଶିତ କରାଯିବ। ପ୍ରଥମ ପର୍ଯ୍ୟାୟରେ, ମୁଖ୍ୟ ରାସ୍ତାରେ ଚାର୍ଜିଂ ଭିତ୍ତିଭୂମି ବିକଶିତ କରାଯିବ। ବ୍ୟକ୍ତିଗତ ଚାର୍ଜିଂ ଭିତ୍ତିଭୂମି ବିକାଶ କରିବା ପାଇଁ ବ୍ୟକ୍ତିବିଶେଷଙ୍କୁ ସକ୍ଷମ କରିବା ପାଇଁ ଡିସକମ୍ବକୁ କାର୍ଯ୍ୟ କରିବାକୁ କୁହାଯାଇଛି।

## ବିବାହ ସପିଂ ନାଁରେ ସିଆ କେତନଙ୍କଠାରୁ ୧ କୋଟି ଟଙ୍କା ନେଇ ପ୍ରେମିକକୁ ଦେଇଥିଲେ



ପୁଣେ,୨୯।୬:ମହାରାଷ୍ଟ୍ରର ପୁଣେ ନିକଟସ୍ଥ ଲୋହଗଡ଼ ଦୁର୍ଗ ଅଞ୍ଚଳରେ ଘଟିଥିବା କେତନ ଅଗ୍ରୱାଲ ହତ୍ୟା ମାମଲାରେ ଏବେ ଚମକପୂର୍ଣ୍ଣ ତଥ୍ୟ ସାମ୍ନାକୁ ଆସିଛି। ପୁଲିସ ତଦନ୍ତ ଅନୁସାରେ, ମୃତକ କେତନ ଅଗ୍ରୱାଲ ଓ ଅଭିଯୁକ୍ତ ସିୟା ଗୋୟଲ ମଧ୍ୟରେ ବିବାହ ଠିକ୍ ହୋଇଥିଲା ଓ ନିର୍ବନ୍ଧ ହୋଇଥିଲା। କିନ୍ତୁ ଏହି ସମ୍ପର୍କର ପଷ୍ଠାପଟରେ ଥିଲା ଧୋକା, ଅର୍ଥ ନେଣଦେଣ ଓ ଗୁପ୍ତ ପ୍ରେମ ସମ୍ପର୍କର ଜଟିଳ ଜାଲ। ତଦନ୍ତକାରୀ ସୂତ୍ର ଅନୁଯାୟୀ, ସିୟା ଗୋୟଲ ବିବାହ ପ୍ରସ୍ତୁତି ଓ ସପିଂ ନାମରେ ବର କେତନ ଅଗ୍ରୱାଲଙ୍କଠାରୁ ପ୍ରାୟ ୧ କୋଟି ଟଙ୍କା ନେଇଥିଲେ। ଏହି ଟଙ୍କା ପରେ ସେ ତାଙ୍କ ପ୍ରେମିକ ଚେତନ ଚୌଧୁରୀଙ୍କୁ ଦେଇଥିବା ଅଭିଯୋଗ ହୋଇଛି। ଚେତନ ଚୌଧୁରୀ ନିଜ କ୍ୟାରିଅର ଓ ବ୍ୟକ୍ତିଗତ ଆବଶ୍ୟକତା ପାଇଁ ଏହି ଅର୍ଥ ବ୍ୟବହାର କରୁଥିବା ପୁଲିସ ଅନୁମାନ କରୁଛି। ପୁଲିସ କହିଛି ଯେ, ଏହି ଘଟଣା କେବଳ ପ୍ରେମ ତ୍ରିଭୁଜ ନୁହେଁ, ବରଂ ଅର୍ଥ ଦିଆନିଆ ଓ ବିଶ୍ୱାସଭଙ୍ଗର ଏକ ଜଟିଳ ଆପରାଧିକ ଷଡ଼ଯନ୍ତ୍ର ମଧ୍ୟ ଥିଲା। ସିୟା ଗୋୟଲ ଓ ଚେତନ ଚୌଧୁରୀ ମିଶି କେତନଙ୍କୁ ଫସାଇ ତାଙ୍କଠାରୁ ବିପୁଳ ପରିମାଣର ଟଙ୍କା ନେବା ପରେ ତାଙ୍କୁ ବାଟରୁ ହଟାଇବାକୁ ଯୋଜନା କରିଥିବା ସନ୍ଦେହ କରାଯାଉଛି।

## କାନ୍ଥ ଭୁଶୁଡ଼ି ୩ ମୃତ, ୧୨ ଆହତ

ଜୟପୁର,୨୯।୬: ଜୟପୁରରେ ଆଜି ଏକ ନିର୍ମାଣାଧୀନ କାନ୍ଥ ଭୁଶୁଡ଼ି ୨ ମହିଳାଙ୍କ ସମେତ ୩ ଜଣଙ୍କର ମୃତ୍ୟୁ ହୋଇଛି ଏବଂ ୧୨ରୁ ଅଧିକ ଲୋକ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରୁ ଅନେକଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ଦାୟିତ୍ୱରେ ଅବହେଳା ପାଇଁ ପୁଲିସ ଏହି ଘଟଣାରେ ନିର୍ମାଣ କଣ୍ଟ୍ରାକ୍ଟର ଓ ଅନ୍ୟ କାର୍ଯ୍ୟକର୍ତ୍ତାଙ୍କ ବିରୋଧରେ ମାମଲା ରୁଜୁ କରିଛି। ମୃତକମାନେ ହେଉଛନ୍ତି ସବିତା (୪୨), ରିଙ୍କୁ (୩୨) ଓ ରାମଜୀଲାଲ (୨୮)। ଜୟପୁର-ଦିଲ୍ଲୀ ରାଜପଥ ପାର୍ଶ୍ୱରେ ଆଜି ଆରାବଳୀ ପ୍ୟାଲେସ ରିସୋର୍ଟରେ ଶ୍ରମିକମାନେ ଏକ ମରାମତି କାମ କରୁଥିବାବେଳେ ଦୁର୍ଘଟଣା ହୋଇଥିଲା।

## ଖେମିନିଙ୍କ ଅନ୍ତିମ ସଂସ୍କାରରେ ଯୋଗଦେବ ଭାରତ

ନୂଆଦିଲ୍ଲୀ,୨୯।୬: ଇରାନର ପୂର୍ବତନ ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲ୍ଲୀ ଖେମିନିଙ୍କ ଅନ୍ତିମ ସଂସ୍କାରରେ ଭାରତ ଯୋଗ ଦେବ। ଇରାନୀୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ନ୍ୟୁଜ ଏଜେନ୍ସି ଏଏନଆଇର ରିପୋର୍ଟରେ କହିଛି ଯେ, ଭାରତ ପକ୍ଷରୁ ବିହାର ରାଜ୍ୟପାଳ ଲେଫ୍ଟନାଣ୍ଟ ଜେନେରାଲ (ଅବସରପ୍ରାପ୍ତ) ସୟେଦ ଅତା ହସନେନ ଓ ବିଦେଶ ରାଷ୍ଟ୍ରମନ୍ତ୍ରୀ ପବିତ୍ର ମାର୍ଗେରିଟା ଏହି ହାଇପ୍ରୋଫାଇଲ ଅନ୍ତିମ ସଂସ୍କାରରେ ସାମିଲ ହେବାକୁ ଇରାନ ଯିବେ। ଏହାପୂର୍ବରୁ ଇରାନ ରାଷ୍ଟ୍ରପତି ମସୁଦ ପେଜେସ୍କିଆନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଅନ୍ତିମ ସଂସ୍କାର କାର୍ଯ୍ୟକ୍ରମରେ ସାମିଲ ହେବାକୁ ନିମନ୍ତ୍ରଣ କରିଥିଲେ।

## ଜର୍ମାନୀ ଯୁବ କଲ୍ୟାଣ କେନ୍ଦ୍ରରେ ଗୁଳିକାଣ୍ଡ; ୫ ମୃତ

ବର୍ଲିନ,୨୯।୬: ଉତ୍ତର ଜର୍ମାନୀର ଷ୍ଟେଡ ସହରରେ ଏକ ଯୁବ କଲ୍ୟାଣ କେନ୍ଦ୍ରରେ ବଡ଼ଧରଣର ଗୁଳିକାଣ୍ଡ ଘଟଣା ଘଟିଛି। ଏହି ଗୁଳିକାଣ୍ଡ ଘଟଣାରେ ଅତି କମରେ ପାଞ୍ଚ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଅନେକ ଆହତ ହୋଇଥିବା ନ୍ୟୁଜ ଏଜେନ୍ସି ରଏଟର୍ସ ପକ୍ଷରୁ ସୋମବାର ସୂଚନା ଦିଆଯାଇଛି। ଜର୍ମାନ ସମ୍ବାଦ ସଂସ୍ଥା ଡିପିଏ ରିପୋର୍ଟ କରିଛି ଯେ, ଗୁଳିକାଣ୍ଡ ମାମଲାରେ ଦୁଇଜଣ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ସେମାନଙ୍କ ମଧ୍ୟରୁ ଜଣେ ଗୁଳିଚାଳନାକାରୀ ଓ ଅନ୍ୟ ଜଣେ ସନ୍ଦିଗ୍ଧଙ୍କୁ ଭୂମିକା ସମ୍ପର୍କରେ ଜଣାପଡ଼ି ନଥିଲେ ମଧ୍ୟ ପୁଲିସ ହେପାଜତରେ ରଖିଛି।

## ଏସି ଫାଟିବା ଯୋଗୁଁ ବିଲ୍ଡିଂରେ ଅଗ୍ନିକାଣ୍ଡ

ନୂଆଦିଲ୍ଲୀ,୨୯।୬ : ଉତ୍ତର ପ୍ରଦେଶର ନୋଏଡାର ଏକ ହାଇରାଇଜ୍ ସୋସାଇଟିରେ ଏସି ବିସ୍ଫୋରଣ ଯୋଗୁଁ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି । ନିଆଁ ଲାଗିବା ପରେ ସୋସାଇଟିରେ ଲୋକମାନେ ଭୟଭୀତ ହୋଇ ଦୌଡ଼ିଥିଲେ। ଖବର ମୁତାବକ, ସୋମବାର ସକାଳେ ସେକ୍ଟର-୧୧୯ ସ୍ଥିତ ଅରଣ୍ୟ ସୋସାଇଟିର ୨୨ତମ ମହଲାର ଏକ ଫ୍ଲାଟରେ ହଠାତ୍ ନିଆଁ ଲାଗିଯାଇଥିଲା । ପ୍ରଥମେ ଫ୍ଲାଟରୁ ଧୂଆଁ ବାହାରୁଥିବା ଦେଖାଯାଇଥିଲା । କିଛି ସମୟ ମଧ୍ୟରେ ଏହା ଭୟଙ୍କର ଅଗ୍ନିକାଣ୍ଡର ରୂପ ନେଇଥିଲା । ନିଆଁ ପାଖରେ ଥିବା ଅନ୍ୟ ଏକ ଫ୍ଲାଟକୁ ମଧ୍ୟ ବ୍ୟାପିଯାଇଥିଲା। ଘଟଣାର ସୂଚନା ପାଇବା ପରେ ଫାୟାର ବ୍ରିଗେଡର ଏକାଧିକ ଗାଡ଼ି ଘଟଣାସ୍ଥଳରେ ପହଞ୍ଚି ଦୀର୍ଘ ସମୟର ଉଦ୍ୟମ ପରେ ନିଆଁକୁ ଆୟତ୍ତ କରିଥିଲେ।

### ରାମ ମନ୍ଦିରରୁ ଚୋରି ମାମଲା

# ତୁରନ୍ତ ଶୁଣାଣି ନ କଲେ ଆକାଶ ଛିଡ଼ି ପଡ଼ିବନି





ନୂଆଦିଲ୍ଲୀ,୨୯।୬: ଅଯୋଧ୍ୟା ରାମ ମନ୍ଦିରକୁ ମିଳୁଥିବା ଦାନର ଗଣନା ଓ ପରିଚାଳନା ସମ୍ପର୍କିତ ବିବାଦ ମାମଲାରେ ସୁପ୍ରିମକୋର୍ଟ ତୁରନ୍ତ ଶୁଣାଣି ପାଇଁ ଆବେଦନକୁ ଅସ୍ୱୀକାର କରିଛନ୍ତି। ଅଦାଲତ କହିଛନ୍ତି ଯେ ଏହି ମାମଲାରେ ତତ୍କାଳ ହସ୍ତକ୍ଷେପର କୌଣସି ଆବଶ୍ୟକତା ନାହିଁ ଏବଂ ସାଧାରଣ ପ୍ରକ୍ରିୟା ଅନୁଯାୟୀ ଶୁଣାଣି କରାଯିବ। ଶୀର୍ଷ ଅଦାଲତ ମନ୍ତବ୍ୟ ଦେଇଛନ୍ତି ଯେ, ତୁରନ୍ତ ଶୁଣାଣି ନ ହେଲେ ଆକାଶ ଭାଙ୍ଗି ପଡ଼ିବ ନାହିଁ, ଅର୍ଥାତ୍ ଏହି ବିବାଦ ତୁରନ୍ତ ନ୍ୟାୟିକ ହସ୍ତକ୍ଷେପ ଚାହିବା ପର୍ଯ୍ୟାୟର ଗୁରୁତର ସଙ୍କଟ ନୁହେଁ। ଏହି ମାମଲାରେ ଦାଖଲ ହୋଇଥିବା ଆବେଦନରେ ରାମ ମନ୍ଦିର ଦାନ ଗଣନା ପ୍ରକ୍ରିୟା, ବ୍ୟାଙ୍କ କର୍ମଚାରୀଙ୍କ ଭୂମିକା ଓ ପ୍ରଶାସନିକ ପରିବର୍ତ୍ତନ ସମ୍ପର୍କରେ ପ୍ରଶ୍ନ ଉଠାଯାଇଥିଲା। ଆବେଦକମାନେ ଦାବି କରିଥିଲେ ଯେ ଦାନ ହିସାବ ଓ ପରିଚାଳନାରେ ପାରଦର୍ଶିତା ରହିବା ଆବଶ୍ୟକ। କିନ୍ତୁ ସୁପ୍ରିମକୋର୍ଟ ଏହି ଦାବିକୁ ତତ୍କାଳ ଶୁଣାଣିଯୋଗ୍ୟ ବୋଲି ମନେ କରିନଥିଲେ। ଅନ୍ୟପଟେ ଅଯୋଧ୍ୟାର ଶ୍ରୀରାମ ମନ୍ଦିର ଦାନ ଚୋରି ମାମଲା ଏବେ ନୂଆ ମୋଡ଼ ନେଇଛି। ଅଭିଯୋଗ ଅନୁସାରେ ମନ୍ଦିର ଦାନରୁ ଚୋରି ହୋଇଥିବା ୫୮ ଲକ୍ଷ ଟଙ୍କା ତଦନ୍ତ ଆରମ୍ଭ ହେବା ପୂର୍ବରୁ ହିଁ ଶ୍ରୀରାମ ଜନ୍ମଭୂମି ତୀର୍ଥକ୍ଷେତ୍ର ଟ୍ରଷ୍ଟ ଦ୍ୱାରା ଫେରସ୍ତ ଆଣାଯାଇଥିଲା। ପରେ ଅବଶିଷ୍ଟ ଟଙ୍କା ଅନଲାଇନ ଟ୍ରାନ୍ସଫର କରାଯାଇଥିଲା। ଏହି ଘଟଣା ଟ୍ରଷ୍ଟର ଆଭ୍ୟନ୍ତରୀଣ ପ୍ରକ୍ରିୟା ଓ ଦାୟିତ୍ୱବୋଧ ଉପରେ ଗୁରୁତର ପ୍ରଶ୍ନ ଉଠାଇଛି। ତେବେ ମୋଟ କେତେ ଟଙ୍କା ଆତ୍ମସାତ୍ ହୋଇଥିଲା ଏବଂ ବ୍ୟାଙ୍କ ମାଧ୍ୟମରେ କେତେ ଟଙ୍କା ଫେରସ୍ତ ହୋଇଥିଲା, ସେନେଇ ତଦନ୍ତକାରୀ ସଂସ୍ଥା କିମ୍ବା ଟ୍ରଷ୍ଟ ପକ୍ଷରୁ ସ୍ପଷ୍ଟ ସୂଚନା ଦିଆଯାଇନାହିଁ। ରିପୋର୍ଟ ଓ ସୂତ୍ର ଅନୁସାରେ, ଟ୍ରଷ୍ଟର କିଛି ପଦାଧିକାରୀ ନିଜସ୍ୱ ଆଭ୍ୟନ୍ତରୀଣ ତଦନ୍ତ କରି ଅଭିଯୁକ୍ତ ଅବିନାଶ ଶୁକ୍ଳଙ୍କଠାରୁ ପ୍ରାୟ ୫୮ ଲକ୍ଷ ଟଙ୍କା ଉଦ୍ଧାର କରିଥିଲେ। ଏହି ଉଦ୍ଧାର କାର୍ଯ୍ୟ ଉତ୍ତର ପ୍ରଦେଶ ସରକାର ଦ୍ୱାରା ଗଠିତ ବିଶେଷ ତଦନ୍ତ ଦଳ (ଏସ୍ଆଇଟି) ତଦନ୍ତ ଆରମ୍ଭ କରିବା ପୂର୍ବରୁ ହୋଇଥିବା କୁହାଯାଉଛି।

## ଚୋରି ମାମଲାରେ ଅଭିଯୁକ୍ତଙ୍କ ପକ୍ଷରେ ଲଢ଼ିଲେ ୫ ଲକ୍ଷ ଟଙ୍କା ଜରିମାନା

ଅଯୋଧ୍ୟା,୨୯।୬: ଅଯୋଧ୍ୟା ରାମ ମନ୍ଦିର ଦାନ ଚୋରି ମାମଲାରେ ଗିରଫ ଅଭିଯୁକ୍ତଙ୍କ ମାମଲା ଲଢ଼ିଲେ ୫ ଲକ୍ଷ ଟଙ୍କା ଜୋରିମାନା ଦେବାକୁ ପଡ଼ିବ ବୋଲି ଫୈଜାବାଦ ବାର୍ ଆସୋସିଏସନ୍ ପକ୍ଷରୁ ଏହାର ଓକିଲମାନଙ୍କୁ କଡ଼ା ଚେତାବନୀ ଜାରି କରାଯାଇଛି। ଉତ୍ତର ପ୍ରଦେଶର ଫୈଜାବାଦ ବାର ଆସୋସିଏସନ ଅଯୋଧ୍ୟାର ରାମ ମନ୍ଦିର ସହିତ ଜଡିତ ପାଣ୍ଠିର କଥିତ ଆତ୍ମସାତ୍ ମାମଲାରେ ଅଭିଯୁକ୍ତଙ୍କ ପ୍ରତିନିଧିତ୍ୱ ନକରିବାକୁ ନିଷ୍ପତ୍ତି ନେଇଛି। ସୋମବାର ବାର୍ ଆସୋସିଏସନର ସାଧାରଣ ପରିଷଦ ବୈଠକରେ ବାର ଚେତାବନୀ ଦେଇଛି ଯେ, ଅଭିଯୁକ୍ତଙ୍କ ପାଇଁ ମାମଲା ଲଢ଼ିଲେ ଯେକୌଣସି ସଦସ୍ୟଙ୍କୁ ୫ ଲକ୍ଷ ଟଙ୍କା ଜରିମାନା ଦେବାକୁ ପଡିବ। ବୈଠକ ସମୟରେ ଓକିଲମାନେ ଅଯୋଧ୍ୟା ରାମ ମନ୍ଦିର ଟ୍ରଷ୍ଟର ପୂର୍ବତନ ମୁଖ୍ୟ ଚମ୍ପତ ରାୟ, ଅନ୍ୟ ସଦସ୍ୟ ଅନିଲ ମିଶ୍ର ଓ ଗୋପାଳ ରାଓଙ୍କୁ ତିନି ଦିନ ମଧ୍ୟରେ ଅଯୋଧ୍ୟା ଛାଡିବାକୁ ଅନୁମତି ନ ଦେବା ପାଇଁ ଦାବି କରିଥିଲେ, ଯଦି ସେମାନେ ଏହା ନ ମାନିଲେ ସହର ଅବରୋଧ କରାଯିବ ବୋଲି ବାର୍ ଆସୋସିଏସନ୍ କହିଛି। ଚମ୍ପତ ରାୟ ଶ୍ରୀ ରାମ ଜନ୍ମଭୂମି ନ୍ୟାସର ସାଧାରଣ ସମ୍ପାଦକ ଥିଲେ ଓ ସମ୍ପ୍ରତି ଅନ୍ୟ ଜଣେ ଟ୍ରଷ୍ଟି ମିଶ୍ରଙ୍କ ସହିତ ପଦରୁ ଇସ୍ତଫା ଦେଇଥିଲେ।

## ରାଜ୍ୟସଭା ସାଂସଦ ଭାବେ ଶପଥ ନେଲେ ଖଡ଼ଗେ ଓ ଅନ୍ୟ ୭ ଜଣ



ନୂଆଦିଲ୍ଲୀ,୨୯।୬: କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେ କର୍ଣ୍ଣାଟକରୁ ରାଜ୍ୟସଭାକୁ ପୁନଃନିର୍ବାଚିତ ହେବା ପରେ ସାଂସଦ ଭାବେ ଶପଥ ନେଇଛନ୍ତି। ଶପଥ ପାଠ ପରେ ଖଡ଼ଗେଙ୍କୁ ରାଜ୍ୟସଭାରେ ବିରୋଧୀ ଦଳ ନେତା ଭାବରେ ପୁନଃନିଯୁକ୍ତ କରାଯାଇଥିଲା। ଖଡ଼ଗେଙ୍କ ବ୍ୟତୀତ ବିଜେପି ନେତା ତରୁଣ ଚୁଘ ଓ ଅନ୍ୟ ଛଅ ଜଣ ରାଜ୍ୟସଭା ସଦସ୍ୟ ଭାବେ ଶପଥ ନେଇଥିଲେ। ରାଜ୍ୟସଭା ଅଧ୍ୟକ୍ଷ ସିପି ରାଧାକ୍ରିଷ୍ଣନ ସଂସଦ ଭବନରେ ତାଙ୍କ ଚାମ୍ବରରେ ଖଡ଼ଗେଙ୍କୁ ସ୍ୱତନ୍ତ୍ର ଭାବେ ଶପଥ ପାଠ କରାଇଥିଲେ। ଖଡ଼ଗେ ହିନ୍ଦୀରେ ଶପଥ ନେଇଥିଲେ ଓ ହାତରେ ସମ୍ବିଧାନର ଏକ କପି ଧରିଥିଲେ। ଉପରାଷ୍ଟ୍ରପତି ରାଧାକ୍ରିଷ୍ଣନ ଖଡ଼ଗେଙ୍କୁ ଶୁଭେଚ୍ଛା ଜଣାଇଥିଲେ ଓ ସଂସଦର ଉପର ସଦନ ତାଙ୍କ ଦୀର୍ଘ ସଂସଦୀୟ ଅଭିଜ୍ଞତା ଦ୍ୱାରା ଉପକୃତ ହେବ ବୋଲି କହିଥିଲେ।

## ୩ ବର୍ଷର ଶିଶୁକୁ ଦୁଷ୍କର୍ମ ଓ ହତ୍ୟା ମାମଲା: ଅଭିଯୁକ୍ତକୁ ଫାଶୀ ଦଣ୍ଡ

ପୁଣେ,୨୯।୬: ମହାରାଷ୍ଟ୍ରର ପୁଣେରୁ ଆସିଛି ବଡ଼ ଖବର। ଏଠାରେ ଏକ ସ୍ପେଶାଲ କୋର୍ଟ ତିନି ବର୍ଷର ଶିଶୁକୁ ଦୁଷ୍କର୍ମ ଓ ହତ୍ୟା ମାମଲାରେ ୬୫ ବର୍ଷୀୟ ଅଭିଯୁକ୍ତକୁ ଫାଶୀ ଦଣ୍ଡ ଶୁଣାଇଛନ୍ତି। ଅଭିଯୁକ୍ତଙ୍କ ନାଁ ଭୀମରାଓ କାମ୍ବଲେ ଏବଂ ଏହି ପୁରା ମାମଲାଟି ପୁଣେର ନାସରାପୁର ଗାଁରୁ ଆସିଛି। କୋର୍ଟ ଏହି ଅପରାଧକୁ ଅତ୍ୟନ୍ତ ଗମ୍ଭୀର ବୋଲି କହିବା ସହ ଅଭିଯୁକ୍ତର ଉଦ୍ଦେଶ୍ୟ ଖରାପ ଥିଲା ବୋଲି କହିଛନ୍ତି। ଏହି କାରଣରୁ ଅଭିଯୁକ୍ତକୁ ମୃତ୍ୟୁଦଣ୍ଡ ଦିଆଯାଉଛି। ସେପଟେ ଅନ୍ୟପକ୍ଷେ କୋର୍ଟଙ୍କ ରାୟକୁ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନଭିସ୍, ଉପମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ ଏବଂ ଶରଦ ପାୱାରଙ୍କ ଗୋଷ୍ଠୀର ଏନସିପି ସାଂସଦ ସୁପ୍ରିୟା ଗୁପ୍ତା କୋର୍ଟଙ୍କ ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି। ଏହି ଘଟଣା ୧ ମଇ ୨୦୨୬ରେ ଘଟିଥିଲା। ଅଭିଯୁକ୍ତ ଭୀମରାଓ କାମ୍ବଲେ ୩ ବର୍ଷର ଝିଅକୁ ସ୍ନାକ୍ସ ଖାଇବାକୁ ଦେବା ସହ ବାଛୁରୀ ଦେଖାଇବାର ବାହାନାରେ ସାଙ୍ଗରେ ନେଇଯାଇଥିଲା।

## ଅମରନାଥ ଗୁମ୍ଫାରେ ପ୍ରଥମ ପୂଜା କଲେ ମନୋଜ ସିହ୍ନା



ଜାମ୍ମୁ କାଶ୍ମୀର,୨୯।୬ : ଜାମ୍ମୁ କାଶ୍ମୀର ଲେଫଟନାଣ୍ଟ ଗଭର୍ଣ୍ଣର ମନୋଜ ସିହ୍ନା ସୋମବାର ଦିନ ଶ୍ରୀ ଅମରନାଥ ଜୀଙ୍କ ପବିତ୍ର ଗୁମ୍ଫାରେ ପ୍ରଥମ ପୂଜା କରିଛନ୍ତି । ସେଠାରେ ପୂଜା କରିବା ସହ ଆଶୀର୍ବାଦ ନେଇ ସମସ୍ତଙ୍କ ଶାନ୍ତି, ଖୁସି ଏବଂ ସ୍ୱାସ୍ଥ୍ୟ ଏବଂ କଲ୍ୟାଣ ପାଇଁ ପ୍ରାର୍ଥନା କରିଛନ୍ତି । ଏହାସହିତ ଚଳିତବର୍ଷର ହେବାକୁ ଥିବା ଅମରନାଥ ଯାତ୍ରା ପାଇଁ ଔପଚାରିକ ଭାବେ ଆରମ୍ଭ କରିଛନ୍ତି । ଶ୍ରଦ୍ଧାଳୁଙ୍କ ପାଇଁ ଅମରନାଥ ଯାତ୍ରା ଜୁଲାଇ ୩ ତାରିଖରୁ ଆରମ୍ଭ ହେବ । ଯାତ୍ରୀଙ୍କ ସୁରକ୍ଷା ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି । ଚଳିତବର୍ଷ ଶ୍ରଦ୍ଧାଳୁଙ୍କ ରେକର୍ଡ ଭାଙ୍ଗିବ ବୋଲି ଅନୁମାନ କରାଯାଉଛି। ବାବା ଅମରନାଥଙ୍କୁ ଦର୍ଶନ କରିବା ପରେ ଲେଫଟନାଣ୍ଟ ଗଭର୍ଣ୍ଣର କହିଛନ୍ତି, ଯାତ୍ରା ଜୁଲାଇ ୩ ତାରିଖରୁ ଆରମ୍ଭ ହେବ ।

## ଆସାମରେ ବନ୍ୟା ବିପ୍ଳବ: ୨୨ ହଜାର ପ୍ରଭାବିତ



ଗୌହାଟୀ,୨୯।୬ : ଆସାମରେ ଲଗାଣ ବର୍ଷା ଯୋଗୁଁ ରାଜ୍ୟରେ ହାହାକାର ସ୍ଥିତି ଦେଖାଦେଇଛି । ବର୍ଷା ଯୋଗୁଁ ନଦୀରେ ଜଳସ୍ତର ବଢିବାରେ ଲାଗିଛି । ଏକ ରେଳ ବ୍ରିଜ କ୍ଷତିଗ୍ରସ୍ତ ଯୋଗୁଁ ଏକ ଅଞ୍ଚଳକୁ ରେଳ ସଂଯୋଗ ଶେଷ ହୋଇଛି । ବନ୍ୟା ଯୋଗୁଁ ୬ଟି ଜିଲ୍ଲାରେ ପ୍ରାୟ ୨୨ ହଜାର ଲୋକେ ପ୍ରଭାବିତ ହୋଇଛନ୍ତି । ଗୃହମନ୍ତ୍ରୀ ଅମିତ ଶାହ ଏନେଇ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମାଙ୍କ ସହ କଥା ହୋଇଛନ୍ତି । ବନ୍ୟା ସ୍ଥିତି ସମ୍ପର୍କରେ ପଚାରି ବୁଝିବା ସହିତ କେନ୍ଦ୍ର ସରକାରଙ୍କ ପକ୍ଷରୁ ଆବଶ୍ୟକୀୟ ସହାୟତା ଯୋଗାଇ ଦିଆଯିବ ବୋଲି ପ୍ରତିଶୃତି ଦେଇଛନ୍ତି। ହିମନ୍ତ ବିଶ୍ୱଶର୍ମା ଏକ୍ସରେ ଏକ ପୋଷ୍ଟରେ ଲେଖିଛନ୍ତି, ମୁଁ ମାନନୀୟ ଗୃହମନ୍ତ୍ରୀ ଅମିତ ଶାହଙ୍କୁ ଧେମାଜି ବନ୍ୟା ସ୍ଥିତି ପଚାରି ବୁଝିଥିବାରୁ ଧନ୍ୟବାଦ ଦେଉଛି । ମୁଁ ତାଙ୍କୁ ଏଠାରେ ଚାଲିଥିବା ଉଦ୍ଧାର ଏବଂ ପୁର୍ନବାସ ଉପାୟ ବିଷୟରେ ସୂଚନା ଦେଇଛି ।

### କାଶ୍ମୀରୀ ପଣ୍ଡିତ ନର୍ସ ସରଳା ଭଟ୍ଟ ଦୁଷ୍କର୍ମ ଓ ହତ୍ୟା ମାମଲା

## ୩ ଦଶନ୍ଧି ପରେ ୟାସିନ୍ ମଲିକ ବିରୋଧରେ ଚାର୍ଜସିଟ୍ ଦାଖଲ





ଶ୍ରୀନଗର,୨୯।୬: ଜାମ୍ମୁ-କାଶ୍ମୀରରେ ୩ ଦଶନ୍ଧିରୁ ଅଧିକ ପୁରୁଣା କାଶ୍ମୀରୀ ପଣ୍ଡିତ ନର୍ସ ସରଳା ଭଟ୍ଟଙ୍କୁ ଦୁଷ୍କର୍ମ ଓ ହତ୍ୟା ମାମଲାରେ ତଦନ୍ତକାରୀ ସଂସ୍ଥା ବଡ଼ ପଦକ୍ଷେପ ନେଇଛି। ଜେକେଏଲ୍ଏଫର ପାଞ୍ଚଜଣ ଆତଙ୍କବାଦୀଙ୍କ ବିରୋଧରେ ସୋମବାର ଚାର୍ଜସିଟ୍ ଦାଖଲ ହୋଇଛି। ୧୯୯୦ ମସିହାରେ କାଶ୍ମୀର ପଣ୍ଡିତ ନର୍ସ ସରଳା ଭଟ୍ଟଙ୍କ ଅପହରଣ ଓ ଅତି ବୀଭତ୍ସ ଭାବେ ହତ୍ୟା ମାମଲାରେ ଦାଖଲ ହୋଇଥିବା ୭୩୭ ପୃଷ୍ଠାର ଚାର୍ଜସିଟରେ ଉଲ୍ଲେଖ କରାଯାଇଥିବା ପ୍ରମୁଖ ପ୍ରମାଣ ମଧ୍ୟରେ ସାକ୍ଷୀ ଓ ପ୍ରତ୍ୟକ୍ଷଦର୍ଶୀଙ୍କ ବୟାନ, ଫରେନସିକ୍ ପ୍ରମାଣ ଓ ପୂର୍ବତନ ଜାମ୍ମୁ-କାଶ୍ମୀର ଲିବରେସନ ଫ୍ରଣ୍ଟ (ଜେକେଏଲଏଫ୍) ଆତଙ୍କବାଦୀ ବିଟ୍ଟା କରାଟେଙ୍କ ଏକ ପ୍ରାମାଣିକ ସାକ୍ଷାତକାର ରହିଛି। ଜମ୍ମୁ-କାଶ୍ମୀରର ସ୍ୱତନ୍ତ୍ର ତଦନ୍ତ ସଂସ୍ଥା (ଏସ୍ଆଇଏ) ଦ୍ୱାରା ଶ୍ରୀନଗରର ଏକ ସ୍ୱତନ୍ତ୍ର ଟାଡା କୋର୍ଟରେ ଦାଖଲ କରାଯାଇଥିବା ଚାର୍ଜସିଟରେ ପୂର୍ବତନ ଜେକେଏଲ୍ଏଫ୍ କମାଣ୍ଡର ୟାସିନ ମଲିକ ସମେତ ପାଞ୍ଚ ଜଣ ଅଭିଯୁକ୍ତଙ୍କ ନାମ ରହିଛି। ପାଞ୍ଚ ଜଣଙ୍କ ମଧ୍ୟରୁ ଅଦ୍ୟାବଧି ତିନି ଜଣଙ୍କର ମୃତ୍ୟୁ ହୋଇସାରିଛି, ଜଣେ ଫେରାର ଅଛି ଓ ମଲିକ ବର୍ତ୍ତମାନ ଏକ ଆତଙ୍କବାଦ-ଫଣ୍ଡିଂ ମାମଲାରେ ଦିଲ୍ଲୀର ତିହାର ଜେଲରେ ଆଜୀବନ କାରାଦଣ୍ଡ ଭୋଗୁଛି। ଏସ୍ଆଇଏ ମଲିକକୁ ଏହି ଘଟଣାର ମାଷ୍ଟରମାଇଣ୍ଡ ବୋଲି ଦର୍ଶାଇଛି। ସୂଚନାନୁସାରେ ୧୯୯୦ ଏପ୍ରିଲ ୧୮ ତାରିଖରେ ସରଳାଙ୍କୁ ଅପହରଣ କରାଯାଇଥିଲା। ସରଳା ଏସ୍କେଆଇଏମ୍ଏସ୍ ହସ୍ପିଟାଲରେ ନର୍ସ ଥିଲେ। ସେ ହସ୍ପିଟାଲରେ ଡ୍ୟୁଟି ସାରି ଯାଉଥିବାବେଳେ ତାଙ୍କୁ ଅପହରଣ କରିନିଆଯାଇଥିଲା। ସରଳାଙ୍କୁ ଇଲାହିବାଗ-ଲାଲ ବଜାର ଅଞ୍ଚଳକୁ ନେଇଯାଇ ବିଭିନ୍ନ ପ୍ରକାର ନିର୍ଯାତନା ଓ ଦୁଷ୍କର୍ମ କରାଯାଇଥିଲ।

## ରେଲୱେ ଟ୍ରାକରେ କାମ କରୁଥିବା ୪ ଶ୍ରମିକଙ୍କ ଉପରେ ମାଡିଗଲା ଟ୍ରେନ୍, ୨ ମୃତ

ଦିସପୁର,୨୯।୬: ଆସାମର ଜୋଗିଘୋପା ସ୍ଥିତ ନାରାୟଣପୁର ସେତୁରେ ସୋମବାର ଘଟିଛି ଭୟଙ୍କର ଟ୍ରେନ୍ ଦୁର୍ଘଟଣା। ଏହି ଦୁର୍ଘଟଣାରେ ରେଲୱେର ନିର୍ମାଣ ଏବଂ ରକ୍ଷଣାବେକ୍ଷଣ କାର୍ଯ୍ୟରେ ଥିବା ଦୁଇ ଶ୍ରମିକଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଛି। ସେଭଳି ଅନ୍ୟ ଦୁଇ ଜଣ ଗୁରୁତର ଭାବରେ ଆହତ ହୋଇଛନ୍ତି। ଦୁର୍ଘଟଣା ପରେ ଘଟଣାସ୍ଥଳରେ ଖେଳି ଯାଇଥିଲା ଆତଙ୍କ। ସୂଚନା ମିଳିବା ମାତ୍ରେ ରେଲୱେ ଅଧିକାରୀ, ସ୍ଥାନୀୟ ପ୍ରଶାସନ ଓ ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଞ୍ଚିଥିଲେ। ଆହତଙ୍କୁ ନିକଟସ୍ଥ ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ମିଳିଥିବା ସୂଚନା ଅନୁସାରେ, ଚାରି ଜଣ ଶ୍ରମିକ ରେଲୱେ ଟ୍ରାକ୍ ଉପରେ ନିର୍ମାଣ ଓ ରକ୍ଷଣାବେକ୍ଷଣ କାମ କରିବା ପାଇଁ ଚାଲି ଚାଲି ଯାଉଥିଲେ। ଏହି ସମୟରେ ବିପରୀତ ଦିଗରୁ ଟ୍ରେନ୍ର ଶବ୍ଦ ଶୁଣିବାକୁ ମିଳିଥିଲା। ତେବେ ଦ୍ରୁତ ଗତିରେ ମାଡି ଆସୁଥିବା ଏକ ମାଲଗାଡି ମାଡ଼ି ଯିବାରୁ ୪ ଜଣଙ୍କ ଭିତରୁ ଦୁଇ ଜଣ ଶ୍ରମିକଙ୍କ ମୃତ୍ୟୁ ହୋଇଛି।

## ପ୍ରଶିକ୍ଷଣ ବିମାନ ଦୁର୍ଘଟଣାଗ୍ରସ୍ତ: ପାଇଲଟ ଆହତ



ଲକ୍ଷ୍ନୌ,୨୯।୬: ଉତ୍ତରପ୍ରଦେଶର କାସଗଞ୍ଜ ଜିଲ୍ଲାରେ ସୋମବାର ଅପରାହ୍ଣରେ ଏକ ପ୍ରଶିକ୍ଷଣ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇ ରାସ୍ତା କଡ଼କୁ ଖସି ପଡ଼ିଛି। ବିମାନ ଉଡ଼ାଉ ଥିବା ପ୍ରଶିକ୍ଷାର୍ଥୀ ପାଇଲଟ ଦୁର୍ଘଟଣାରେ ଆହତ ହୋଇଛନ୍ତି। ବିମାନ ସେସନା ୧୫୨ କାସଗଞ୍ଜରେ ନିର୍ମାଣ କାର୍ଯ୍ୟ ଚାଲିଥିବା ରାସ୍ତା ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଥିବାବେଳେ ଜଣେ ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି ଯେ, ଅପରାହ୍ଣ ୪ଟା ସମୟରେ ବିମାନଟି ଭାରସାମ୍ୟ ହରାଇ ତଳକୁ ଖସି ପଡ଼ିବା ସମୟରେ ଓଭରହେଡ୍ ବିଦ୍ୟୁତ ତାରରେ ଛନ୍ଦି ହୋଇଯାଇଥିଲା ।

# ତିନି ଦଶନ୍ଧିର ଜଳ ସମସ୍ୟାର ଅନ୍ତ: ହରିୟାଣା ଓ ରାଜସ୍ଥାନକୁ ଆଶ୍ୱସ୍ତି




ନୂଆଦିଲ୍ଲୀ,୨୯।୬(ପିଆଇବି): କେନ୍ଦ୍ର ଗୃହ ତଥା ସମବାୟ ମନ୍ତ୍ରୀ ଅମିତ ଶାହଙ୍କ ଉପସ୍ଥିତିରେ ରାଜସ୍ଥାନ ଏବଂ ହରିୟାଣା ସରକାର ଆଜି ନୂଆଦିଲ୍ଲୀରେ ଯମୁନା ଜଳ ପ୍ରକଳ୍ପର ନିର୍ମାଣ ଏବଂ କାର୍ଯ୍ୟକାରିତା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ରାଜିନାମା ସ୍ୱାକ୍ଷର କରିଛନ୍ତି। ଏହି ଅବସରରେ ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଭଜନ ଲାଲ ଶର୍ମା, ହରିୟାଣା ମୁଖ୍ୟମନ୍ତ୍ରୀ ନାଏବ ସିଂହ ସାଇନି, କେନ୍ଦ୍ର ଜଳ ଶକ୍ତି ମନ୍ତ୍ରୀ ସି. ଆର. ପାଟିଲ ଏବଂ କେନ୍ଦ୍ର ସରକାର ତଥା ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ କେନ୍ଦ୍ର ଗୃହ ତଥା ସମବାୟ ମନ୍ତ୍ରୀ ଅମିତ ଶାହ ତାଙ୍କ ଅଭିଭାଷଣରେ କହିଥିଲେ ଯେ ଏହି ରାଜିନାମା ଦ୍ୱାରା ଆଜି ହରିୟାଣା ଏବଂ ରାଜସ୍ଥାନର ଲୋକମାନେ ସମ୍ମୁଖୀନ ହେଉଥିବା ପ୍ରାୟ ତିନି ଦଶନ୍ଧି ପୁରୁଣା ଜଳ ସମ୍ବନ୍ଧୀୟ ସମସ୍ୟାର ସମାଧାନ ହୋଇଛି। ସେ କହିଥିଲେ ଯେ ଏହି ରାଜିନାମା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ପ୍ରଦତ୍ତ 'ବାର୍ତ୍ତାଳାପ ମାଧ୍ୟମରେ ସମାଧାନ' ମନ୍ତ୍ରର ଏକ ଉତ୍କୃଷ୍ଟ ଉଦାହରଣ। ଏହି ରାଜିନାମା ଦର୍ଶାଏ ଯେ ଯଦି ରାଜ୍ୟଗୁଡ଼ିକ ସହଯୋଗୀ ସଂଘୀୟ ବ୍ୟବସ୍ଥାର ଭାବନା ସହିତ ଆଗକୁ ବଢନ୍ତି, ତେବେ ତିନି ଦଶନ୍ଧି ଧରି ଚାଲିଥିବା ସମସ୍ୟାର ମଧ୍ୟ ସହଜରେ ସମାଧାନ ହୋଇପାରିବ। ଅମିତ ଶାହ କହିଥିଲେ ଯେ ଆଜିର ରାଜିନାମା ଅନୁଯାୟୀ ଜୁଲାଇରୁ ଅକ୍ଟୋବର ମଧ୍ୟରେ ତିନୋଟି ଭୂତଳ ପାଇପଲାଇନ୍ ଜରିଆରେ ଯମୁନା କେନାଲରୁ ରାଜସ୍ଥାନକୁ ପାଖାପାଖି ୫୮ କୋଟି ଘନ ମିଟର (ଏମ୍. ସି. ଏମ୍.) ଜଳ ଯୋଗାଇ ଦିଆଯିବ। ଏହି ତିନୋଟି ପାଇପଲାଇନର ବ୍ୟାସ ୩.୬ ମିଟରରୁ ଅଧିକ ଏବଂ ଏହା ଉଭୟ ରାଜସ୍ଥାନ ଏବଂ ହରିୟାଣାର ଲୋକଙ୍କୁ ପାନୀୟ ଜଳ ଯୋଗାଇବ। ଶ୍ରୀ ଶାହ କହିଥିଲେ ଯେ ଏହି ରାଜିନାମା ଉଭୟ ରାଜ୍ୟ ପାଇଁ ବିଜୟର ଏକ ଉତ୍କୃଷ୍ଟ ଉଦାହରଣ। ଏହି ରାଜିନାମା ଆର୍ଥିକ ଦାୟିତ୍ୱ, ବ୍ୟୟ ବଣ୍ଟନ, ଜଳ ଆବଣ୍ଟନ, ଜଳ ନିଷ୍କାସନ ପ୍ରୋଟୋକଲ ଏବଂ ରକ୍ଷଣାବେକ୍ଷଣ ବ୍ୟବସ୍ଥା ଉପରେ ଧ୍ୟାନ ଦେଇଛି। ଏହି ବୈଜ୍ଞାନିକ ଦୃଷ୍ଟିରୁ ବ୍ୟାପକ ରାଜିନାମା ଭିତ୍ତିଭୂମିର ପରିଚାଳନା ଏବଂ ରକ୍ଷଣାବେକ୍ଷଣ, ତଦାରଖ ବ୍ୟବସ୍ଥା, ସ୍ୱଚ୍ଛତା ପଦକ୍ଷେପ ଏବଂ ଏକ ଦୃଢ ବିବାଦ ସମାଧାନ ପ୍ରଣାଳୀକୁ ମଧ୍ୟ ସୁନ୍ଦର ଭାବରେ ଅନ୍ତର୍ଭୁକ୍ତ କରେ ।

### ରାଜଧାନୀରେ ଡକାୟତି ଯୋଜନା ପଣ୍ଡ

# ୪ ଦୁର୍ବୃତ୍ତ ଗିରଫ, ମାରଣାସ୍ତ୍ର ଜବତ

ଭୁବନେଶ୍ୱର(ନି.ପ୍ର): ରାଜଧାନୀରେ ଡକାୟତି ଯୋଜନା କରୁଥିବା ଏକ ଦୁର୍ବୃତ୍ତ ଗ୍ୟାଙ୍ଗର ୪ ଜଣ ସଦସ୍ୟଙ୍କୁ କ୍ୟାପିଟାଲ ଥାନା ପୁଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ସିଲୁ ନାୟକ, ଭବାନୀ ଶଙ୍କର ମହାପାତ୍ର, ଲୋକନାଥ ଦାସ ଓରଫ କାଳିଆ ଓ ବାପି ନାୟକ। ତେବେ ଅନ୍ଧାରର ସୁଯୋଗ ନେଇ ଜଣେ ଅଭିଯୁକ୍ତ ଫେରାର ହୋଇଯାଇଥିବା ବେଳେ ତାଙ୍କୁ ଧରିବା ପାଇଁ ପୁଲିସ ପ୍ରୟାସ ଜାରି ରଖିଛି। ଫେରାର ଅଭିଯୁକ୍ତ ଜଣକ ସଂଜୟ ପ୍ରଧାନ ବୋଲି ଜଣାପଡିଛି। ପୁଲିସ ସୂଚନା ଅନୁଯାୟୀ, ୨୮/୨୯ ଜୁନ ମଧ୍ୟରାତ୍ରିରେ ପାଟ୍ରୋଲିଂ ସମୟରେ କ୍ୟାପିଟାଲ ଥାନା ପୁଲିସକୁ ଖବର ମିଳିଥିଲା ଯେ, କଂଗ୍ରେସ ଭବନ ପଛପଟେ ଥିବା ପରିତ୍ୟକ୍ତ ସରକାରୀ କ୍ୱାର୍ଟର ନିକଟରେ କିଛି ଦୁର୍ବୃତ୍ତ ଏକତ୍ରିତ ହୋଇ ଡକାୟତି ପାଇଁ ଯୋଜନା କରୁଛନ୍ତି। ବିଶେଷକରି ରେଳ ଷ୍ଟେସନ ଅଞ୍ଚଳରୁ ବିଳମ୍ବିତ ରାତି ଓ ଭୋର ସମୟରେ ଫେରୁଥିବା ଏକାକୀ ଯାତ୍ରୀ ଓ ପଥଚାରୀଙ୍କୁ ଟାର୍ଗେଟ କରିବାକୁ ସେମାନେ ଯୋଜନା କରିଥିଲେ। ଏହି ସୂଚନା ପାଇବା ପରେ ପୁଲିସ ଚଢ଼ାଉ କରି ୪ ଜଣଙ୍କୁ କାବୁ କରିଥିଲା। ଘଟଣାସ୍ଥଳରୁ ଏକ ଖଣ୍ଡା, ଏକ ଲୁହା ଛୁରୀ, ଦୁଇଟି ଧାରୁଆ ବ୍ଲେଡ୍, ୪ଟି କଳା ମୁଖା, ଲଙ୍କା ଗୁଣ୍ଡ, ଅବଶିଷ୍ଟ ମଦ ଥିବା ୩ଟି ମଦ ବୋତଲ ଏବଂ ୫ଟି ଡିସପୋଜେବଲ୍ ଗ୍ଲାସ ଜବତ କରାଯାଇଛି। ପଚରାଉଚରା ବେଳେ ଅଭିଯୁକ୍ତମାନେ ରେଳ ଷ୍ଟେସନ ଅଞ୍ଚଳରୁ ଫେରୁଥିବା ଏକାକୀ ଯାତ୍ରୀ ଓ ପଥଚାରୀଙ୍କୁ ମାରଣାସ୍ତ୍ର ଦେଖାଇ ନଗଦ ଟଙ୍କା, ମୋବାଇଲ ଫୋନ୍, ସୁନା ଅଳଙ୍କାର ସମେତ ମୂଲ୍ୟବାନ ସାମଗ୍ରୀ ଲୁଟିବା ପାଇଁ ଯୋଜନା କରିଥିବା ସ୍ୱୀକାର କରିଥିବା ପୁଲିସ କହିଛି। ଗିରଫ ୪ ଅଭିଯୁକ୍ତଙ୍କୁ ସୋମବାର ଅଦାଲତରେ ହାଜର କରାଯାଇଛି। ଫେରାର ଅଭିଯୁକ୍ତଙ୍କୁ ଧରିବା ସହ ସେମାନଙ୍କର ଅନ୍ୟ ଅପରାଧିକ ମାମଲାରେ ସମ୍ପୃକ୍ତି ରହିଛି କି ନାହିଁ, ସେନେଇ ପୁଲିସ ତଦନ୍ତ ଜାରି ରଖିଛି।

## ରାଜଧାନୀରେ ମରଣାନ୍ତକ ଆକ୍ରମଣ, ଅଭିଯୁକ୍ତଙ୍କୁ ଖୋଜୁଛି ପୋଲିସ

ଭୁବନେଶ୍ୱର : ରାଜଧାନୀରେ ପୁଣି ଏକ ବୀଭତ୍ସ ଆକ୍ରମଣ ଘଟଣା ସାମ୍ନାକୁ ଆସିଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଗତକାଲି ବିଳମ୍ବିତ ରାତିରେ ଲିଙ୍ଗରାଜ ଥାନା ଅନ୍ତର୍ଗତ ମୂଳାପଡ଼ିଆ ନିକଟରେ ଏହି ଘଟଣା ଘଟିଛି। ଆହତ ଯୁବକ ହେଲେ ସନ୍ଦୀପ ସମର୍ଥ। କିଛି ଦୁର୍ବୃତ୍ତ ସନ୍ଦୀପଙ୍କୁ ଅଟକାଇ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ। ଆକ୍ରମଣରେ ତାଙ୍କର ଦୁଇ ହାତ ଓ ଦୁଇ ଗୋଡ଼ରେ ଗୁରୁତର ଆଘାତ ଲାଗିଛି। ରକ୍ତାକ୍ତ ଅବସ୍ଥାରେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର ଚିକିତ୍ସା ଚାଲିଛି। ଲିଙ୍ଗରାଜ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ପୂର୍ବ ଶତ୍ରୁତାକୁ ନେଇ ଏହି ଆକ୍ରମଣ ହୋଇଥିବା ପ୍ରାଥମିକ ତଦନ୍ତରୁ ସନ୍ଦେହ କରାଯାଉଛି। ଆକ୍ରମଣରେ ସମ୍ପୃକ୍ତ ଦୁର୍ବୃତ୍ତଙ୍କୁ ଚିହ୍ନଟ କରି ଗିରଫ ପାଇଁ ପୋଲିସ ତଦନ୍ତ ଜୋରଦାର କରିଛି।

## ଜମି ଭାଗ ବଣ୍ଟାକୁ ନେଇ ସାନ ଭାଇକୁ ବଡ଼ ଭାଇର ଆକ୍ରମଣ




ବେଲଗୁଣ୍ଠା(ନିପ୍ର): ଜମି ଭାଗବଣ୍ଟାକୁ ନେଇ ବଡ଼ଭାଇର ଆକ୍ରମଣରେ ସାନ ଭାଇ ଗୁରୁତର ହୋଇ ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତର ହୋଇଥିବା ସୂଚନା ମିଳିଛି। ସୂଚନା ପ୍ରକାରେ ସୋମବାର ବାବୁଲା ମେକାପ (୫୦) ନାମକ ଜଣେ ବ୍ୟକ୍ତି ନିଜ ଜମିର ଡିମାର୍କେସନ୍ ବିଷୟରେ ବୁଝାସୁଝା କରିବା ପାଇଁ ବେଲଗୁଣ୍ଠା ତହସିଲ୍ କାର୍ଯ୍ୟାଳୟକୁ ଆସିଥିଲେ। ଏହି ସମୟରେ ବାବୁଲାଙ୍କ ବଡ଼ ଭାଇ ସୁରେଶ ମେକାପ (୫୫) ବେଲଗୁଣ୍ଠା ତହସିଲ୍ କାର୍ଯ୍ୟାଳୟରେ ପହଞ୍ଚି ବାବୁଲାଙ୍କ ଉପରେ ଅତର୍କିତ ଆକ୍ରମଣ କରିଥିଲେ। ସୁରେଶଙ୍କ ସହିତ ତାଙ୍କ ପୁଅ ରାଜ୍ କିଶୋର ମେକାପ (୨୫) ମଧ୍ୟ ଏକ କାଠ ଫାଳିଆରେ ବାବୁଲାଙ୍କୁ ଆକ୍ରମଣ କରିଥିଲେ। ସ୍ଥାନୀୟ ଲୋକେ ଏହି ଆକ୍ରମଣ ସମୟରେ ଭିଡିଓ ରେକର୍ଡିଂ କରିବାରୁ ଉଭୟ ବାପା ପୁଅ ବାବୁଲାଙ୍କୁ ଛାଡ଼ିଦେଇ ପଳାଇଥିଲେ। ବାବୁଲା ଆହତ ହୋଇଥିବା ଖବର ପାଇ ବାବୁଲାଙ୍କ ସ୍ତ୍ରୀ ଏବଂ ପୁଅ ଘଟଣା ସ୍ଥଳରେ ପହଞ୍ଚି ଗୁରୁତର ବାବୁଲାଙ୍କୁ ବେଲଗୁଣ୍ଠା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। କିନ୍ତୁ ବାବୁଲାଙ୍କ ଡାହାଣ ହାତ ଏବଂ ଗୋଡ଼ରେ ଗଭୀର ଆଘାତ ଲାଗିଥିବାରୁ ବେଲଗୁଣ୍ଠାରେ ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ତାଙ୍କୁ ବ୍ରହ୍ମପୁର ପଠାଇ ଦେଇଥିବା ଜଣାପଡିଛି।

## ଏଲ୍ଇଡି ଲାଇଟ ଦୁର୍ନୀତି ନେଇ ଭାପୁର ବ୍ଲକରେ ଭିଜିଲାନ୍ସ ଟିମ୍

ଭାପୁର(ନିପ୍ର): ଭାପୁର ବ୍ଲକରେ ଷ୍ଟ୍ରିଟ ଲାଇଟ ଲଗେଇବା ନାଁରେ ହୋଇଥିବା ଲକ୍ଷଲକ୍ଷ ଟଙ୍କା ଦୁର୍ନୀତିର ସୋମବାର ଖୋଳତାଡ଼ କରିଛି ରାଜ୍ୟ ଭିଜିଲାନ୍ସ ଟିମ। ଏହି ଦୁର୍ନୀତିର ତଦନ୍ତ ପାଇଁ ଟିମ ଭାପୁର ବ୍ଲକର ବିଭିନ୍ନ ପଂଚାୟତର ଗ୍ରାମମାନଙ୍କରେ ଲଗାଯାଇଥିବା ଷ୍ଟ୍ରିଟ ଲାଇଟ ଯାଞ୍ଚ କରୁଛନ୍ତି। ଲାଇଟ ଲଗେଇଥିବା ସଂସ୍ଥା ପ୍ରଶାସନ ଆଖିରେ ଆଙ୍ଗୁଠି ଗେଂଜି ଲକ୍ଷ ଲକ୍ଷ ଟଙ୍କା କିପରି ଠକି ନେଇଛି ଏହାର ପ୍ରମାଣ ଭିଜିଲାନ୍ସ ଟିମ ସଂଗ୍ରହ କରିଛି। ବାରିପଦାର ଜୈନିକ ସଂସ୍ଥା ଲାଇଟ ଲଗେଇବା ପରେ ଅଚଳ ହୋଇଯାଉଥିବା ଷ୍ଟ୍ରିଟ ଲାଇଟକୁ ମରାମତି ପାଇଁ ଏହି ସଂସ୍ଥାକୁ ବାରମ୍ବାର ଏହି ଚିଠି କରାଯାଉଥିଲେ ମଧ୍ୟ ଏ ଦିଗରେ କୌଣସି ପଦକ୍ଷେପ ନିଆଯାଉ ନଥିଲା। ସୋମବାର ଦିନ ଏହି ଟିମ ଭାପୁର ବ୍ଲକର ବିଭିନ୍ନ ଗ୍ରାମରେ ପହଞ୍ଚି ଛାନଭିନ କରିଛନ୍ତି। ଲାଇଟ ଲଗେଇବା ପୂର୍ବରୁ ସମ୍ପୃକ୍ତ ସଂସ୍ଥା ସହ କରାଯାଇଥିବା ଚୁକ୍ତି ପାଳନ କରାଯାଇଛି କି ନାହିଁ ତାହାକୁ ଖୋଳାତାଡ଼ ଚଳେଇଛି। ଷ୍ଟ୍ରିଟ ଲାଇଟ ପାଇଁ ବିଭିନ୍ନ ସରଞ୍ଜାମ ଲଗାଯିବା ପାଇଁ ନିୟମ ରହିଥିଲେ ମଧ୍ୟ ଏହାକୁ ପାଳନ କରାନଯାଇ ଠିକା ସଂସ୍ଥା ଲକ୍ଷାଧିକ ଟଙ୍କାର ମିଥ୍ୟା ବିଲ କରି ନେଇଥିବା ଅଭିଯୋଗ ହୋଇଥିଲା।

---

## ସାପ କାମୁଡ଼ାରେ ଯୁବକ ଗୁରୁତର

କୁଚିଣ୍ଡା(ନିପ୍ର): ସମ୍ବଲପୁର ଜିଲ୍ଲା ବାମରା ନିକଟସ୍ଥ ବଡ଼ଢୁଡରିଆମ ମଧୁପୁର ଗ୍ରାମରେ ବିଷାକ୍ତ ଚିତି ସାପ କାମୁଡ଼ାରେ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ଆହତ ଯୁବକ ହେଲେ,ଢୁଡରିଆମ ମଧୁପୁର ଗ୍ରାମର ତିନ୍ତୁସ ବୁଡ଼ (୪୦)। ଚିକିତ୍ସା ପାଇଁ ତାଙ୍କୁ ପ୍ରଥମେ ଗୋବିନ୍ଦପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ହେଲେ ଅବସ୍ଥା ଗୁରୁତର ହେବାରୁ ଡ଼ାକ୍ତର ସୁନ୍ଦରଗଡ଼ ମେଡିକାଲ କଲେଜକୁ ସ୍ଥାନାନ୍ତର କରିଛନ୍ତି। ସୂଚନା ଅନୁଯାୟୀ, ବଡ଼ଢୁଡରିଆମ ମଧୁପୁର ଗ୍ରାମର ତିନ୍ତୁସ ବୁଡ଼ ରବିବାର ରାତିରେ ନିଜ ଘରେ ଶୋଇଥିବା ଅବସ୍ଥାରେ ତାଙ୍କୁ ଏକ ଚିତି ସାପ କାମୁଡ଼ି ଦେଇଥିଲା।

---

## ଗଞ୍ଜାମରେ ମନ୍ଦିର ଲୁଟ୍ ଘଟଣା ଥମୁନାହିଁ

ଗଞ୍ଜାମ: ଗଞ୍ଜାମ ଜିଲାରେ ମନ୍ଦିର ଲୁଟ୍ ଘଟଣା ଥମିବାର ନାଁ ଧରୁନି। କିଛି ଦିନର ବ୍ୟବଧାନ ମଧ୍ୟରେ ଗୋଟିଏ ପରେ ଗୋଟିଏ ମନ୍ଦିର ଲୁଟ୍ ହେବାରେ ଲାଗିଛି। ପୁଲିସ ମନ୍ଦିର ଲୁଟେରା ମାନଙ୍କୁ କାବୁ କରିପାରୁ ନଥିବାରୁ ସେମାନଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଇବାରେ ଲାଗିଛି । ଗତ ରାତିରେ ଲୁଟେରା ମାନେ ବୈଦ୍ୟନାଥପୁର ଥାନାର ଚଣ୍ଡିମନ୍ଦିରରେ ପଶି ହୁଣ୍ଡିଭାଂଗି ଟଂକାପଇସା ଦାନବାକ୍ସରୁ ଲୁଟି ନେଇଥିବା ଖବରପାଇ ପୁଲିସ ଘଟଣାସ୍ଥଳକୁ ଯାଇ ତଦନ୍ତ କରୁଛି।

---

## ଶୋଇଥିବାବେଳେ ଯୁବକଙ୍କୁ କାମୁଡ଼ିଲା ସାପ, ଚାଲିଗଲା ଜୀବନ

କେନ୍ଦୁଝର: ବିଷାକ୍ତ ସାପ କାମୁଡ଼ାରେ ଯୁବକ ମୃତ୍ୟୁ ଘଟିଛି। କେନ୍ଦୁଝର ଜିଲ୍ଲା ବାରିଆ ଥାନା ଭୂଇଁପୁର ମଠଗୋଡ଼ ସାହିର ୪୦ ବର୍ଷୀୟ ବୀରବର ନାଏକଙ୍କର ବିଷାକ୍ତ ସାପ କାମୁଡ଼ାରେ ମୃତ୍ୟୁ ହୋଇଛି। ରବିବାର ରାତିରେ ବୀରବର ଖାଇପିଇ ନିଜ ଘର ଚଟଣାରେ ଶୋଇଥିବାବେଳେ ଏକ ଚିତି ସାପ ତାଙ୍କୁ କାମୁଡ଼ି ଦେଇଥିଲା । ରାତି ପ୍ରାୟ ୩ଟାରେ ସେ ଅସୁସ୍ଥ ଅନୁଭବ କରିବାରୁ ପରିବାର ଲୋକଙ୍କୁ ଜଣାଇଥିଲେ । ପରେ ପରିବାର ଲୋକ ସଙ୍ଗେସଙ୍ଗେ ତାଙ୍କୁ ଭଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ନିମନ୍ତେ ନେଇ ଯାଇଥିଲେ। ସେଠାରେ ଡାକ୍ତର ତାଙ୍କୁ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସା କେନ୍ଦ୍ରକୁ ପଠାଇ ଦେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ସାପକୁ ପରିବାର ଲୋକେ ମାରି ପୋଡ଼ି ଦେଇଥିବା ବେଳେ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି ।

# ଜୁଆ ଖେଳ ଉପରେ ପୋଲିସର ଚଢଉ, ୧୫ ଗିରଫ

ଜୟପୁର: ଜୟପୁର ସହର ପାରାବେଡା ଜିରୁ ପଠାଣ ଲାଇନରେ ଜୁଆ ଖେଳ ଚାଲୁଥିବା ସୂଚନା ପାଇ ଟାଉନ ପୋଲିସ ଚଢଉ କରିଛି । ଚଢଉ କରି ୧୫ ଜଣ ଜୁଆଡିଙ୍କୁ ଗିରଫ କରିଥିବା ବେଳେ ସେଥି ମଧ୍ୟରୁ ୫ ଜଣ ଅଭ୍ୟାସଗତ ଜୁଆଡିଙ୍କୁ ୧୧୨ ଦଫାରେ କୋର୍ଟ ଚାଲାଣ କରାଯାଇଥିବା ନେଇ ଜୟପୁର ଟାଉନ ଥାନାରେ ଆୟୋଜିତ ସାମ୍ବାଦିକ ସମ୍ମିଳନିରେ ଏସଡିପିଓ ଅଛିତା ମିତ୍ତଲ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । କୋର୍ଟ ଚାଲାଣ ହୋଇଥିବା ଜୁଆଡ୍ଡି ମାନେ ହେଲେ ଜୟପୁର ନୁଆ ସାହି ୫ ଲାଇନର ତ୍ରିପତି ପାଣିଗ୍ରାହୀ (୫୨), ଅନନ୍ତ ବାସୁଦେବ ପଣ୍ଡା (୪୪), ରଘୁନାଥ ନାୟକ (୪୯) , ପାରାବେଡାର ରାଜେନ୍ଦ୍ର କୁମାର ସାହୁ (୫୬), ଦିପକ କୁମାର ନାୟକ (୩୮) । ସେହିପରି ଅନ୍ୟ ଜୁଆଡ୍ଡି ମାନେ ହେଲେ ବୈପାରିଗୁଡାର କିଶୋର ପ୍ରଧାନ (୪୩) ନୁଆ ସାହି ୫ ଲାଇନର ପଞ୍ଚାନନ ପଣ୍ଡା (୪୪), ଗୌଡସାହିର ଶ୍ୟାମଘନ ସାହୁ (୪୫), ପୁରୁଣାଗଡର ସନ୍ତୋଷ କୁମାର ରଥ (୫୨), ଫାମ୍ପୁଣି ଗ୍ରାମର ହୃଦ ନନ୍ଦ ମଣ୍ଡଳ (୪୩), ସନ୍ତୋଷି ମା ଲାଇନର ଶଙ୍କର ବେହେରା (୩୨), ଖାଲ ସାହିର ବିମଳ କୁମାର ସାହୁ (୪୩), କେବିଏସଡି ରୋଡର ସରୋଜ କୁମାର ପଟ୍ଟନାୟକ (୨୯), ଫାମ୍ପୁଣି ଗ୍ରାମର କୃଷ୍ଣ ବିଷୋୟୀ (୨୪), ଗାନ୍ଧୀ ଛକ କୁଳଜିତ ସିଂ (୫୭) । ଗିରଫ ଅଭିଯୁକ୍ତ ଠାରୁ ୩ ଲକ୍ଷ ୫୦ ହଜାର ଟଙ୍କା, ୮ଟି ସ୍କୁଟି ଓ ବାଇକ, ୧୫ଟି ମୋବାଇଲ, ୧୦ଟି ସିଲ ପ୍ୟାକେଟ ତାସ, ୧୨ଟି ଖୋଲା ତାସ କୁ ଜବତ କରିଛି । ଅନ୍ୟ ୧୦ ଜଣ ଜୁଆଡିଙ୍କୁ ଥାନାରୁ ନୋଟିସରେ ଛଡାଯାଇଥିବା ବେଳେ ଅନ୍ୟ ୫ ଜଣ ଅଭ୍ୟାସଗତଙ୍କୁ ୧୧୨ ଦଫାରେ କୋର୍ଟ ଚାଲାଣ କରାଯାଇଛି । ପାରାବେଡା ଜିରୁ ଲାଇନରେ ଜୁଆ ଖେଳ ଚାଲୁଥିବା ସୂଚନା ପାଇ ଜୟପୁର ଟାଉନ ପୋଲିସ ଚଢଉ କରିଥିଲା। ଚଢଉ କରି ମାମଲା ରୁଜୁ କରି ୧୫ ଜଣଙ୍କୁ ଗିରଫ କରି ୫ ଅଭ୍ୟାସ ଗତ ଜୁଆଡିଙ୍କୁ କୋର୍ଟ ଚାଲାଣ କରାଯାଇଛି । ଏହି ସାମ୍ବାଦିକ ସମ୍ମୀଳନିରେ ଟାଉନ ଥାନା ଅଧିକାରି ଉଲ୍ଲାସ ଚନ୍ଦ୍ର ରାଉତ, ଏସଆଇ ସୁଦ୍ଧାନ୍ତ ବେହେରା, ଏସଆଇ ଗୋବିନ୍ଦ ହାଂସଦା ଉପସ୍ଥିତ ଥିଲେ।

### ବାଲିଅନ୍ତା ସୌମ୍ୟ ହତ୍ୟାକାଣ୍ଡ ଘଟଣା

# ଆଉ ଜଣଙ୍କୁ ଗିରଫ କଲା କ୍ରାଇମବ୍ରାଞ୍ଚ

କଟକ(ନିପ୍ର): ବହୁଚର୍ଚ୍ଚିତ ବାଲିଅନ୍ତା ସୌମ୍ୟ ରଞ୍ଜନ ହତ୍ୟାକାଣ୍ଡ ମାମଲାରେ କ୍ରାଇମବ୍ରାଞ୍ଚକୁ ଆଉ ଏକ ସଫଳତା ମିଳିଛି । ଘଟଣାରେ ଆଉ ଜଣେ ଅଭିଯୁକ୍ତ ରବି ଓରଫ ସୁବାଷ ଭୋଇଙ୍କୁ ସିଆଇଡି କ୍ରାଇମବ୍ରାଞ୍ଚ ଗିରଫ କରିଛି । ସେ ଖୋର୍ଦ୍ଧା ଜିଲ୍ଲା ମଞ୍ଚେଶ୍ୱର ଥାନା ଅନ୍ତର୍ଗତ କଳାରାହାଙ୍ଗ ଗାଁର ବାସିନ୍ଦା। ତଦନ୍ତ ସମୟରେ ସଂଗୃହୀତ ପ୍ରମାଣ ଆଧାରରେ ତାଙ୍କୁ କଳାରାହାଙ୍ଗ ଭୋଇ ସାହିରୁ ଗିରଫ କରାଯାଇଛି । ତଦନ୍ତରୁ ସୌମ୍ୟ ରଞ୍ଜନଙ୍କ ଉପରେ ଆକ୍ରମଣରେ ତାଙ୍କର ସମ୍ପୃକ୍ତି ଥିବା ସ୍ପଷ୍ଟ ହୋଇଥିବା କ୍ରାଇମବ୍ରାଞ୍ଚ କହିଛି । ଗତ ମେ ୭ ତାରିଖରେ ବାଲିଅନ୍ତା ଥାନା ଅନ୍ତର୍ଗତ ଭିଙ୍ଗାରପୁର କାଜା ଅଞ୍ଚଳରେ ସୌମ୍ୟ ରଞ୍ଜନଙ୍କୁ ରାସ୍ତାରେ ଭିଡ଼ ହତ୍ୟା କରାଯାଇଥିଲା । ଏହି ଗିରଫଦାରୀ ଫଳରେ ମାମଲାରେ ମୋଟ ଗିରଫ ସଂଖ୍ୟା ୨୦ରେ ପହଞ୍ଚିଛି । ସୂଚନାଯୋଗ୍ୟ, ଗତ ମେ ୭ ତାରିଖରେ ବାଲିଅନ୍ତା ଥାନା ଅନ୍ତର୍ଗତ ଭିଙ୍ଗାରପୁର-କାଜା ଅଞ୍ଚଳରେ ସୌମ୍ୟ ରଞ୍ଜନଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇଥିଲା । ଏହି ଘଟଣା ପରେ ସମଗ୍ର ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି ହୋଇଥିଲା । ମାମଲାର ଗୁରୁତ୍ୱକୁ ଦୃଷ୍ଟିରେ ରଖି. ସରକାର ତଦନ୍ତର ଦାୟିତ୍ୱ ସିଆଇଡି କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର କରିଥିଲେ। କ୍ରାଇମବ୍ରାଞ୍ଚ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ, ସାକ୍ଷୀଙ୍କ ବୟାନ ରେକର୍ଡ, ଡିଜିଟାଲ ପ୍ରମାଣ ଓ ଅନ୍ୟାନ୍ୟ ତଥ୍ୟକୁ ଆଧାର କରି ତଦନ୍ତକୁ ଆଗକୁ ବଢ଼ାଯାଉଛି ।

## ଟ୍ରେନ ଧକ୍କାରେ ୧୬ ଛେଳି ମୃତ



ସୋନପୁର (ନିପ୍ର): ରେଳ ଲାଇନରେ ଏକ ଅଭାବନୀୟ ଘଟଣା ଘଟିଯାଇଛି । ଟ୍ରେନ ଧକ୍କାରେ ୧୬ ଗୋଟି ଛେଳିଙ୍କ ମୃତ୍ୟୁ ହୋଇଥିବା ସୂଚନା ଆମର ହସ୍ତଗତ ହୋଇଛି। ରବିବାର ସକାଳେ ସୁବର୍ଣ୍ଣପୁର ଜିଲ୍ଲା ସୋନପୁର ବ୍ଲକ ହରଡ଼ଖୋଲ ଗ୍ରାମପଞ୍ଚାୟତର କୁଲିପାଲି ଗ୍ରାମ ନିକଟ ଦେଇ ଯାଇଥିବା ବଲାଙ୍ଗୀର-ଖୋର୍ଦ୍ଧା ରେଳ ଲାଇନରେ ଟ୍ରେନ ଧକ୍କାରେ ୧୬ ଗୋଟି ଛେଳିଙ୍କ ମୃତ୍ୟୁ ହୋଇଛି। ନିଜର ଦୈନନ୍ଦିନ ଜୀବିକା ପାଇଁ ଛେଳିଗୁଡ଼ିକୁ ନେଇ ଜନୈକ ବ୍ୟକ୍ତି ରେଳ ଲାଇନ୍ ଅତିକ୍ରମ କରୁଥିବା ବେଳେ ୧୬ଟି ଛେଳିଙ୍କର ଟ୍ରେନ୍ ଇଞ୍ଜିନରେ ଧକ୍କା ହୋଇ ଘଟଣାସ୍ଥଳରେ ହିଁ ମୃତ୍ୟୁ ହୋଇଛି। କେବଳ ଛେଳିଙ୍କ ମୃତ୍ୟୁ ହୋଇନି, ବରଂ ଜଣେ ଗରିବ ଚାଷୀର ପରିବାର ଚଳିବାର ମୁଖ୍ୟ ଆଧାର ମଧ୍ୟ ଉଜୁଡି ଯାଇଛି । ଏହି ଛେଳିଗୁଡ଼ିକ ଉପରେ ନିର୍ଭର କରି ହିଁ ସେ ନିଜ ପରିବାରର ଗୁଜୁରାଣ ମେଣ୍ଟାଉଥିଲେ। ଏହି ଦୁର୍ଘଟଣା ତାଙ୍କ ପରିବାର ପାଇଁ ଅତ୍ୟନ୍ତ କଷ୍ଟଦାୟକ ଓ କ୍ଷତିକାରକ ସାବ୍ୟସ୍ତ ହୋଇଛି। ଚାଷୀ ଜଣକ ଏବେ ପ୍ରଶାସନ ଓ ସରକାରଙ୍କ ନିକଟରେ ସରକାରୀ ସହାୟତା ପାଇଁ ଦାବି କରିଛନ୍ତି । ଅତି କଷ୍ଟରେ ଚଳୁଥିବା ଏହି ପରିବାରକୁ ଉପଯୁକ୍ତ କ୍ଷତିପୂରଣ ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି ।

## ନଦୀ ପାଣିରେ ବୁଡିଗଲେ ୨ ନାତି: ଜଣେ ମୃତ, ଜଣେ ଗୁରୁତର

ହିଞ୍ଜିଳିକାଟୁ(ନିପ୍ର): ଜେଜେଙ୍କ ପିଣ୍ଡ ପକାଇବାକୁ ଯାଇ ଋଷିକୁଲ୍ୟା ନଦୀରେ ବୁଡିଯାଇ ଜଣେ ନାତିଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକ ଜଣଙ୍କ ହେଲେ ବ୍ରହ୍ମପୁର ସଦର ଥାନା କୁକୁଡାଖଣ୍ଡି ଗ୍ରାମର ସନ୍ତୋଷ ଦାଶ (୩୭) ଏବଂ ଗୁରୁତର ଅସୁସ୍ଥ ଜଣଙ୍କ ହେଲେ ହିଞ୍ଜିଳି ଥାନା ନନ୍ଦିକ ଗ୍ରାମର ଅଶ୍ୱିନୀ ପାଢି (୩୪) । ଏଭଳି ଏକ ଅଭାବନୀୟ ଘଟଣା ସୋମବାର ହିଞ୍ଜିଳି ଥାନା ନନ୍ଦିକ ଗ୍ରାମରେ ଦେଖିବାକୁ ମିଳିଛି। ଗତ ୧୨ ଦିନ ପୂର୍ବେ ନନ୍ଦିକ ଗ୍ରାମର ପଦ୍ମ ପାଢିଙ୍କ ମୃତ୍ୟୁ ପରେ ପିଣ୍ଡ ପକାଇବା ପାଇଁ ୨ ନାତି ସନ୍ତୋଷ ଓ ଅଶ୍ୱିନୀ ଗ୍ରାମ ନିକଟସ୍ଥ ଋଷିକୂଲ୍ୟା ନଦୀକୁ ଯାଇ ଅସାବଧାନତା ବଶତଃ ନଦୀର ଗଭୀର ଗଣ୍ଡରେ ଦୁହେଁ ବୁଡି ଯାଇଥିଲେ। ଖବରପାଇ ହିଞ୍ଜିଳିକାଟୁ ଅଗ୍ନିଶମ ବାହିନୀ କର୍ମଚାରୀ ଓ ସ୍ଥାନୀୟ ଯୁବକ ଗଭୀର ଗଣ୍ଡରୁ ଦୁହିଁଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ୧୦୮ ଆମ୍ବୁଲାନ୍ସ ଯୋଗେ ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡ଼ାକ୍ତର ସନ୍ତୋଷଙ୍କୁ ମୃତ ଘୋଷଣା କରିଥିଲେ। ଅଶ୍ୱିନୀଙ୍କ ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ବଡ ଡ଼ାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି। ଖବର ପାଇ ହିଞ୍ଜିଳି ପୁଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିଛି। ଏ ନେଇ ହିଞ୍ଜିଳି ଥାନାରେ କେସ ନଂ - ୧୩/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ପୁଲିସ ଘଟଣାର ତଦନ୍ତ ଚଳାଇଛି। ଘଟଣା ପରେ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।



### ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲା

## ପ୍ରାକ୍ତନ ପୁଲିସ ଏଏସ୍ଆଇ ଓ ପୂର୍ବତନ ସହକାରୀ ଶିକ୍ଷୟିତ୍ରୀଙ୍କୁ କାରାଦଣ୍ଡ

ସୁନ୍ଦରଗଡ଼/ଭୁବନେଶ୍ୱର: ନିଜ ବୃତ୍ତିଗତ ଆୟଠାରୁ ଅଧିକ ସମ୍ପତ୍ତି ଠୁଳ କରିବା ମାମଲାରେ ସୋମବାର ସ୍ୱତନ୍ତ୍ର ଦୁର୍ନୀତି ନିବାରଣ (ଭିଜିଲାନ୍ସ) କୋର୍ଟ ପୂର୍ବତନ ପୁଲିସ ଏଏସଆଇ ଓ ତାଙ୍କ ପତ୍ନୀ ତଥା ସହକାରୀ ଶିକ୍ଷୟିତ୍ରୀଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ସୁନ୍ଦରଗଡ଼ଜିଲ୍ଲା ବଣାଇ ଥାନାର ପୂର୍ବତନ ଏଏସ୍ଆଇ (ଅବସରପ୍ରାପ୍ତ) ପ୍ରଭାକର ପଣ୍ଡା ଓ ତାଙ୍କ ପତ୍ନୀ ରାଉରକେଲା ଝିରପାଣି ସ୍ଥିତ ସରକାରୀ ହାଇସ୍କୁଲର ପୂର୍ବତନ ସହକାରୀ ଶିକ୍ଷୟିତ୍ରୀ (ଅବସରପ୍ରାପ୍ତ) ଗୀତାଞ୍ଜଳି ପାତ୍ରଙ୍କୁ ସୁନ୍ଦରଗଡ଼ର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ଙ୍କ ଦ୍ୱାରା ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଆୟ ବହିର୍ଭୂତ ସମ୍ପତ୍ତି ଠାବ ମାମଲାରେ ଓଡ଼ିଶା ଭିଜିଲାନ୍ସ ଦ୍ୱାରା ପିସି ଆକ୍ଟ, ୧୯୮୮ର ଧାରା ୧୩(୨) ସହ ପଠିତ ୧୩(୧)(ଇ) ଅନୁଯାୟୀ ଏହି ଦୁହିଁଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ କରାଯାଇଥିଲା। ସମସ୍ତ ସାକ୍ଷ୍ୟ ଓ ପ୍ରମାଣ ଆଧାରରେ କୋର୍ଟ ନିଜର ରାୟ ଶୁଣାଇଛନ୍ତି। ଦୁଇ ଅଭିଯୁକ୍ତଙ୍କୁ ୧ ବର୍ଷର ସଶ୍ରମ କାରାଦଣ୍ଡ ସହିତ ୧,୦୦,୦୦୦ ଟଙ୍କା ଜରିମାନା ଆଦାୟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ସହିତ, ଉଭୟ ଦୋଷୀଙ୍କ ସ୍ଥାବର ଓ ଅସ୍ଥାବର ସମ୍ପତ୍ତିରୁ ଆୟ ବହିର୍ଭୂତ ସମ୍ପତ୍ତି ବାଜ୍ୟାପ୍ତ କରିବା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ କୋର୍ଟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଦୋଷୀ ସାବ୍ୟସ୍ତ ପରେ, ପ୍ରଭାକର ପଣ୍ଡା ଏବଂ ତାଙ୍କ ପତ୍ନୀ ଗୀତାଞ୍ଜଳି ପାତ୍ରଙ୍କ ପେନସନ ବନ୍ଦ କରିବା ପାଇଁ ଓଡ଼ିଶା ଭିଜିଲାନ୍ସ ଏବେ ସଂପୃକ୍ତ ସକ୍ଷମ କର୍ତ୍ତୃପକ୍ଷଙ୍କ ଦ୍ୱାରସ୍ଥ ହେବେ ବୋଲି ଭିଜିଲାନ୍ସ ସୂତ୍ରରୁ ଜଣାଯାଇଛି। ଅନ୍ୟପଟେ ଆୟ ବହିର୍ଭୂତ ସମ୍ପତ୍ତି ମାମଲା ପୂର୍ବରୁ ସମ୍ବଲପୁର ଭିଜିଲାନ୍ସ ୩୧.୭.୨୦୧୨ରେ ରୁଜୁ କରିଥିବା ଏକ ଲାଞ୍ଚ ମାମଲାରୁ ଅଦାଲତ ୧୯.୧.୨୦୨୩ରେ ପ୍ରଭାକରଙ୍କୁ ଦୋଷମୁକ୍ତ କରିଥିଲେ। ୨୦୧୨ରେ ଟ୍ରାପ୍ ପରେ ୨୯.୬.୨୦୧୩ରେ ରାଉରକେଲା ଭିଜିଲାନ୍ସ ୟୁନିଟ ଉଭୟ ପଣ୍ଡା ଦମ୍ପତିଙ୍କ ନାମରେ ଆୟ ବହିର୍ଭୁତ ସମ୍ପତ୍ତି ଠୁଳ ମାମଲା ରୁଜୁ କରିଥିଲେ। ୧.୧.୨୦୦୬ରୁ ୩୧.୭.୨୦୧୨ ପର୍ଯ୍ୟନ୍ତ ଯାଞ୍ଚ ସମୟରେ ଆୟ ୪୬ ଲକ୍ଷ ୬୭ ହଜାର ୭୫୮ ଟଙ୍କା ସମ୍ପତ୍ତି ଆକଳନ କରିଥିଲା ଭିଜିଲାନ୍ସ। କିନ୍ତୁ ଅଦାଲତ ଦମ୍ପତିଙ୍କ ଜମିର ମୂଲ୍ୟ ୩୬ ଲକ୍ଷ ୨୫ ହଜାର ଟଙ୍କା ବୋଲି ଗ୍ରହଣ କରି ନଥିଲେ ଓ ଆୟ ବହିର୍ଭୂତ ସମ୍ପତ୍ତି ଗଣନାରୁ ତାକୁ କାଟି ଦେଇଥିଲେ। ଜମିର ମୂଲ୍ୟ କଟିବା ପରେ ଆୟ ବହିର୍ଭୂତ ସମ୍ପତ୍ତି ୧୬.୨ ପ୍ରତିଶତ ମାତ୍ର ହିସାବ ହୋଇଥିଲା। ଅଦାଲତ ଦଣ୍ଡ ଶୁଣାଇବା ପରେ ରାଜ୍ୟ ସରକାରଙ୍କୁ ଦୋଷୀଙ୍କ ସ୍ଥାବର ଓ ଅସ୍ଥାବର ସମ୍ପତ୍ତିରୁ ଆୟ ବହିର୍ଭୂତ ସମ୍ପତ୍ତି ଆଦାୟ ପାଇଁ ପଦକ୍ଷେପ ନେଇପାରିବେ ବୋଲି କହିଛନ୍ତି। ପଣ୍ଡା ଦମ୍ପତି ଏବେ ରାଉରକେଲା ସିଭିଲ୍ ଟାଉନସିପ୍ ପ୍ଲଟ୍ ନମ୍ବର- ଏମ୍- ୪/୪ରେ ରହୁଛନ୍ତି। ପୂର୍ବତନ ରାଉରକେଲା ଭିଜିଲାନ୍ସ ନିରୀକ୍ଷକ ଭାସ୍କରଚନ୍ଦ୍ର ପୃଷ୍ଟି ମାମଲାର ତଦନ୍ତ କରିଥିବା ବେଳେ ସ୍ୱତନ୍ତ୍ର ଭିଜିଲାନ୍ସ ପିପି ଶ୍ୟାମସୁନ୍ଦର ମିଶ୍ର ମାମଲା ପରିଚାଳନା କରିଥିଲେ। ସହାୟକ ପିପି ସନ୍ଦୀପ ପଣ୍ଡା ସହାୟତା କରିଥିଲେ।

# ନିଶା ଦେଇ ସୁନା ବେପାରୀଙ୍କୁ ଲୁଟ: ୫ ବର୍ଷ ପରେ ଧରାପଡ଼ିଲେ ଦମ୍ପତି

ମାଲକାନଗିରି: ଘର ମାଲିକଙ୍କୁ ମିଠାରେ ନିଶା ଦେଇ ଘରେ କଳାକନା ବୁଲାଇବା ଘଟଣା ମାଲକାନଗିରିରେ ଚହଳ ପକାଇଥିଲା। ଏହି ଘଟଣାର ଦୀର୍ଘ ୫ ବର୍ଷ ପରେ ପୁଲିସ ଲୁଟେରା ଦମ୍ପତିଙ୍କୁ ସୁଦୂର କନ୍ୟାକୁମାରୀରୁ ଗିରଫ କରିବାରେ ସକ୍ଷମ ହୋଇଛି। ୨୦୨୧ ମାର୍ଚ୍ଚ ୨ ତାରିଖରେ ଏହି ଲୁଟ ଘଟଣା ଘଟିଥିଲା। ଏହାର ପ୍ରାୟ ତିନି ମାସ ପୂର୍ବେ ମାଲକାନଗିରିର ସୁନା ବ୍ୟବସାୟୀ ସୁବାସ ପଟିଲଙ୍କ ଘରେ ମାଡାସୁ ଜୋନ୍ ପଲ୍ ଓ ଇନ୍ଦୁରୀ ଅରୁଣା ପହଞ୍ଚିଥିଲେ। ସେମାନେ ଭଲପାଇ ବାହା ହୋଇଛନ୍ତି ବୋଲି କହି ଘର ଭଡ଼ାରେ ଦେବାକୁ ଅନୁରୋଧ କରିଥିଲେ। ସୁବାସ ମଧ୍ୟ ନିଜର ସଂଲଗ୍ନ ଘର ଖାଲିଥିବାରୁ ତାଙ୍କୁ ଭଡ଼ା ଦେଇଥିଲେ। ଘଟଣା ଦିନ ଜୋନ୍ ପଲ୍ ଚାକିରି ପାଇଥିବା କହି ସୁବାସଙ୍କ ପରିବାର ସଦସ୍ୟ ସହ ପାଖପଡ଼ୋଶୀଙ୍କୁ ଅରୁଣା ମିଠା ବାଣ୍ଟିଥିଲେ। ଏହି ମିଠାର ପ୍ରଭାବରେ ରାତିରେ ସମସ୍ତେ ଅଚେତ ହୋଇଯାଇଥିଲେ। ଏହାପରେ ସେମାନେ ସୁବାସଙ୍କ ଘରୁ ୭ଶହ ଗ୍ରାମ ସୁନା, ୨ ଲକ୍ଷ ଟଙ୍କା ନଗଦ ଓ ଅନ୍ୟ ମୂଲ୍ୟବାନ ସାମଗ୍ରୀ ଲୁଟି ନେଇଥିଲେ। ଏହି ଘଟଣା ସମ୍ପର୍କରେ ଆଜି ଏସ୍ପି ବିନୋଦ ପାଟିଲ୍ ଏଚ୍ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଗିରଫ ଦୁଇ ଅଭିଯୁକ୍ତଙ୍କ ଘର ଆନ୍ଧ୍ରପ୍ରଦେଶର ଗୁଣ୍ଟୁରୁ ଜିଲ୍ଲା କାକାନି ଥାନା ଅନ୍ତର୍ଗତ କୁସ୍ତୁରାଭାରୁ ଅଟେ। ଏହି ଲୁଟେରା ଦମ୍ପତି ଏତେ ଚାଲାକ ଥିଲେ ଯେ ସେମାନେ କୌଣସି ଫୋନ ବ୍ୟବହାର କରୁନଥିଲେ। ପୁଲିସକୁ ଚକମା ଦେଇ ଘୂରି ବୁଲୁଥିଲେ। ପୁଲିସ ମଧ୍ୟ ଏମାନଙ୍କୁ ଧରିବା ପାଇଁ ବହୁ ରଣନୀତି ପ୍ରସ୍ତୁତ କରି ଚାଲିଥିଲା। କିନ୍ତୁ କୌଣସି ସୁରାକ ମଧ୍ୟ ପୁଲିସର ହାତରେ ଲାଗୁ ନଥିଲା। କିନ୍ତୁ ଏମାନେ ଏବେ ଭୁଲ କରିବାରୁ ସାଇବର ପୁଲିସ ଏମାନଙ୍କୁ କନ୍ୟାକୁମାରୀରେ ରହୁଥିବା ଠାବ କରିଥିଲା। ମାଲକାନଗିରି ପୁଲିସ କନ୍ୟାକୁମାରୀ ପହଞ୍ଚି ଏହି ଲୁଟେରା ଦମ୍ପତିଙ୍କୁ କାବୁ କରି ମାଲକାନଗିରି ଆଣି ପଚରାଉ ଚରା କରିବା ପରେ ସେମାନଙ୍କଠାରୁ ୨୦୦ ଗ୍ରାମ ସୁନା, ୨ଟି ଦେଶୀ ପିସ୍ତଲ, ଗୋଟିଏ ଲ୍ୟାପଟପ, ୯ଟି ଅଫୁଟା ଗୁଳି, ମୋଟରସାଇକଲ୍। ଆନ୍ଧ୍ରପ୍ରଦେଶରେ ଏମାନଙ୍କ ନାମରେ ଅନେକ ଅପରାଧିକ ମାମଲା ରହିଛି। ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଏସଡିପିଓ ଦିବ୍ୟଜ୍ୟୋତି ଦଳେଇ, ଆଇଆଇସି ରିଗାନ କିଣ୍ଡୋ ପ୍ରମୁଖ ଉପସ୍ଥିତ ଥିଲେ।



## ବାଇକ ଚୋରକୁ ଧରିଲା ସିସି କ୍ୟାମେରା

ଭଦ୍ରକ: ଏହି ଜିଲାର ଧାମନଗର ଥାନା ନିକସ୍ଥ ୟୁକୋ ବ୍ୟାଙ୍କ ନିକଟରୁ ଦିନ ଦ୍ୱିପହରରେ ଏକ ବାଇକ୍ ଚୋରି ହୋଇଥିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ପୋଲିସ ତଦନ୍ତ କରି ଚୋରି ଗାଡ଼ିର କିଛି ଅଂଶ ଜବତ କରିବା ସହ ଜଣେ ଅଭିଯୁକ୍ତକୁ ଗିରଫ କରିଛି। ସୁଚନା ଥାଉକି କୋରିଗାଁ ଗ୍ରାମର ବିଜୟ ସଂଖୁଆ ନିଜ ବାଇକ୍ (ନଂ- ଓଡି ୨୨ ଏଫ ୫୪୫୯) ଯୋଗେ ଦିନ ପ୍ରାୟ ୧୧ ଟା ସମୟରେ ଧାମନଗର ସ୍ଥିତ ୟୁକୋ ବ୍ୟାଙ୍କକୁ କୌଣସି କାର୍ଯ୍ୟରେ ଯାଇଥିଲେ। ବ୍ୟାଙ୍କ କାମ ସାରି ବାହାରକୁ ଆସି ଦେଖିଲା ବେଳକୁ ଗାଡ଼ିଟି ସେଠାରେ ନଥିଲା। ଏନେଇ ସେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଥିଲା ।ପୋଲିସ ଥାନା ସିସିଟିଭି କ୍ୟାମେରା ଯାଞ୍ଚ କରିବାରୁ ଚୋରିର ପର୍ଦ୍ଦାଫାସ ହୋଇଥିଲା। ଧାମନଗର ହବିବିନଗର ଗ୍ରାମର ସେକ ଇସଲାମଙ୍କ ପୁଅ ସେକ ରାଜା ବାଇକଟିକୁ ଚୋରି କରିଥିବା ଜଣାପଡ଼ିଥିଲା। ସେକ ରାଜା ଉକ୍ତ ଗାଡ଼ିକୁ ହବିବିନଗରର ଜଣେ ପେଶାଦାର ଚୋରା ଗାଡ଼ି ବ୍ୟବସାୟୀ ମୀରି ଶାହାବାଜଙ୍କ ପୁଅ ମୀରି ଛୋଟୁକୁ ବିକ୍ରି କରି ଦେଇଥିଲା। ଅଭିଯୁକ୍ତ ଛୋଟୁ ଗାଡ଼ିଟିକୁ କାଟି ଖଣ୍ଡଖଣ୍ଡ କରି ଏହାର ବିଭିନ୍ନ ଯନ୍ତ୍ରାଂଶ ଦୁଇ ଘଂଟା ମଧ୍ୟରେ ବିକ୍ରି କରିସାରିଥିଲା।



ପୁରୀ: ମହାପ୍ରଭୁ ବଳଭଦ୍ର, ସୁଭଦ୍ରା ଓ ଜଗନ୍ନାଥଙ୍କ ସ୍ନାନଯାତ୍ରା ସମୟର ଦୃଶ୍ୟ







ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜନଅରରେ ପୁରୀ ଗଜପତି ମହାରାଜ ଦିବ୍ୟସିଂହ ଦେବଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ (ଫଟୋ-ଦିନଲିପି)

### ରାସ୍ତା ଅଭାବର କରୁଣ ଚିତ୍ର

## ଚାଲିଗଲା ମା' ଓ ଶିଶୁର ଜୀବନ

ଗୁଡ଼ାରୀ, ୨୯/୬: ରାୟଗଡ଼ା ଜିଲ୍ଲାର ଗୁଡ଼ାରୀ ବ୍ଲକରେ ପୁଣିଥରେ ସାମ୍ନାକୁ ଆସିଛି ରାସ୍ତା ଅଭାବ ଓ ସ୍ୱାସ୍ଥ୍ୟ ବ୍ୟବସ୍ଥାର ଦୁର୍ଦ୍ଦଶା। ଜଣେ ଗର୍ଭବତୀ ମହିଳାଙ୍କ ମୃତ୍ୟୁ ପରେ ତାଙ୍କ ମୃତଦେହକୁ ପ୍ରାୟ ୩ରୁ ୪ କିଲୋମିଟର ପର୍ଯ୍ୟନ୍ତ ଖଟିଆରେ ବୋହି ଗାଁକୁ ନେବାକୁ ପଡ଼ିଥିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଚିନ୍ତାର ବିଷୟ ପାଲଟିଛି। ରାୟଗଡ଼ା ଜିଲ୍ଲା ଗୁଡ଼ାରୀ ବ୍ଲକ ଅନ୍ତର୍ଗତ କର୍ଲାଘାଟି ପଞ୍ଚାୟତର ପେଟାଖାଲ ଗାଁର ବାସିନ୍ଦା ସେବତୀ ନାରେଙ୍ଗାକା ପ୍ରସବ ପାଇଁ ପ୍ରାୟ ୧୫ ଦିନ ଧରି ଗୁଡ଼ାରୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମା' ଗୃହରେ ରହୁଥିଲେ। ଗତ ୨୬ ତାରିଖରେ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଗୁଣୁପୁର ଉପଖଣ୍ଡ ଚିକିତ୍ସାଳୟକୁ ରେଫର କରାଯାଇଥିଲା। ହେଲେ ରାସ୍ତାରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ନବଜାତ ଶିଶୁକୁ ମଧ୍ୟ ବଞ୍ଚାଇ ପରାଯାଇନଥିଲା।

## ଏମସିଏଲ୍ ପକ୍ଷରୁ ଡ୍ରାଇଭିଂ ପ୍ରଶିକ୍ଷଣ



ସମ୍ବଲପୁର, ୨୯/୬(ନିପ୍ର): ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ ମହିଳା ସଶକ୍ତିକରଣ ଏବଂ ଦକ୍ଷତା ବିକାଶ ଦିଗରେ ନିଜର ନିରନ୍ତର ପ୍ରୟାସ ଜାରି ରଖି ଏହାର ସମ୍ବଲପୁରସ୍ଥିତ ମୁଖ୍ୟାଳୟଠାରେ ' ୱିମେନ୍ ଇନ୍ ପବ୍ଲିକ୍ ସେକ୍ଟର'ର 'ସ୍ୱୟଂସିଦ୍ଧା' ପଦକ୍ଷେପ ଅଧୀନରେ ମହିଳା କର୍ମଚାରୀମାନଙ୍କ ପାଇଁ ଏକ ଡ୍ରାଇଭିଂ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ କରିଛି। ଏମସିଏଲ୍‌ର ଅଧ୍ୟକ୍ଷ-ତଥା-ପ୍ରବନ୍ଧ ନିର୍ଦ୍ଦେଶକ ଉଦୟ ଅନନ୍ତ କାଓଲେ ଏବଂ ଜାଗୃତି ମହିଳା ମଣ୍ଡଳର ସଭାନେତ୍ରୀ ସୁବର୍ଣ୍ଣା କାଓଲେ ଆନୁଷ୍ଠାନିକ ଭାବେ ଏହି କାର୍ଯ୍ୟକ୍ରମର ଉଦଘାଟନ କରିଛନ୍ତି। ଏହି ଅବସରରେ କେଶବ ରାଓ, ନିର୍ଦ୍ଦେଶକ (ମାନବ ସମ୍ବଳ); ଏ.କେ. ବେହୁରା, ନିର୍ଦ୍ଦେଶକ (ଅର୍ଥ); ଏସ୍.କେ. ଝା, ନିର୍ଦ୍ଦେଶକ (ବୈଷୟିକ) ଙ୍କ ସମେତ ଜାଗୃତି ମହିଳା ମଣ୍ଡଳର ଉପସଭାନେତ୍ରୀଗଣ, ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ଦୁଇ ସ୍ତ୍ରୀଙ୍କ କଳହରେ ସ୍ୱାମୀଙ୍କ ଆତ୍ମହତ୍ୟା

ଭାପୁର, ୨୯।୬(ନିପ୍ର): ଦ୍ୱିତୀୟ ସ୍ତ୍ରୀ ସହ ଏକ ଭଡ଼ା ଘରେ ରହୁଥିବା ସ୍ୱାମୀ କୌଣସି କାରଣରୁ ରଶି ଲଗାଇ ଘର ଭିତରେ ଆତ୍ମହତ୍ୟା କରିଛି। ପ୍ରଥମ ସ୍ତ୍ରୀର ଅଭିଯୋଗ ପରେ ପୋଲିସ ଶବ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚାଲୁରଖିଛି। ଖବରରୁ ଜଣାପଡିଛି କଟକ ଜିଲ୍ଲା ବୈଦେଶ୍ୱର ଥାନା ବୈଦେଶ୍ୱର ଗ୍ରାମର ସନ୍ତୋଷ ଦାସ (୫୮)ଙ୍କ ପ୍ରଥମ ସ୍ତ୍ରୀ ଓ ତାଙ୍କର ପିଲାମାନେ ବୈଦେଶ୍ୱରରେ ରୁହନ୍ତି। ସେ ଖୋର୍ଦ୍ଧା ଜିଲ୍ଲା ବୋଲଗଡ ଥାନା ସଂପୁର ଗ୍ରାମରେ ଦ୍ୱିତୀୟ ବିବାହ କରି ଫତେଗଡ ଥାନା ପଥରଚକଡା ଗ୍ରାମରେ ଏକ ଭଡା ଘରେ ରହୁଥିଲେ।ରବିବାର ରାତିରେ ସନ୍ତୋଷ ଭଡାଘରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ତାଙ୍କ ମୃତ୍ୟୁ ପରେ ତାର ଶବକୁ ଦ୍ୱିତୀୟ ସ୍ତ୍ରୀ ନିଜ ବାପଘର ସଂପୁର ନେଇ ପଳାଇଥିବା କୁହାଯାଇଛି।

## ମା'ମଙ୍ଗଳାଙ୍କ ସର୍ବାଙ୍ଗ ଚନ୍ଦନ ଓ ପତିତପାବନଙ୍କ ଗଜାନନ ବେଶ



କାକଟପୁର,୨୯/୬(ନିପ୍ର): ପୁରୀ ଜିଲ୍ଲା କାକଟପୁରର ଅଧିଷ୍ଠାତ୍ରୀ ଦେବୀ ମା'ମଙ୍ଗଳାଙ୍କ ପୀଠରେ ସ୍ନାନଯାତ୍ରା ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ରାତ୍ରି ଚାରି ଘଟିକାରୁ ମା'ଙ୍କ ସ୍ନାନମାର୍ଜନା କରିବା ପରେ ଭକ୍ତଙ୍କ ଦର୍ଶନ ପାଇଁ ପହୁଡ଼ ଖୋଲିଥିଲା । ଦେବସ୍ନାନ ପୂର୍ଣ୍ଣିମା ଉପଲକ୍ଷେ ମନ୍ଦିର ବେଢ଼ାରେ ଅବସ୍ଥିତ ପତିତପାବନଙ୍କୁ ଗୋଟି ପହୁଡ଼ରେ ସ୍ନାନମଣ୍ଡପକୁ ନିଆଯାଇଥିଲା । ସେଠାରେ ବୈଦିକ ବ୍ରାହ୍ମଣଙ୍କ ଦ୍ୱାରା ସୁବାସିତ ୧୦୮ କଳସୀ ଜଳରେ ଶ୍ରୀଜୀଉଙ୍କୁ ସ୍ନାନ କରାଯାଇ ନୂତନ ପାଟ ବସ୍ତ୍ର, ବିଭୂଷଣ, ଟାହିଆ ଲଗାଯାଇ ବେଶ କରାଯିବା ପରେ ବାଲଭୋଗ, ଓ ସେବାୟତଙ୍କ ଦ୍ୱାରା ପ୍ରସ୍ତୁତ ଖେଚୁଡ଼ି, ଡାଲମା, ଖିରି ଆଦି ପୂଜାପଣ୍ଡାଙ୍କ ଦ୍ୱାରା ଭୋଗ ଲାଗି କରାଯାଇଥିଲା । ସନ୍ଧ୍ୟାରେ ଶ୍ରୀଜୀଉଙ୍କୁ ଗଜାନନ ବେଶରେ ସଜ୍ଜିତ କରାଯାଇଥିଲା । ଏପଟେ ମା ମଙ୍ଗଳାଙ୍କ ସର୍ବାଙ୍ଗ ଚନ୍ଦନ ବେଶ କରାଯାଇଥିଲା । ଯାହାକି ମା'ଙ୍କ ବିଶେଷ ଦୁର୍ଲଭ ଦର୍ଶନ ବର୍ଷକୁ ଥରେ ଦେଖିବାକୁ ମିଳିଥାଏ । ରୌଦ୍ରତାପରୁ ଉପଶମ ପାଇଁ ମାନବୀୟ ଲୀଳାର ନିଦର୍ଶନ ସ୍ୱରୂପ ମା'ମଙ୍ଗଳାଙ୍କୁ ସର୍ବାଙ୍ଗ ଚନ୍ଦନ ବେଶରେ ସଜାଯାଇଥିଲା । ମା ନୂତନ ପାଟବସ୍ତ୍ର ସହ ସ୍ୱର୍ଣ୍ଣ ଅଳଙ୍କାର ସହିତ ସୁବାସିତ ପୁଷ୍ପରେ ବିଭୂଷିତ ହୋଇଥିଲେ।

### ଆମେରିକା-ଇରାନ ଆକ୍ରମଣ ବନ୍ଦ କରିବାକୁ ରାଜି

## ଦୋହାରେ ହୋଇପାରେ ଆଲୋଚନା

ୱାଶିଂଟନ୍, ୨୯।୬: ଆମେରିକାର ସମ୍ବାଦ ୱେବ୍ସାଇଟ୍ ଆକ୍ସିୟସ୍ ଜଣେ ବରିଷ୍ଠ ଆମେରିକୀୟ ଅଧିକାରୀଙ୍କୁ ଉଦ୍ଧୃତ କରି ଦାବି କରିଛି ଯେ ଆମେରିକା ଏବଂ ଇରାନ ପରସ୍ପର ଉପରେ ଆକ୍ରମଣ ବନ୍ଦ କରିବାକୁ ରାଜି ହୋଇଛନ୍ତି। ମଙ୍ଗଳବାର କାତାରର ରାଜଧାନୀ ଦୋହାରେ ଉଭୟ ପକ୍ଷ ଭେଟିବେ ବୋଲି ଆଶା କରାଯାଉଛି ବୋଲି ଆକ୍ସିୟୋସ୍ କହିଛନ୍ତି। ଉଭୟ ପକ୍ଷ ହରମୁଜ ଜଳପ୍ରବାହକୁ ନେଇ ସେମାନଙ୍କର ବିବାଦ ଏବଂ ମତଭେଦ ସମାଧାନ ଉପରେ ଆଲୋଚନା କରିବେ। ହରମୁଜ ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ତୈଳ ଯୋଗାଣ ମାର୍ଗ।ଏହି ଅଧିକାରୀ କହିଛନ୍ତି ଯେ ଉଭୟ ପକ୍ଷ ବର୍ତ୍ତମାନ ମଙ୍ଗଳବାର କାତାରର ରାଜଧାନୀ ଦୋହାରେ ଭେଟିବାକୁ ଯୋଜନା କରିଛନ୍ତି, ଯାହା ହୋର୍ମୁଜ୍ ଷ୍ଟ୍ରେଟ୍ ଉପରେ ସେମାନଙ୍କର ବିବାଦର ସମାଧାନ କରିବ।

## ସୁଦର୍ଶନ ପଟ୍ଟନାୟକଙ୍କ ବାସଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ



ପୁରୀ, ୨୯/୬(ନିପ୍ର): ସୌଜନ୍ୟମୂଳକ ସାକ୍ଷାତକାର ସହ ସମ୍ମାନ ଓ ସ୍ୱୀକୃତି ସ୍ୱରୂପ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ପୁରୀରେ ଆନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ପଦ୍ମଶ୍ରୀ ପୁରସ୍କାର ପ୍ରାପ୍ତ ବାଲୁକା ଶିଳ୍ପୀ ସୁଦର୍ଶନ ପଟ୍ଟନାୟକଙ୍କ ବାସଭବନ ପରିଦର୍ଶନ କରିଛନ୍ତି। ରୁଷିଆରେ ଅନୁଷ୍ଠିତ ପ୍ରତିଷ୍ଠିତ 'ରୁଷିଆ ଗ୍ରାଣ୍ଡ ସ୍ୟାଣ୍ଡ ମାଷ୍ଟର କପ୍ ୨୦୨୬' ଜିତିଥିବାରୁ ମୁଖ୍ୟମନ୍ତ୍ରୀ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏହି ପରିଦର୍ଶନ ସମୟରେ ମୁଖ୍ୟମନ୍ତ୍ରୀ ବାଲୁକା କଳା କ୍ଷେତ୍ରରେ ସୁଦର୍ଶନ ପଟ୍ଟନାୟକଙ୍କ ଅସାଧାରଣ ସଫଳତା ଏବଂ ଓଡ଼ିଶା ତଥା ଭାରତ ପାଇଁ ଆନ୍ତର୍ଜାତୀୟ ସ୍ତରରେ ଗୌରବ ଆଣିଦେଇଥିବାରୁ ତାଙ୍କର ଉଚ୍ଚ ପ୍ରଶଂସା କରିଥିଲେ। ଏଥିସହ ସେ ଶିଳ୍ପୀଙ୍କ ଜାତୀୟ ଓ ଅନ୍ତର୍ଜାତୀୟ ପୁରସ୍କାର ସଂଗ୍ରହକୁ ମଧ୍ୟ ବୁଲି ଦେଖିଥିଲେ। ମୁଖ୍ୟମନ୍ତ୍ରୀ ଏବଂ ଶିଳ୍ପୀଙ୍କ ମଧ୍ୟରେ ଓଡ଼ିଶାର କଳା, ସଂସ୍କୃତି ଓ ପର୍ଯ୍ୟଟନର ପ୍ରଚାର ପ୍ରସାର ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା। ବିଶ୍ୱ ଦରବାରରେ ରାଜ୍ୟର ସମୃଦ୍ଧ କଳାକୃତିର ସଂରକ୍ଷଣ ଏବଂ ପ୍ରୋତ୍ସାହନର ଆବଶ୍ୟକତା ଉପରେ ଏହି ଅବସରରେ ଗୁରୁତ୍ୱାରୋପ କରାଯାଇଥିଲା।

## ଗଜପତି କପିଳେନ୍ଦ୍ର ଦେବଙ୍କ ରାଜ୍ୟାଭିଷେକ ଦିବସରେ ମୁଖ୍ୟମନ୍ତ୍ରୀ ଜଣାଇଲେ ଶୁଭେଚ୍ଛା

ଭୁବନେଶ୍ୱର, ୨୯/୬(ନିପ୍ର): ମହାପ୍ରତାପୀ ସମ୍ରାଟ ଗଜପତି କପିଳେନ୍ଦ୍ର ଦେବଙ୍କ ରାଜ୍ୟାଭିଷେକ ଦିବସରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁଭେଚ୍ଛା ଜଣାଇଛନ୍ତି । ଏନେଇ ସୋସିଆଲ ମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ ଏକ ବାର୍ତ୍ତା ସେୟାର କରି କହିଛନ୍ତି ଯେ, ଓଡ଼ିଆ ସ୍ୱାଭିମାନ, ବୀରତ୍ୱ ଓ ଶୌର୍ଯ୍ୟର ମୂର୍ତ୍ତିମନ୍ତ ପ୍ରତୀକ ମହାପ୍ରତାପୀ ସମ୍ରାଟ ଗଜପତି କପିଳେନ୍ଦ୍ର ଦେବଙ୍କ ରାଜ୍ୟାଭିଷେକ ଦିବସ ଅବସରରେ ସମସ୍ତଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ। ସେ କହିଛନ୍ତି ଯେ, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ସାକ୍ଷୀ ରଖି ଓଡ଼ିଆ ଜାତିକୁ ଏକ ସୂତ୍ରରେ ବାନ୍ଧିବା ସହ ଏକ ବିଶାଳ ଓ ଅଜେୟ ସାମ୍ରାଜ୍ୟ ଗଠନ କରିଥିବା ଗଜପତି କପିଳେନ୍ଦ୍ର ଦେବଙ୍କ ବୀରଗାଥା ଆମ ଇତିହାସର ସ୍ୱର୍ଣ୍ଣିମ ଅଧ୍ୟାୟ। କେବଳ ରଣାଙ୍ଗନରେ ନୁହେଁ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ସୁରକ୍ଷା ତଥା ସାଂସ୍କୃତିକ ନବଜାଗରଣ ପାଇଁ ତାଙ୍କର ଅବଦାନ ଅତୁଳନୀୟ।

## ହଟିଲା ଡିଜେଲ କଟକଣା,ଗ୍ରାହକ ଆଶ୍ୱସ୍ତ

ନୂଆଦିଲ୍ଲୀ,୨୯।୬: ସରକାର ପେଟ୍ରୋଲ ଏବଂ ଡିଜେଲ ସମ୍ପର୍କରେ ଜନସାଧାରଣଙ୍କୁ ଗୁରୁତ୍ୱପୂର୍ଣ୍ଣ ଆଶ୍ୱସ୍ତି ପ୍ରଦାନ କରିଛନ୍ତି। କେନ୍ଦ୍ର ସରକାର ପେଟ୍ରୋଲ ଏବଂ ଡିଜେଲର ବିକ୍ରୟ ଏବଂ ବଣ୍ଟନ ଉପରେ ଅସ୍ଥାୟୀ କଟକଣା ଉଠାଇବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ନିଷ୍ପତ୍ତି ୧ ଜୁଲାଇ, ୨୦୨୬ରୁ କାର୍ଯ୍ୟକାରୀ ହେବ।ମଧ୍ୟପ୍ରାଚ୍ୟ ସଙ୍କଟ ସମୟରେ ଇନ୍ଧନ ଉପଲବ୍ଧତା ବଜାୟ ରଖିବା ଏବଂ କଳାବଜାରୀ ରୋକିବା ପାଇଁ କେନ୍ଦ୍ର ସରକାର ୧୨ ଜୁନ ୨୦୨୬ ରେ ଅସ୍ଥାୟୀ ନିୟମାବଳୀ ଲାଗୁ କରିଥିଲେ। ଏହି ନିୟମାବଳୀ ଅନୁଯାୟୀ, ପ୍ରତିଦିନ ପ୍ରତି ଗାଡ଼ିରେ ସର୍ବାଧିକ ୨୦୦ ଲିଟର ଡିଜେଲ ପେଟ୍ରୋଲ ପମ୍ପରୁ ବିକ୍ରୟ କରାଯାଇପାରିବ। ଶିଳ୍ପ, ବାଣିଜ୍ୟିକ ଏବଂ ସଂସ୍ଥାଗତ ଗ୍ରାହକମାନଙ୍କୁ ଖୁଚୁରା ପେଟ୍ରୋଲ ପମ୍ପ ପରିବର୍ତ୍ତେ ନିର୍ଦ୍ଦିଷ୍ଟ ଉପଭୋକ୍ତା ପମ୍ପରୁ ଇନ୍ଧନ କିଣିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ପେଟ୍ରୋଲିୟମ ମନ୍ତ୍ରଣାଳୟ କହିଛି ଯେ, ଦେଶରେ ପେଟ୍ରୋଲ ଏବଂ ଡିଜେଲର ଯୋଗାଣ ଏବେ ସ୍ୱାଭାବିକ ହୋଇଛି। ଇନ୍ଧନ ଉପଲବ୍ଧତା ପର୍ଯ୍ୟାପ୍ତ, ଏବଂ ପରିସ୍ଥିତିରେ ଉନ୍ନତି ହୋଇଥିବାରୁ ଏହି କଟକଣାଗୁଡ଼ିକ ଆଉ ଆବଶ୍ୟକ ନାହିଁ।ସରକାରଙ୍କ ଅନୁଯାୟୀ, ପଶ୍ଚିମ ଏସିଆ ସଙ୍କଟ ସମୟରେ ସାଧାରଣ ଲୋକଙ୍କ ପାଇଁ ପେଟ୍ରୋଲ ଏବଂ ଡିଜେଲର ଉପଲବ୍ଧତା ବଜାୟ ରଖିବାରେ ଏହି ଅସ୍ଥାୟୀ ନିୟମଗୁଡ଼ିକ ସାହାଯ୍ୟ କରିଥିଲା ଏବଂ କଳାବଜାରୀ ଏବଂ ଗଚ୍ଛିତ ରଖିବାରେ ମଧ୍ୟ ରୋକ ଲଗାଇଥିଲା।

## ଜୁଲାଇ ୨ରୁ ମାଟ୍ରିକ ସପ୍ଲିମେଣ୍ଟାରୀ ପରୀକ୍ଷା

କଟକ,୨୯।୬: ଜୁଲାଇ ୨ ତାରିଖରୁ ଅନୁଷ୍ଠିତ ହେବାକୁ ଯାଉଛି ମାଟ୍ରିକ ସପ୍ଲିମେଣ୍ଟାରୀ ପରୀକ୍ଷା । ଏହା ଜୁଲାଇ ୧୦ ତାରିଖରେ ଶେଷ ହେବ । ଚଳିତବର୍ଷ ୨୪ ହଜାର ୪୭୦ ଜଣ ପରୀକ୍ଷାର୍ଥୀ ସପ୍ଲିମେଣ୍ଟାରୀ ପରୀକ୍ଷା ଦେବେ । ସେମାନଙ୍କ ମଧ୍ୟରୁ ୧୫ ହଜାର ୭୧ ଜଣ ରାଜ୍ୟ ମୁକ୍ତ ବିଦ୍ୟାଳୟ ପାଇଁ ଏବଂ ଚଳିତ ବର୍ଷ ଅକୃତକାର୍ଯ୍ୟ ହୋଇଥିବା ୯ ହଜାର ୩୯୯ ଜଣ ପରୀକ୍ଷାର୍ଥୀ ଏହି ପରୀକ୍ଷା ଦେଉଛନ୍ତି । ରାଜ୍ୟର ୩୦ଟି ଜିଲ୍ଲାର ୨୫୪ଟି କେନ୍ଦ୍ରରେ ମାଟ୍ରିକ ସପ୍ଲିମେଣ୍ଟାରୀ ପରୀକ୍ଷା କରାଯିବ । ଏଥିପାଇଁ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରାଯାଇଥିବା ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ ସୂଚନା ଦେଇଛନ୍ତି ।

## ଝରାଫୁଲ ଦୋଷୀଙ୍କୁ ଆଜୀବନ, ସହଯୋଗୀଙ୍କୁ ୫ ବର୍ଷ ଜେଲଦଣ୍ଡ

ଭୁବନେଶ୍ୱର/ଯାଜପୁର ଟାଉନ,୨୯।୬: ବହୁଚର୍ଚ୍ଚିତ ରମାଦେବୀ ମହିଳା ମହାବିଦ୍ୟାଳୟର ଛାତ୍ରୀ ଝରାଫୁଲ ହତ୍ୟା ମାମଲାରେ ରାୟ ଆସିଛି। ମୁଖ୍ୟ ଦୋଷୀ ରାକେଶ କୁମାର ସ୍ୱାଇଁଙ୍କୁ ଆଜୀବନ କାରାଦଣ୍ଡାଦେଶ କରାଯାଇଥିବାବେଳେ ସହଯୋଗୀଙ୍କୁ ୫ ବର୍ଷ ଜେଲଦଣ୍ଡ । ରାୟ ଶୁଣାଇଛନ୍ତି ଅତିରିକ୍ତ ଯାଜପୁର ଅତିରିକ୍ତ ଜିଲ୍ଲା ଦୌରାଜଜ୍ । ଝରାଫୁଲଙ୍କୁ ଭବନେଶ୍ୱର ହୋଟେଲ ରୁମରେ ହତ୍ୟା କରି ଯାଜପୁରରେ ମୃତଦେହ ଫିଙ୍ଗା ଯାଇଥିଲା । ଘଟଣାର ମୁଖ୍ୟ ଦୋଷୀ ହେଲେ ଭୁବନେଶ୍ୱର ଏଆରଫିଲଡ଼ ଥାନା ସୁନ୍ଦରପଦା ଅଞ୍ଚଳର ରାକେଶ କୁମାର ସ୍ୱାଇଁ । ୨୦୨୧ ମସିହା ଜାନୁଆରୀ ୨୬ ତାରିଖରେ ଭୁବନେଶ୍ୱର ଶିବ ସାଇ ହୋଟେଲ ରୁମରେ ତାଙ୍କ ମହିଳା ବନ୍ଧୁଙ୍କୁ ହତ୍ୟାକରି ସ୍କୁଟିରେ ଆଣି ଯାଜପୁର ଜିଲ୍ଲା କୁଆଖିଆ ଥାନା ମୂଳାପାଳ ନିକଟରେ ରାସ୍ତାକଡ଼ରେ ମୃତଦେହକୁ ପୋତି ଥିଲେ । ଏ ନେଇ କୁଆଖିଆ ଥାନାରେ ଝରାଫୁଲଙ୍କ ପରିବାର ଲୋକେ ଲିଖିତ ଅଭିଯୋଗ କରିଥିଲେ ।ଅଭିଯୋଗକୁ ଭିତ୍ତି କରି ଘଟଣାରେ ୩ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା । ସୋମବାର ଏହି ମାମଲାର ଶୁଣାଣି ହୋଇଥିଲା । ୨୨ ଜଣଙ୍କ ସାକ୍ଷ୍ୟ ପ୍ରମାଣ ଓ ୩୬ ଗୋଟି ଦସ୍ତାବିଜକୁ ଆଧାର କରି ଦୋଷୀଙ୍କୁ ଆଇପିସିର ଦଫା ୩୦୨ ଅନୁସାରେ ଆଜୀବନ କାରାଦଣ୍ଡାଦେଶ ସହ ୧ ଲକ୍ଷ ଟଙ୍କା ଜରିମାନା ପାଇଁ ରାୟ ଶୁଣାଇଛନ୍ତି । ଜରିମାନା ଅନାଦାୟ ହେଲେ ୧୨ମାସ ଅଧିକ କାରାଦଣ୍ଡାଦେଶ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଘଟଣାର ଅନ୍ୟତମ ଅଭିଯୁକ୍ତ ଶକ୍ତି ଶେଖର ସ୍ୱାଇଁଙ୍କ ବିରୋଧରେ କୌଣସି ପ୍ରମାଣ ନ ମିଳିବାରୁ ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି । ଏଥି ସହ ସହଯୋଗୀ ଅମରେଶ ରାଉତଙ୍କୁ ପ୍ରମାଣ ନଷ୍ଟ ଅଭିଯୋଗରେ ୫ବର୍ଷ କାରାଦଣ୍ଡାଦେଶ ସହ ୧୦ ହଜାର ଟଙ୍କା ଜରିମାନା ଓ ଅନାଦେୟ ୩ ବର୍ଷ ଅଧିକ ଜେଲ ପାଇଁ ରାୟ ଶୁଣାଣି କରିଛନ୍ତି ।

## ଆଜିଠୁ ଅଲାରନାଥରେ ଅଣସର ଦର୍ଶନ



ବ୍ରହ୍ମଗିରି, ୨୯/୬(ନିପ୍ର): ଅତ୍ୟଧିକ ସ୍ନାନ ଯୋଗୁ ଜ୍ୱରରେ ପୀଡ଼ିତ ହୋଇଛନ୍ତି ଶ୍ରୀଜିଉ । ମହାପ୍ରଭୁଙ୍କ ଅଣସର ଯୋଗୁ ଶ୍ରୀମନ୍ଦିରରେ ଦର୍ଶନରୁ ବଞ୍ଚିତ ହେବେ ଭକ୍ତ । ଏଥିପାଇଁ ମଙ୍ଗଳବାରଠାରୁ ଅଲାରନାଥରେ ଆରମ୍ଭ ହେବ ଅଣସର ଦର୍ଶନ । ବିଶ୍ୱାସ ରହିଛି, ଶ୍ରୀମନ୍ଦିରର ରତ୍ନସିଂହାସନରେ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କଲେ ଯେଉଁ ପୁଣ୍ୟ ମିଳେ, ଅଣସର ସମୟରେ ବ୍ରହ୍ମଗିରି ସ୍ଥିତ ଅଲାରନାଥଙ୍କୁ ଦର୍ଶନ କଲେ ସମାନ ପୁଣ୍ୟ ମିଳିଥାଏ । ଏଥିପାଇଁ ଆଜିଠାରୁ ୧୪ ଦିନ ଦିନ ପାଇଁ ଅଲରାନାଥଙ୍କ ଦର୍ଶନ ପାଇଁ ଭିଡ଼ ଜମିବ । ପୁରୀରେ ମହାପ୍ରଭୁଙ୍କ ଦର୍ଶନରୁ ବଞ୍ଚିତ ଭକ୍ତଙ୍କୁ ଅଲାରନାଥଙ୍କ ରୂପରେ ଦର୍ଶନ ଦେବେ ପ୍ରଭୁ ଜଗନ୍ନାଥ । ରାଜ୍ୟ ଓ ରାଜ୍ୟ ବାହାରୁ ଶ୍ରଦ୍ଧାଳୁଙ୍କ ଆଗମନକୁ ଦୃଷ୍ଟିରେ ରଖି ପ୍ରସ୍ତୁତି କରାଯାଇଛି । ଭୋର ୪ଟାରୁ ମନ୍ଦିର ଖୋଲା ଯାଇ ମଙ୍ଗଳ ଆଳତି ପରେ ସର୍ବସାଧାରଣ ଦର୍ଶନ ଚାଲୁ ରହିବ । ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ୧୦ ପ୍ଲାଟୁନ ଫୋର୍ସ ନିୟୋଜିତ ହେବେ । ଏଥିସହ ଜଣେ ଅତିରିକ୍ତ ଏସପି, ୪ ଜଣ ଡିଏସପି, ୨୦ ଜଣ ଆଇଆଇସିଙ୍କ ସମେତ ମୋଟ ୫୦ ଜଣ ଅଫିସର ନିୟୋଜିତ ରହିବେ । ୭୦ଟି ସିସିଟିଭି କ୍ୟାମେରା ନଜରରେ ରହିବ ଅଲାରନାଥ ମନ୍ଦିର । ଟ୍ରାଫିକ ନିୟନ୍ତ୍ରଣ ପାଇଁ ମଧ୍ୟ ବ୍ୟାପକ ବନ୍ଦୋବସ୍ତ କରାଯାଇଛି ।

## ମା ମଝିଘରିଆଣୀ ମନ୍ଦିର ହୁଣ୍ଡିରୁ ମିଳିଲା ୧.୨୬ କୋଟି



ରାୟଗଡା,୨୯।୬: ରାୟଗଡା ଜିଲ୍ଲାର ମା ମଝିଘରିଆଣୀ ମନ୍ଦିରକୁ ଭକ୍ତମାନେ ୧.୨୬ କୋଟିରୁ ଅଧିକ ଦାନ କରିଛନ୍ତି। ସୋମବାର ନଅଟି ମନ୍ଦିର ହୁଣ୍ଡି (ଦାନ ବାକ୍ସ) ଖୋଲିବା ପରେ ନଗଦ, ସୁନା, ରୁପା ଏବଂ ବିଦେଶୀ ମୁଦ୍ରା ମିଳିଛି, ମନ୍ଦିର କର୍ତ୍ତୃପକ୍ଷ କହିଛନ୍ତି।ହୁଣ୍ଡିରୁ ମୋଟ ୧,୨୨,୨୯,୬୨୩ ଭାରତୀୟ ମୁଦ୍ରା, ୩୨ ଗ୍ରାମ ସୁନା ଏବଂ ୧.୩ କିଲୋ ରୁପା ଉଦ୍ଧାର କରାଯାଇଛି। ଏହା ସହିତ, ଭକ୍ତମାନେ ମନ୍ଦିର ଟ୍ରଷ୍ଟକୁ ଅନଲାଇନ୍ ଦାନ ମାଧ୍ୟମରେ ୩,୯୭,୨୫୧.୩୫ ଦାନ କରିଛନ୍ତି, ଯାହା ମୋଟ ସଂଗ୍ରହ ୧,୨୬,୨୬,୮୭୪.୩୫ କୁ ବୃଦ୍ଧି କରିଛି।ମନ୍ଦିର କର୍ତ୍ତୃପକ୍ଷ କହିଛନ୍ତି ଯେ ଦାନ ବାକ୍ସରୁ ନଅଟି ଦେଶର ବିଦେଶୀ ମୁଦ୍ରା ମଧ୍ୟ ଉଦ୍ଧାର କରାଯାଇଛି। ଏଥିରେ ଆମେରିକା, କାନାଡା, ଅଷ୍ଟ୍ରେଲିଆ, ସଂଯୁକ୍ତ ଆରବ ଏମିରେଟ୍ସ, ନେପାଳ, କତାର ଏବଂ ଫିଲିପାଇନ୍ସ ଇତ୍ୟାଦିର ମୁଦ୍ରା ଅନ୍ତର୍ଭୁକ୍ତ।

## ସାରା ରାଜ୍ୟରେ ମହାପ୍ରଭୁଙ୍କ ମହାସ୍ନାନ ଓ ଗଜାନନ ବେଶ

ହିଞ୍ଜିଳିକାଟୁ,୨୯।୬(ନିପ୍ର): ହିଞ୍ଜିଳିକାଟୁ ପୌରାଞ୍ଚଳ ବଇଁଚବଣିଆ ସ୍ଥିତ ପାବନ ଶ୍ରୀକ୍ଷେତ୍ର ଶ୍ରୀଜଗନ୍ନାଥ ମନ୍ଦିରରେ ଶ୍ରୀଜୀଉମାନଙ୍କ ମହାସ୍ନାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଭୋର ୪ ଟା ୩୦ ମିନଟରେ ଶ୍ରୀଜୀଉମାନଙ୍କ ମଙ୍ଗଳ ଆଳତି କରାଯାଇ ବଲ୍ଲଭଭୋଗ, ଦ୍ୱାରପାଳ ପୂଜା ସମାପନ ପରେ ଠାକୁରମାନଙ୍କ ଅବକାଶ, ମଇଲମ ଓ ଅନ୍ୟାନ ନିତ୍ୟ ସେବା ଆରମ୍ଭ କରାଯାଇଥିଲା । ଦିନ ସାଢେ ୧୧ ଟାରେ ଧାଡ଼ି ପହଣ୍ଡିରେ ବିଭିନ୍ନ ବାଦ୍ୟ ବାଜଣା, ଶଙ୍ଖଧ୍ୱନି, ହୁଳହୁଳି, ଛତ୍ରଚାମର ଆଲଟ ସହ ଶ୍ରୀ ସୁଦର୍ଶନ, ଶ୍ରୀ ବଳଭଦ୍ର, ଦେବୀ ସୁଭଦ୍ରା, ଶ୍ରୀ ଜଗନ୍ନାଥଙ୍କୁ ପହଣ୍ଡି କରାଯାଇ ସ୍ନାନ ମଣ୍ଡପରେ ବିଜେ କରାଯାଇଥିଲା । ଏଠାରେ ସମୁଦ୍ର ଓ ବିଭିନ୍ନ ପବିତ୍ର ନଦୀଜଳ ସମ୍ମିଶ୍ରଣରେ ଶ୍ରୀମନ୍ଦିରସ୍ଥ ସୁନାକୂଅରୁ ସଂଗୃହୀତ ୧୦୮ କୁମ୍ଭ ଜଳରେ ବିଭିନ୍ନ ପ୍ରକାର ସୁବାଷିତ ଦ୍ରବ୍ୟ ଓ ମୋହଷଧି ମିଶ୍ରଣ ପୂର୍ବକ ସ୍ନାନ ଜଳରେ ପ୍ରଥମେ ଶ୍ରୀ ବଳଭଦ୍ରଙ୍କୁ ୩୩, ଶ୍ରୀ ଜଗନ୍ନାଥଙ୍କୁ ୩୫, ଶ୍ରୀ ସୁଭଦ୍ରାଙ୍କୁ ୨୨ ଓ ଶ୍ରୀ ସୁଦର୍ଶନଙ୍କୁ ଯଥାକ୍ରମେ ୧୮ କୁମ୍ଭ ଜଳରେ ମହାସ୍ନାନ କରାଯାଇଥିଲା ।

**ବେଲଗୁଣ୍ଠା:** ପବିତ୍ର ଦେବସ୍ନାନ ପୂର୍ଣ୍ଣିମା ଅବସରରେ ବେଲଗୁଣ୍ଠା ସହର ସମେତ ଏହି ବ୍ଲକ୍ ଅନ୍ତର୍ଗତ ବିଭିନ୍ନ ଗ୍ରାମରେ ଥିବା ଜଗନ୍ନାଥ ମନ୍ଦିରରେ ମହାପ୍ରଭୁଙ୍କ ସ୍ନାନଯାତ୍ରା ରୀତିନୀତି ମୁତାବକ ଅନୁଷ୍ଠିତ ହୋଇଯାଇଛି। ଏହି



ଅବସରରେ ବେଲଗୁଣ୍ଠାର ପେଣ୍ଠ ସାହି, ବାଲିଡି ସାହିର ଜଗନ୍ନାଥ ମନ୍ଦିର, ପାଇଲିପଡ଼ା, ଜୟନ୍ତିଗଡ ଏବଂ ମାଧବରିଡାର ଜଗନ୍ନାଥ ମନ୍ଦିର ଏବଂ ଗୋବରା ଗ୍ରାମର ଦଧିବାମନ ଜୀଉ ମନ୍ଦିରରେ ମହାପ୍ରଭୁଙ୍କ ସ୍ନାନଯାତ୍ରା ନିର୍ଦ୍ଧାରିତ ନୀତିନିର୍ଘଣ୍ଟରେ ସମାପନ ହୋଇଛି। ଏହି ଅବସରରେ ମହାପ୍ରଭୁଙ୍କ ହାତୀବେଶ ଦେଖିବା ପାଇଁ ସହସ୍ରାଧିକ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ଆଜି ବେଲଗୁଣ୍ଠାରେ ଭୋର୍ ୫ ଟାରେ ମହାପ୍ରଭୁଙ୍କ ମଙ୍ଗଳ ଆଳତି ପରେ ମହାପ୍ରଭୁ ଦଧି ବାମନ, ମଦନ ମୋହନ ଏବଂ ମାଧବଙ୍କ ପହଣ୍ଡି ଅନୁଷ୍ଠିତ ହୋଇଥିଲା। ଏହାପରେ ୧୦୮ ସୁବାସିତ ଜଳରେ ମହାପ୍ରଭୁଙ୍କ ସ୍ନାନ ଅନୁଷ୍ଠିତ ହୋଇଥିଲା। ଏହାପରେ ଅପରାହ୍ଣ ୪ ଘଣ୍ଟା ସମୟରେ ଶ୍ରୀ ଜିଉ ଅଣସର ପିଣ୍ଡିକୁ ବିଜେ କରିଥିଲେ।

**ନିରାକାରପୁର:** ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ସ୍ଥିତ ଆରାଧ୍ୟ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ସ୍ନାନ ପୂର୍ଣ୍ଣିମା ଉତ୍ସବ ମନ୍ଦିର ପରିଚାଳନା ଟ୍ରଷ୍ଟ ପକ୍ଷରୁ ନୀତିକାନ୍ତି ସହିତ କରାଯାଇଛି । ସକାଳୁ ବଳଭଦ୍ର, ସାନ ଭାଇ ଜଗନ୍ନାଥ ଓ ମା' ସୁଭଦ୍ରାଙ୍କୁ ସ୍ନାନ ମଣ୍ଡପକୁ ବିଜେ କରାଯାଇଥିଲା । ସକାଳ ୮ ଟାରେ ସ୍ନାନ ମଣ୍ଡପରେ ଜୟ ମଙ୍ଗଳା ଆଳତୀ ପରେ ପୂର୍ବାହ୍ନ ୧୦ଟାରେ ସ୍ନାନ ବେଦୀରେ ସ୍ନାନ ପୂର୍ଣ୍ଣିମା ନୀତିକାନ୍ତି ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ୧୦୮ କଳସୀ ଜଳରେ ଶ୍ରୀଜୀଉମାନଙ୍କୁ ସ୍ନାନ କରାଯାଇଥିଲା । ମଧ୍ୟାହ୍ନ ୧୨ଟାରେ ବଲ୍ଲଭ ମଣୋହୀ ନୀତି ହୋଇ ମଧ୍ୟାହ୍ନ ରେ ମଙ୍ଗଳାର୍ପଣ କରାଯାଇଥିଲା । ଦିନ ସାଢେ ଗୋଟାଏରେ ଗଜାନନ ବା ହାତୀ ବେଶରେ ତିନି ଠାକୁର ଭକ୍ତମାନଙ୍କୁ ଦର୍ଶନ ଦେଇଥିଲେ । ଦିନରେ ଖେଚୁଡ଼ି ଧୂପ ଅନୁଷ୍ଠିତ ହେବା ପରେ ରାତ୍ରରେ ତିନି ଠାକୁର ଅଣବସର ଘରେ ପ୍ରବେଶ କରିଛନ୍ତି ।

**ନୟାଗଡ଼:** ଆଷାଢ଼ ମାସର ପବିତ୍ର ସ୍ନାନ ପୂର୍ଣ୍ଣିମା ଅବସରରେ ସ୍ନାନମଣ୍ଡପରେ ଚତୁର୍ଦ୍ଧାମୂର୍ତ୍ତି ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା ଓ ଶ୍ରୀସୁଦର୍ଶନଙ୍କ ମହାସ୍ନାନ ନୀତି ଭକ୍ତିମୟ ପରିବେଶରେ ସମ୍ପନ୍ନ ହୋଇଛି। ବୈଦିକ ମନ୍ତ୍ରୋଚ୍ଚାରଣ, ଘଣ୍ଟ, କାହାଳୀ ଓ ହରିବୋଲ ଧ୍ୱନି ମଧ୍ୟରେ ଠାକୁରମାନଙ୍କୁ ପହଣ୍ଡିରେ ସ୍ନାନମଣ୍ଡପକୁ ବିଜେ କରାଯାଇଥିଲା। ପାରମ୍ପରିକ ରୀତିନୀତି ଅନୁଯାୟୀ ପବିତ୍ର ଜଳରେ ମହାପ୍ରଭୁଙ୍କ ମହାସ୍ନାନ ସମ୍ପନ୍ନ ହେବା ପରେ ଚତୁର୍ଦ୍ଧାମୂର୍ତ୍ତି ଭକ୍ତମାନଙ୍କୁ ଦିବ୍ୟ ଦର୍ଶନ ଦେଇଥିଲେ। ଏହି ପବିତ୍ର ଦର୍ଶନ ପାଇଁ ସକାଳୁ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା। ଶୃଙ୍ଖଳିତ ଭାବେ ଦର୍ଶନ କରି ଭକ୍ତମାନେ ମହାପ୍ରଭୁଙ୍କ ଆଶୀର୍ବାଦ ଲାଭ କରିଥିଲେ। ସ୍ନାନଯାତ୍ରା ପରେ ମହାପ୍ରଭୁ ଅନବସର ଗୃହକୁ ବିଜେ ଓ କିଛିଦିନ ଶ୍ରଦ୍ଧାଳୁ ଙ୍କ ପାଇଁ ସାଧାରଣ ଦର୍ଶନ ବନ୍ଦ ରହିବ। ପରେ ନବଯୌବନ ବେଶରେ ଦର୍ଶନ ଦେଇ ଘୋଷ ଯାତ୍ରା ରେ ଭକ୍ତମାନଙ୍କୁ ପୁଣି ଦର୍ଶନ ଦେବେ।

Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com
ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ
ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ